R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୦୩
ତିଥି : ପୂର୍ଣ୍ଣିମା
୦୭ ଅକ୍ଟୋବର ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ


ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

# କର୍ଫ୍ୟୁ ଆଉ ୨୪ ଘଣ୍ଟା, ଶାନ୍ତ ହେଉଛି କଟକ

କଟକ, ୬ ।୧୦ (ସବ୍ୟୁ) : ଧୀରେ ଧୀରେ କଟକ ହେଉଛି ଶାନ୍ତ। ଅଶାନ୍ତ ହୋଇଥିବା କଟକରେ ଉତ୍ତେଜନା କ୍ରମଶଃ ହ୍ରାସ ପାଉଥିଲାବେଳେ ପୋଲିସ୍‌ର ସୁରକ୍ଷା ଏବେବି ବଳବତ୍ତର। ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ କଟକ ବନ୍ଦ ଡାକରା ଦେଇଥିବା ବିଶ୍ୱହିନ୍ଦୁ ପରିଷଦର କର୍ମୀ ଓ ପୋଲିସ୍ ମଧ୍ୟରେ କାଲି ଯେଉଁ ଖଣ୍ଡଯୁଦ୍ଧ ହୋଇଥିଲା ତାହାର ଫଳ ସ୍ୱରୂପ କଟକ ଅଶାନ୍ତ ହୋଇ ପଡିଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୩୬ଘଣ୍ଟିଆ କର୍ଫ୍ୟୁ ଘୋଷଣା କରାଯାଇଥିଲା। (୯ ପୃଷ୍ଠାରେ)



- ୬୦ ପ୍ଲାଟୁନ୍ ପୋଲିସ୍ ନଜରରେ କଟକ
- ଭାଇଚାରା ଭାଙ୍ଗିବାକୁ ହୋଇଛି ଷଡଯନ୍ତ୍ର : ଶାନ୍ତି କମିଟି
- ଇଣ୍ଟରନେଟ୍ ସେବା ଆହୁରି ୨୪ଘଣ୍ଟା ଅଚଳ
- ୩ଟି ମାମଲା ରୁଜୁ, ୮ ଗିରଫ
- ୧୩ ଥାନା ଅଞ୍ଚଳରୁ ୩ ଶହ ଅମାନିଆ ଅଟକ
- ସୋସିଆଲ୍ ମିଡିଆକୁ ବିଶ୍ୱାସ କରନ୍ତୁ ନାହିଁ
- ଯିଏ ହେଉ ନା କାହିଁକି ଆଇନ୍ ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ

# ନୂଆପଡାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା

ଭୁବନେଶ୍ୱର/ନୂଆପଡା ୬ ।୧୦ (ସବ୍ୟୁ): ନୂଆପଡା ବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା। ସେମାନେ ଯେତେବେଳେ ଚାହିଁବେ, ମୋତେ ଭେଟିପାରିବେ। ସେମାନଙ୍କ କୌଣସି ସମସ୍ୟା ଯଦି ମୋ ନଜରକୁ ଆସେ, ତେବେ ସେ ସବୁକୁ ଗୁରୁତ୍ୱ ଦିଆଯାଇ ସମାଧାନ କରିବାକୁ ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆପଡା ଗସ୍ତ କରି ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି।

ନୂଆପଡା ଉପନିର୍ବାଚନ ଘୋଷଣା ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡା ଗସ୍ତ କରି ୧୧୦୦ରୁ ଅଧିକ କୋଟି



ପ୍ରକଳ୍ପର ଘୋଷଣା କରିବା ସହ ଖରିଆର ରୋଡ୍‌କୁ ମୁନିସିପାଲଟି ଓ କୋମନା ଏବଂ ସିନାପଲ୍ଲୀକୁ ନୂତନ ଏନ୍ଏସି ଭାବେ ଘୋଷଣା କରିଛନ୍ତି। (୯ ପୃଷ୍ଠାରେ)

# ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ

ଭୁବନେଶ୍ୱର, ୬ ।୧୦ (ସବ୍ୟୁ): ବହୁ ପ୍ରତୀକ୍ଷିତ ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ଆସନ୍ତା ନଭେମ୍ବର ୧୧ ତାରିଖରେ ମତଦାନ ହେବ। ନଭେମ୍ବର ୧୪ ତାରିଖରେ ମତଦାନର ଗଣତି ହେବା ସହିତ ଫଳାଫଳ ପ୍ରକାଶ ପାଇବ । ଏଥିପାଇଁ ଚଳିତ ଅକ୍ଟୋବର ୧୩ ତାରିଖ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଅକ୍ଟୋବର ୨୦ ତାରିଖକୁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଛି ।ଅକ୍ଟୋବର ୨୨ରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ । ଅକ୍ଟୋବର ୨୪ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିବ। ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରସନ୍ତ ଗୋପାଳନ (୯ ପୃଷ୍ଠାରେ)

- ସମସ୍ତ ବୁଥରେ ହେବ ୱେବ୍ କାଷ୍ଟିଂ
- ଲାଗୁ ହେଲା ଆଦର୍ଶ ଆଚରଣ ବିଧି
- ୧୩ରୁ ନାମାଙ୍କନ, ୨୪ରେ ପ୍ରତ୍ୟାହାର
- ନଭେମ୍ବର ୧୪ରେ ଭୋଟ ଗଣତି

# ମେଡିସିନ୍‌ରେ ୩ ଜଣଙ୍କୁ ନୋବେଲ

ନୂଆଦିଲ୍ଲୀ, ୬ ।୧୦ ଭେଷଜ୍ (ମେଡିସିନ୍)ରେ ଏଥର ୩ ଡାକ୍ତରଙ୍କୁ ମିଳିତ ଭାବେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ପେରିଫେରଲ ଇମ୍ୟୁନିଟ୍ ସମ୍ପର୍କିତ ସହିତ ଗବେଷଣା ପାଇଁ ୨୦୨୫ରେ ମେଡିସିନ୍ କ୍ଷେତ୍ରରେ ଆମେରିକୀୟ ବୈଜ୍ଞାନିକ ମେରି ବ୍ରଙ୍କୋ ଫ୍ରେଡ୍ ରାମସଡେଲ୍ ଓ ଜାପାନର ସିମାନ ସାକାଗୁଚି ଏହି ପୁରସ୍କାର ପାଇବେ। ସୁଡେନ୍‌ର କାରୋଲିନାସ୍କା ଇନଷ୍ଟିଚ୍ୟୁଟ୍ ନୋବେଲ ଆସେମ୍ବ୍ଲି ଏହି ପୁରସ୍କାର ଘୋଷଣା କରିଛନ୍ତି। ନୋବେଲ ବିଜେତାଙ୍କୁ ପରସ୍କାର ସ୍ୱରୂପ ୧.୨ ମିଲିୟନ ଡଲାର ଓ ସ୍ୱର୍ଣ୍ଣ ପଦକ ମିଳିବ।

କର୍କଟ ଓ ଅଟୋଇମ୍ୟୁନ୍ ରୋଗର ଚିକିତ୍ସା ପାଇଁ ନୂଆ ଉପାୟ ବାହାର କରାଯାଇଛି। ବୈଜ୍ଞାନିକମାନେ ସ୍ୱାଶ ପ୍ରତିରକ୍ଷା ସହନଶୀଳତା ଉପରେ ସେମାନଙ୍କ କ୍ରାନ୍ତିକାରୀ ଗବେଷଣା ଉପରେ ଏହି ପୁରସ୍କାର ପାଇଛନ୍ତି। ଏହି ପ୍ରକ୍ରିୟା ଦ୍ୱାରା ଆମ ପ୍ରତିରକ୍ଷା ପ୍ରଣାଳୀ ଶରୀରର ନିଜସ୍ୱ ଟିସୁ ଗୁଡିକ ଆକ୍ରମଣ କରେ ନାହିଁ। ବରଂ ସ୍ୱୟଂ ଭାବେ ଚିହ୍ନଟ କରିଥାଏ। ଅକ୍ଟୋବର ୬ ରୁ ଆରମ୍ଭ ହୋଇଥିବା ନୋବେଲ ପୁରସ୍କାର ଘୋଷଣା ଅକ୍ଟୋବର ୧୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଡସେମ୍ବର ୧୦ ସ୍ୱିଡେନ୍ ଓ ନରୱେ ରାଜ ପରିବାରଙ୍କ ଉପସ୍ଥିତିରେ ଏହି ପୁରସ୍କାର ସମାରୋହ ଅନୁଷ୍ଠିତ ହେବ।




## ଏସ୍ଆଇ ପରୀକ୍ଷା ଜାଲିଆତି

# ଆଉ ଜଣେ ଗିରଫ

ବାଲେଶ୍ୱର, ୬ ।୧୦ (ସବ୍ୟୁ): ବହୁଚର୍ଚ୍ଚିତ ପୋଲିସ ଏସଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତନାଘନା ଜାରି ରହିଛି । ତଦନ୍ତ ଯେତେ ଆଗକୁ ଯାଉଛି, ରହସ୍ୟ ସେତେ ପଦାକୁ ଆସୁଛି । ର୍ୟାକେଟର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଫେରାର ଥିବାବେଳେ ତାଙ୍କର ସବୁ ଲିଙ୍କ ଓ କେଳେଙ୍କାରୀର ପର୍ଦ୍ଦାଫାଶ କରିବାକୁ କ୍ରାଇମବ୍ରାଞ୍ଚ ଛାନଭିନ ଚଳାଇଛି ।

ଏସଆଇ ପରୀକ୍ଷା ଜାଲିଆତିରେ ବାଲେଶ୍ୱରରୁ ଆଉ ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ଗିରଫ ଅଭିଯୁକ୍ତ ହେଲେ ସଦର ବ୍ଲକ ଚାନ୍ଦିପୁର ଥାନା ତପସ୍ୱୀ ଗ୍ରାମର ଯୁବକ ଚନ୍ଦନ ମଲ୍ଲିକ । ସେ ଜଣେ ଯୁବନେତା ଓ ସମାଜସେବୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଚଢ଼ାଉ କରି କ୍ରାଇମବ୍ରାଞ୍ଚର ଏକ ଟିମ ତାଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି । ଏହି ଘଟଣାରେ କ୍ରାଇମବ୍ରାଞ୍ଚ ରବିବାର ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାବରା ଗ୍ରାମର ଅରବିନ୍ଦ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅରବିନ୍ଦ ମାଷ୍ଟରମାଇଣ୍ଡ ଶଙ୍କରଙ୍କର ସହଯୋଗୀ ତଥା ପଞ୍ଚମ ମଧ୍ୟସ୍ଥ ବୋଲି କୁହାଯାଉଛି ।






## ସୋସିଆଲ କୋଟ୍ସ



"ଜୀବନରେ ଅନେକ କ୍ଷେତ୍ରରେ ବିଫଳତା ଦେଖିଛି । ପ୍ରେମ, କ୍ୟାରିୟର ସବୁଥିରେ ବିଫଳ ହୋଇଛି । ଅନେକ ଷ୍ଟ୍ରଗଲ ପରେ ଯାଇ ସଫଳତା ମିଳିଥିଲା ।

**ମନୋଜ ବାଜପେୟୀ, ଅଭିନେତା**



"ଭଉଣୀର ନିର୍ବନ୍ଧ ମୋ ପାଇଁ ଯେତିକି ଖୁସିର ମୁହୂର୍ତ୍ତ ଥିଲା ସେତିକି ଭାବପ୍ରବଣତାର ମଧ୍ୟ । ବର୍ତ୍ତମାନ ମା'ଙ୍କ ଅଭାବ ଆହୁରି ଅଧିକ ଜଣାପଡିବ ।

**ଅର୍ଜୁନ କପୁର, ଅଭିନେତା**



"ଯେତେବେଳେ ମୁଁ ଶୋ'ରୁ ବାହାରକୁ ଆସିଲି, ସେତେବେଳେ ମୋତେ ଧମକ ମିଳିଥିଲା । ବଳତ୍କାର ସହିତ ଜୀବନରୁ ମାରିଦେବ ଭଳି ଧମକ ମଧ୍ୟ ମିଳିଛି । ମୁଁ ଏନେଇ ମେକର୍ସଙ୍କୁ ସୂଚନା ଦେଇଛି ।

**ଅହାନା କୁମରା, ଅଭିନେତ୍ରୀ**

---

୧୫୮୬– ଚକ୍ ରାଜବଂଶର ଶାସକ ୟୁସୁଫ୍ ଶାହ ଚକ୍‌ଙ୍କ ଆତ୍ମସମର୍ପଣ ପରେ କାଶ୍ମୀର ଉପରେ ମୋଗଲଙ୍କ କବଜା ।

୧୭୦୮– ଛୁରି ଦ୍ୱାରା ଆକ୍ରମଣ କରାଯିବା ପରେ ଶିଖ୍ ଗୁରୁ ଗୋବିନ୍ଦ ସିଂହଙ୍କ ଦେହାନ୍ତ ।

୧୯୩୧– ଦକ୍ଷିଣ ଆଫ୍ରିକାରେ ରଙ୍ଗଭେଦ ବିରୋଧରେ ଅଭିଯାନ ଚଳାଇଥିବା ତଥା ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ ଦେସମଣ୍ଡ୍ ଟୁଟୁଙ୍କ ଜନ୍ମ ।

୧୯୫୦– ମଦର ଟେରେସାଙ୍କୁ ମିସିଓନାରୀଜ୍ ଅଫ୍ ଚାରିଟିର ସ୍ଥାପନା କରିବା ଲାଗି ଅନୁମତି ମିଳିଲା ଏବଂ ସେ କଲିକତାରୁ ଏହାର ଶୁଭାରମ୍ଭ କଲେ ।

୧୯୫୨– ଚଣ୍ଡିଗଡ଼ ପଞ୍ଜାବର ରାଜଧାନୀ ହେଲା ।

୧୯୯୬– ଆମେରିକାରେ କେବଲ ନ୍ୟୁଜ୍ ନେଟ୍‌ୱର୍କ ଫକ୍ସ ନ୍ୟୁଜ୍ ଚାନେଲ୍‌ର ଶୁଭାରମ୍ଭ ।

୨୦୦୦– ଭାରତକୁ ପ୍ରଥମ ରାଜୀବ ଗାନ୍ଧୀ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର ପ୍ରାପ୍ତ ହେଲା ।

୨୦୦୦– ଜାପାନରେ ମାନବ କ୍ଲୋନିଙ୍ଗ୍ ଦଣ୍ଡନୀୟ ଅପରାଧ ଘୋଷିତ ହେଲା ।

## ଖାଦ୍ୟରେ ସାମିଲ କରନ୍ତୁ ମ୍ୟାଗ୍ନେସିଅମ

**ଶରୀରକୁ ସୁସ୍ଥ ରଖିବାକୁ ହେଲେ ଆମକୁ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱର ଆବଶ୍ୟକତା ପଡିଥାଏ । ଏଥିରେ ବିଭିନ୍ନ ପ୍ରକାରର ଯେପରି ପ୍ରୋଟିନ୍,ଫ୍ୟାଟ୍, ମିନେରାଲ୍ସ ଆଦି ସାମିଲ ଅଛି । ତେବେ ଏଥିରେ ସବୁଠାରୁ ଆଗରେ ରହିବ ମ୍ୟାଗ୍ନେସିୟମ । ମ୍ୟାଗ୍ନେସିୟମ ଆମ ଶରୀରରେ ହେଉଥିବା ଅନେକ ବାୟୋକେମିକାଲ୍ ପ୍ରୋସେସ୍ ପାଇଁ ଜରୁରୀ ହୋଇଥାଏ । ଏଥିରେ ଆମ ଶରୀରର ବିଭିନ୍ନ କାର୍ଯ୍ୟକଳାପ ଯେପରି ମେଟାବଲିଜିମ୍, ହାଡ ସୁସ୍ଥ ହେବା, ଖାଦ୍ୟରୁ ପ୍ରୋଟିନ୍ ଶରୀରରେ ମିଶିବା ଆଦି ସାମିଲ ରହିଛି । କେବଳ ଏତିକି ନୁହେଁ ମ୍ୟାଗ୍ନେସିୟମର ପ୍ରଭାବ ଆମର ରୋଗପ୍ରତିରୋଧକ ଶକ୍ତି ଉପରେ ମଧ୍ୟ ରହିଛି । ତେଣୁ ଏହାର ଅଭାବରେ ଆମର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ହେଲେ ଏହାକୁ ଜାଣିବା କିଭଳି, ଏହା ଏକ ବଡ ପ୍ରଶ୍ନ । ଆସନ୍ତୁ ଜାଣିବା ଏଭଳି କିଛି ଲକ୍ଷଣ ବିଷୟରେ ଯାହାଦ୍ୱାରା ଆପଣ ଜାଣିପାରିବେ ଯେ ଆପଣଙ୍କ ଶରୀରରେ ମ୍ୟାଗ୍ନେସିୟମର ଅଭାବ ରହିଛି ।**



■ ମ୍ୟାଗ୍ନେସିୟମ ଆମର ମାଂସପେଶୀ ପାଇଁ ବିଶେଷଭାବେ ଦରକାରୀ ହୋଇଥାଏ । ଏହାର ଅଭାବରେ ମାଂସପେଶୀକୁ କ୍ଷତି ପହଞ୍ଚିଥାଏ । ମ୍ୟାଗ୍ନେସିୟମ ଅଭାବର ଏକ ବଡ ଲକ୍ଷଣ ହେଲା ଶିର ଟାଣିହେବା । ଏହା ବିଶେଷ ଭାବେ ଗୋଡରେ ଅନୁଭବ ହୋଇଥାଏ । କେବଳ ଗୋଡ ନୁହେଁ ଏହା ଅନ୍ୟସ୍ଥାନରେ ମଧ୍ୟ ହୋଇଥାଏ, ଯାହା କଷ୍ଟଦେଇଥାଏ । ଏପରି ହେଲେ ଆପଣଙ୍କ ଶରୀରରେ ମ୍ୟାଗ୍ନେସିୟମର ଅଭାବ ହୋଇଛି ବୋଲି ଜାଣନ୍ତୁ ।

■ ମ୍ୟାଗ୍ନେସିୟମ ଅଭାବର ଅନ୍ୟ ଏକ ଲକ୍ଷଣ ହେଲା ଦୁର୍ବଳ ଲାଗିବା ଏବଂ ମୁଣ୍ଡ ବୁଲାଇବା । କାରଣ ନଥାଇ ମଧ୍ୟ ଅନେକ ସମୟରେ ମୁଣ୍ଡ ବୁଲାଇବା ସହିତ ଦୁର୍ବଳତା ଲାଗିଥାଏ । ଯେତେବେଳେ ଆମ ଶରୀରରେ ମ୍ୟାଗ୍ନେସିୟମର ଅଭାବ ଦେଖାଦେଇଥାଏ, ସେହିସମୟରେ ଶରୀରରେ ଏନର୍ଜି ମିଳିବା କମ ହୋଇଥାଏ । ତେଣୁ ଆପଣଙ୍କୁ ଦୁର୍ବଳ ଲାଗିଥାଏ ।

■ ଏହାର ଅନ୍ୟ ଏକ କାରଣ ନିଦ୍ରା ହିନତା । ମ୍ୟାଗ୍ନେସିୟମର ଅଭାବ ଆମ ନିଦ ଉପରେ ପ୍ରଭାବ ପକାଇଥାଏ । ଏହା ନିଦ୍ରା ହିନତାର ବି କାରଣ ସାଜିଥାଏ । ତେଣୁ ଆମକୁ ରାତିରେ ନିଦ ନହେବା ମଧ୍ୟ ମ୍ୟାଗ୍ନେସିୟମ ଅଭାବର ଲକ୍ଷଣ । ଯଦି ଅନେକ ଦିନ ଧରି ନିଦ୍ରା ହିନତା ଲକ୍ଷଣ ଆପଣଙ୍କ ନିକଟରେ ଦେଖିବାକୁ ମିଳୁଛି, ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

■ ଏହାର ଆଉ ଏକ ଲକ୍ଷଣ ହେଲା ଡିପ୍ରେସନ୍ । ମ୍ୟାଗ୍ନେସିୟମର ଅଭାବ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ରହିଛି । ଏହାର ଅଭାବରେ ଷ୍ଟ୍ରେସ୍ ଏବଂ ଡିପ୍ରେସନର ଲେବଲ୍ ବଢିଥାଏ ।

## ଭୂତକୁ ବିବାହ !

**ସୋ**ସିଆଲ ମିଡିଆରେ ଏଭଳି ଅନେକ ଘଟଣା ସାମନାକୁ ଆସିଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ଦେଖିବାକୁ ମିଳିଛି ବ୍ରିଟେନରେ । ସେଠାରେ ଜଣେ ମହିଳା ଭୂତକୁ ବିବାହ କରିଥିବାନେଇ ଦାବି କରିଛନ୍ତି । ସେ କିଛି ବର୍ଷ ପୂର୍ବରୁ ତାଙ୍କ ଘରେ ପ୍ରକଟ ହୋଇଥିବା ଏକ ଭୂତକୁ ବିବାହ କରିଥିବା କଥା ପ୍ରକାଶ କରିଛନ୍ତି । ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା ହେଉଥିବା ନଜରକୁ ଆସିଛି । ଭୂତଟି ୧୯ଶହ ଶତାବ୍ଦୀରେ ଜଣେ ସୈନିକ ଥିବା ମହିଳା ଜଣଙ୍କ ପ୍ରକାଶ କରିଛନ୍ତି। କେବଳ ଏହି ଭୂତ ନୁହେଁ ସେ ଆହୁରି ଅନେକ ଆତ୍ମାକୁ ମଧ୍ୟ ବିବାହ କରିଥିଲେ, ଯେଉଁମାନଙ୍କ ଠାରୁ ସେ ଛାଡପତ୍ର ନେବା ପରେ ଏହି ଭୂତକୁ ବିବାହ କରିଥିବା ସୂଚନା ଦିଆଯାଇଛି । ତାଙ୍କ ଦାବି ଅନୁସାରେ ସେ ଏହି ଭୂତ ଓ ଆତ୍ମାଙ୍କ ସହିତ କଥା ହେବାସହିତ ଦୈନନ୍ଦିନ କାର୍ଯ୍ୟ ମଧ୍ୟ କରିଥାଆନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦ରୁ ଅଧିକ ଆତ୍ମାଙ୍କ ସହିତ ସମ୍ପର୍କ କରିଥିବା ସୂଚନା ଦେଇଛନ୍ତି । ଏନେଇ ସେ ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ୟୁଜର୍ସଙ୍କ ସହିତ ସେୟାର କରିଛନ୍ତି । କିଛି ଲୋକ ଏହି ପୋଷ୍ଟର ମଜାକ ଉଡାଇ ତାଙ୍କୁ ଟ୍ରୋଲ କରୁଥିବା ଦେଖିବାକୁ ମିଳୁଛି ।



## ବିନା ଅଣ୍ଡାରେ ଅମ୍ଲେଟ୍



**ସମାଗ୍ରୀ–** ଏକ କପ ବେସନ, କଟା ହୋଇଥିବା ପିଆଜ ୧ଟା, ଚୁନଚୁନ କଟା ଟମାଟ ୧ଟା, ଗୋଲ ଗୋଲ କଟା ଟୋମାଟ ୧ଟା, କଟା କଞ୍ଚାଲଙ୍କା, ଧନିଆ ପତ୍ର, ଲଙ୍କା ଗୁଣ୍ଡ, ଅଳ୍ପ ଜୁଆଣି, ସ୍ୱାଦ ଅନୁସାରେ ଲୁଣ ।

**ପ୍ରଣାଳୀ–** ପ୍ରଥମେ ଏକ ବଡ ପାତ୍ରରେ ଗୋଲ ଗୋଲ କଟାହୋଇଥିବା ଟୋମାଟ ଛଡା ଅନ୍ୟ ସମସ୍ତ ସାମଗ୍ରୀକୁ ମିଶାନ୍ତୁ । ଏହାକୁ ପାଣି ଦେଇ ଏକ ଆଣ ପ୍ରସ୍ତୁତ କରନ୍ତୁ । ଏହାକୁ ଘୋଡାଇ ୧୦ ମିନିଟ୍ ରଖିଦିଅନ୍ତୁ । ତାପରେ ଏହାକୁ ଗରମ ପ୍ୟାନରେ ଘିଅ ଲଗାଇ ଅମଲେଟ୍ ଆକାରରେ ପକାନ୍ତୁ । ଉପରେ ଗୋଲ ଗୋଲ କଟା ଟମାଟକୁ ରଖନ୍ତୁ । ଏହାପରେ ଅଳ୍ପ ତେଲ କିମ୍ବା ଘିଅ ଦେଇ ଏହାକୁ ଘୋଡାନ୍ତୁ । ୩ରୁ ୪ ମିନିଟ୍ ପରେ ଏହି ଘୋଡଣୀକୁ କାଢି ଦିଅନ୍ତୁ । ଏହାପରେ ଏହାକୁ ଦୁଇ ସାଇଡରୁ ଭାଜନ୍ତୁ । ଭାଜିହେବା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ବିନା ଅଣ୍ଡାରେ ଅମ୍ଲେଟ୍ । ଏହାକୁ ଗରମ ଗରମ ସସ୍ ସହ ଖାଆନ୍ତୁ, ବେଶ ସ୍ୱାଦିଷ୍ଟ ଲାଗିଥାଏ ।

## ଅପମାନ ଦେଇ ପରଷା ଯାଉଛି ଖାଦ୍ୟ




**ସା**ଧାରଣ ଜୀବନରେ କାହାକୁ ଗାଳି ଦେବା ଏକ ଖରାପ କଥା ହୋଇଥାଏ । ଯଦି କେହି କାହାକୁ ଗାଳି ଦେଉଥାଏ ତେବେ ତାକୁ ଅନ୍ୟମାନେ ତାଗିଦ କରିଥାଆନ୍ତି ଏପରି ନ କରିବାକୁ । ହେଲେ ନିକଟରେ ଅଷ୍ଟ୍ରେଲିଆର ଏକ ରେସ୍ତୋରାଁ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ରେସ୍ତୋରାଁରେ ଗ୍ରାହକଙ୍କୁ ଗାଳି ଦେଇ ଖାଇବା ପରଷା ଯାଉଛି । ରେସ୍ତୋରାଁର ନାଁ ରହିଛି କରେନ ଡିନର । ଏଠାରେ ଗ୍ରାହକଙ୍କୁ ଅପମାନ ଦିଆଯାଇ ମେନ୍ୟୁକାର୍ଡ ତାଙ୍କ ମୁହଁକୁ ଫୋପଡା ଯାଇଥାଏ । ଏହାସହ ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ମଧ୍ୟ ଯେଉଁ ଟୋପି ପିନ୍ଧିଥାଆନ୍ତି ସେଥିରେ ଗାଳି ଲେଖା ଯାଇଥାଏ । ଏହାକୁ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ମିଳୁଥିବା ଦେଖିବାକୁ ମିଳୁଛି । କିଛି ଲୋକ ଏହାକୁ ପସନ୍ଦ କରୁଥିବାବେଳେ କିଛି ଲୋକ ନାପସନ୍ଦ କରୁଥିବା ଦେଖିବାକୁ ମିଳିଛି । କିନ୍ତୁ ଏଠାକୁ ଖାଇବାକୁ ଆସୁଥିବା ଗ୍ରାହକ କେବେ ଏହାକୁ ନେଇ କୌଣସି ଅଭିଯୋଗ କରିଥିବାର ସୂଚନା ନାହିଁ ।

## ଅଶନୁରଙ୍କୁ ଗାଳି



**ରି**ଆଲିଟି ଶୋ' ବିଗ୍‌ବସକୁ ନେଇ ସବୁବେଳେ ଚର୍ଚ୍ଚା ଦେଖିବାକୁ ମିଳିଥାଏ । ଏଥିରେ ପ୍ରତି ସପ୍ତାହରେ ଦୁଇଟି ଏପିସୋଡ ସଲମାନ ଖାନ କରିଥାଆନ୍ତି, ଯାହାକୁ ଉଇକେଣ୍ଡ କା ବାର କୁହାଯାଇଥାଏ । ଏହି ଏପିସୋଡରେ ସଲମାନ ପୁରା ବିଗ୍‌ବସ ହାଉସରେ ଥିବା ପ୍ରତିଯୋଗୀଙ୍କର କ୍ଲାସ ନେଇଥାଆନ୍ତି । ସେହିଭଳି ଚଳିତ ସିଜିନରେ ନିକଟରେ ଏହି ଏପିସୋଡରେ ଅଭିନେତ୍ରୀ ଅଶନୁର କୋରଙ୍କର ସଲମାନ କ୍ଲାସ ନେଉଥିବା ଦେଖିବାକୁ ମିଳିଛି । ସଲମାନ ତାଙ୍କୁ ଏରୋଗାଣ୍ଟ କହୁଥିବା ଦେଖିବାକୁ ମିଳିଛି, ଯାହାପରେ ସୋସିଆଲ ମିଡିଆରେ କ୍ଲିପଟି ଭାଇରାଲ ହେଉଛି । ଭିଡିଓରେ ସଲମାନ ଅଶନୁରଙ୍କୁ ତାଗିଦ କରୁଥିବାର ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଅଶନୁର ଚଳିତ ବିଗ୍‌ବସରେ ଭାଗ ନେଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ରହିଥିବାବେଳେ ସଲମାନଙ୍କର ଏହି ଗାଳି ତାଙ୍କ ଭୋଟ ବ୍ୟାଙ୍କ ଉପରେ ପ୍ରଭାବ ପକାଇବା ନେଇ ଫ୍ୟାନମାନେ ଆକଳନ କରୁଛନ୍ତି ।

## କୁକୁର ରଖିଲେ ଡବଲ ଟ୍ୟାକ୍ସ



**ସା**ଧାରଣତଃ ଘରେ ପୋଷା କୁକୁର ରଖିବାକୁ ସମସ୍ତେ ଖୁବ ଭଲ ପାଇଥାଆନ୍ତି । ତେବେ ଏଥିପାଇଁ କେବେ ବି କୌଣସି କର ଦେବାକୁ ହୋଇନଥାଏ, ହେଲେ ଇଟଲିରେ ଏଭଳି ନୁହେଁ । ସୂଚନା ଅନୁସାରେ ଇଟଲିର ବୋଲ୍ଜାନୋ ସହରର ବାସୀଙ୍କ ପାଇଁ ନୂଆ ନିୟମ ଲାଗୁ କରାଯାଇଛି । ସେମାନେ ପୋଷା କୁକୁର ରଖିବାକୁ ହେଲେ ସରକାରଙ୍କୁ କର ଦେବାକୁ ହେବ ବୋଲି ନିୟମର ପ୍ରସ୍ତାବ ଦିଆଯାଇଛି । ଏଠିକାର ସ୍ଥାନୀୟ ପରିଷଦ ସହରରେ କୁକୁର ରଖୁଥିବା ଲୋକଙ୍କ ଉପରେ ଡବଲ ଟ୍ୟାକ୍ସ ଲଗାଇବାକୁ ପ୍ରସ୍ତାବ ଦେଇଛି । ଏଠାରେ ପୂର୍ବରୁ ଏକ ନିୟମ ରହିଛି ଯେଉଁଥିରେ କୁକୁରଙ୍କର ଡିଏନ୍‌ଏ ରେଜିଷ୍ଟ୍ରେସନ କରାଯାଇଥାଏ । ଯଦି କୌଣସି କୁକୁର ମାଲିକ ତାଙ୍କ ପୋଷା କୁକୁର ମଳ ସଫା ନକରନ୍ତି ତେବେ ଏହାକୁ ଡିଏନ୍‌ଏ ସାହାଯ୍ୟରେ ଚିହ୍ନଟ କରାଯାଇଥାଏ । ତେବେ ଏହାକୁ ଆହୁରି ଶକ୍ତ କରିବାକୁ ଏହି ପ୍ରସ୍ତାବ ଦିଆଯାଇଥିବା ଜଣା ପଡିଛି । ଏହି ନିୟମ ୨୦୨୬ରୁ ଲାଗୁ କରାଯାଇପାରେ ବୋଲି ଜଣା ପଡିଛି । ଏହି ନିୟମ ଲାଗୁ ହେବା ଫଳରେ ସହରବାସୀଙ୍କୁ ପ୍ରତିବର୍ଷ ପାଖାପାଖି ୮୫୦୦ ଟଙ୍କାର କର ଦେବାକୁ ପଡିବ । ସେହିଭଳି ଯେଉଁଦ୍ୱପର୍ଯ୍ୟଟକମାନେ ନିଜ କୁକୁରକୁ ଏହି ସହରକୁ ଆଣିବେ ସେମାନଙ୍କୁ ଦୈନିକ ୧୩୫ ଟଙ୍କା କର ଦେବାକୁ ହେବ । ସହରକୁ ସ୍ୱଚ୍ଛ ପରିମଳ କରିବା ପାଇଁ ଏଭଳି ନିୟମ ବାହାର କରାଯାଇଥିବା ପରିଷଦ ପକ୍ଷରୁ ମତ ଦିଆଯାଇଛି ।





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଠାରେ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହିତ ଅଭିଯୋଗ ପତ୍ର ଗ୍ରହଣ କରୁଛନ୍ତି ।

### ବରୁଣେଇରେ ବାରହା ଆକ୍ରମଣ ଘଟଣା

# ଲାଗିଲା କଟକଣା, କ୍ଷତିପୂରଣ ଦାବି

ଖୋର୍ଦ୍ଧା, (ସବ୍ୟୁ): ବରୁଣେଇ ପାହାଡ ରେ ବାରହା ଆକ୍ରମଣର ଜନୈକ ପୋଲିସ କର୍ମଚାରୀ ପାଲଟା ଆକ୍ରମଣରେ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଅବସ୍ଥାରେ ଭୁବନେଶ୍ୱର କ୍ୟାପିଟାଲ ହସପିଟାଲ ପରେ କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ମୃତ ପୋଲିସ କର୍ମଚାରୀଙ୍କ ନା ପ୍ରଦୀପ କୁମାର ପେରେଇ, ତାଙ୍କ ଘର ଯାଜପୁର ଜିଲା କୋରଇ ଥାନା ମାଧବପୁର ଗ୍ରାମ। ସେ ୬ଷ୍ଠ ବାଟାଲିୟନ( ଓଏସଏପି,କଟକ) କର୍ମଚାରୀ ହୋଇଥିବା ବେଳେ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ବରୁଣେଇ ବିଟ୍ ହାଉସରେ କାର୍ଯ୍ୟରତ ଥିଲେ। ସୋମବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଶିଳ୍ପାଂଚଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଓଏସଏପି ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଖବରପାଇ ବାଟାଲିୟନ ସଭାପତି ଅଶୋକ ବେହେରା ଏବଂ ଟିମ ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧାନ କରିଥିଲେ। ମୃତକଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବି କରିଛନ୍ତି। ଏଥିସହିତ ପରିବାରରୁ ଜଣକୁ ଚାକିରୀ ଦେବା ପାଇଁ ସରକାରଙ୍କ ନିକଟରେ ନିବେଦନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ବରୁଣେଇ ପାହାଡ ଉପରେ ବାରହା ଆକ୍ରମଣ ଘଟଣାରେ ଜଣେ ମୃତ୍ୟୁବରଣ କରିବା ଘଟଣାକୁ ବନ ବିଭାଗ ଗୁରୁତର ସହ ଗ୍ରହଣ କରିଛି। ବର୍ତମାନ ପାହାଡ ଉପରେ ଏକାଧିକ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ରହିଛନ୍ତି। କୌଣସି ଅଘଟଣ ଆଶଙ୍କାରେ ବରୁଣେଇ ପାହାଡ ଉପରକୁ ଚଢିବାକୁ ବାରଣ କରାଯାଇଛି। ଏହା ଉପରେ ବନବିଭାଗ ପକ୍ଷରୁ ସାମୁହିକ ଭାବେ କଟକଣା ଜାରି କରାଯିବ ବୋଲି ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ ସୂଚନା ଦେଇଛନ୍ତି। ଅନ୍ୟପଟେ ବରୁଣେଇରେ ଅଧିକ ପୋଲିସ ମୁତୟନ କରାଯିବ। ବରୁଣେଇ ପାହାଡ ଉପରକୁ ନଚଢିବା ପାଇଁ ପର୍ଯ୍ୟଟକଙ୍କୁ ସଚେତନ କରାଯିବ, ଏହା ସହିତ ସନ୍ଧ୍ୟାପରେ ବରୁଣେଇରେ ବୁଲାବୁଲି ଉପରେ କଟକଣା କରାଯିବ ବୋଲି ଏସପି ବିବେକାନନ୍ଦ ଶର୍ମା କହିଛନ୍ତି।

## ଗୁଳିମାଡରେ ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ମୃତ୍ୟୁ

ଭୁବନେଶ୍ୱର (ସବ୍ୟୁ): ବ୍ରହ୍ମପୁରର ବରିଷ୍ଠ ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କର ଗୁଳିମାଡରେ ମୃତ୍ୟୁ ଘଟିଛି। ସେ ବ୍ରହ୍ମପୁର ବ୍ରହ୍ମାନଗର ସ୍ଥିତ ତାଙ୍କ ବାସଭବନ ନିକଟ ଛକରେ ଥିଲାବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଅଚାନକ ଗୁଳିମାଡ କରି ଫେରାର ହୋଇଯାଇଥିବା କୁହାଯାଉଛି । ଗୁଳିମାଡ ଯୋଗୁ ରକ୍ତାକ୍ତ ଅବସ୍ଥାରେ ଶ୍ରୀ ପଣ୍ଡା ସେଠାରେ ଟଳିପଡିବା ପରେ ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟମାନେ ତାଙ୍କୁ ତୁରନ୍ତ ଏମ୍‌କେସିଜି ମେଡିକାଲ୍‌କୁ ନେଇଥିଲେ ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । କେଉଁମାନେ କାହିଁକି ଏଭଳି ଗୁଳିମାଡ କଲେ ସେ ସଂପର୍କରେ କୌଣସି ତଥ୍ୟ ମିଳିନାହିଁ। ସ୍ୱର୍ଗତଃ ପଣ୍ଡା ଜଣେ ଜଣାଶୁଣା ଆଇନଜୀବୀ ଭାବେ ବ୍ରହ୍ମପୁରରେ ଖ୍ୟାତି ଅର୍ଜନ କରିଥିଲେ। ସେ ରାଜ୍ୟ ଆଇନଜୀବୀ ପରିଷଦର ମଧ୍ୟ ସଦସ୍ୟ ଥିଲେ।

## ମା ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ

ଦଶପଲ୍ଲା,(ସବ୍ୟୁ): ସ୍ଥାନୀୟ ଲକ୍ଷ୍ମୀ ବଜାର ବଣିକ ସଂଘ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପାଳିତ ହୋଇ ଯାଇଛି । ପୂଜା ଉତ୍ସବରେ ମା'ଗଜ ଲକ୍ଷ୍ମୀ ଙ୍କ ଅଧିବାସ,ଜଳାଯାତ୍ରା,ହୋମଜଜ୍ଞ ସହ ପୂଜାର୍ଚ୍ଚନା କରାଯାଇଛି । ଦଶହରାରେ ମା ଦୁର୍ଗା ଙ୍କ ଦର୍ଶନ ପରୋ' ଗଜଲକ୍ଷ୍ମୀ ଙ୍କ ଦର୍ଶନ ପାଇଁ ବହୁ ଭକ୍ତ ଙ୍କ ଭିଡ଼ ଜମିଥିବା ବେଳେ ସଂଘ ର ସଭାପତି ଅଲେଖ ସାହୁ ସମ୍ପାଦକ ଶିଶିର କୁମାର ବାରିକଙ୍କ ସହ ସମସ୍ତ କର୍ମକର୍ତା ଓ ବଣିକ ମାନେ ଉପସ୍ଥିତ ଥିଲେ। ଏ ଅବସରରେ ଦଶପଲ୍ଲା ମହାବୀର ବଣିକ ମହାସଂଘ ଓ ୧୩ ଗୋଟି ବଣିକ ସଂଘ କର୍ମକର୍ତାଙ୍କୁ ନେଇ ଏକ ବଂଧୁମିଳନ ଅନୁଷ୍ଠିତ ହୋଇଥିବା ବେଳେ ବାଦୀ ମହିଳା ସଂକୀର୍ତ୍ତନ ସଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଚାଷଜମି ଉଜାଡ଼ି ଦେଲେ ହାତୀ

ବାରଙ୍ଗ , (ସବ୍ୟୁ): ଚନ୍ଦକାଜଙ୍ଗଲରୁ ହାତୀମାନେ ଆସି ଦାରୁଠେଙ୍ଗ ନୂଆଗଡ ପୋଖରୀ ପାଖ ଧାନ ବିଲରେ ପଶି ପ୍ରାୟ ଏକ ଏକରରୁ ଉର୍ଦ୍ଧ୍ୱ ଧାନଫସଲ ନଷ୍ଟ କରିଛନ୍ତି । ହାତୀମାନଙ୍କ ଦୌରାତ୍ମ୍ୟ ରେ ଚାଷୀ ଙ୍କ ମନରେ ଭାଳେଣି ପଡିଯାଇଛି । ନୂଆଗଡ ପୋଖରୀ ପାଖରେ ଚାଷ କରିଥିବା ମକରା ପାତ୍ର ଓ ଟୁଳିଆ ପରିଡ଼ା ମିଶି ଏକ ଏକରରୁଉର୍ଦ୍ଧ୍ୱ ଚାଷଜମିରେ ବିଭିନ୍ନ କିସମର ଧାନ ଫସଲ କରିଛନ୍ତି ।କିଛି ଚାଷୀ ଧାର ଉଧାର କରି ଚାଷ ମଧ୍ୟ କରିଛନ୍ତି ।ଏବେ ଧାନର ଡେମ୍ଫ ବାହାରୁ ଥିବାବେଳେ ରବିବାର ବିଳମ୍ବିତ ରାତିରେ ୧୦ଟିକିଆ ହାତୀପଲ ଆସି ଚାଷ ଜମିରେ ପଶି ଦଳିମକଚି ଧାନ ଫସଲକୁ ନଷ୍ଟ କରିଦେଇଛନ୍ତି । ବଡ଼ିଭୋର୍ ସମୟରେ ଚାଷୀମାନେ ବିଲକୁ ଯିବାପରେ ହାତୀପଲ୍ଲ ବିଲ ମଧ୍ୟରୁ ଫେରୁଥିବାର ଦେଖିବାକୁ ପାଇଥିଲେ । ପରେ ବନ ବିଭାଗ କୁ ଖବର ଦେଇଥିଲେ । ସକାଳୁ ବନ ବିଭାଗ ଘଟଣା ସ୍ଥଳରେ ପହଂଚି ହାତୀକୁ ନିରୀକ୍ଷଣ କରି ଜଗି ରହିଛନ୍ତି । ହାତୀ ୧୦ ଟି ମଧ୍ୟରୁ ଗୋଟିଏ ହାତୀ ଭୂଆସୁଣୀ ଦେଇ ଘିଡ଼ିଘିଡ଼ି ଶଙ୍ଖ ପାର ହୋଇ ନୂଆଗାଁ ପଟକୁ ସୋମବାର ସନ୍ଧ୍ୟାରେ ପଶିଛି । ଆଉ ନଟି ହାତୀ ନନ୍ଦନକାନନ ପାଚେରୀ ଓ ଜଳି କଡରେ ଲୁଚି ରହିଥିବା ସୂଚନା ମିଳିଛି । ଯାହା ଚାଷ କରିଥିବା ଜମି ଠାରୁ ପାଞ୍ଚ ସହ ମିଟର ଦୂରତ୍ୱ ସେଠାରେ ଅନ୍ୟ ଚାଷୀ ମାନେ ପବିତ୍ର ମୋହନ ବଳିୟାରସିଂହ, ଅଲିଆ ପାଇକରାୟ, ନାରାୟଣ ବାଘସିଂହ, ଭାସ୍କର ପ୍ରଧାନ, ଅଜୟ ପାଇକରାୟ ଚାଷୀ ମାନେ ଭୟଭୀତରେ ରହିଛନ୍ତି ।ଅନ୍ୟ ପଟେ ଆଉ ଯାହାକିଛି ଅଛି ଧାନ ପାଚିଲେ ହାତୀପଲ୍ଲ ପୁନର୍ବାର ଆସିବାର ସମ୍ଭାବନା ଥିବାରୁ ଚାଷୀମାନଙ୍କ ଆଶଙ୍କା ବଢ଼ିଯାଇଛି ।ବର୍ଷକର ଆୟ ହାତୀ ନଷ୍ଟ କରିଦେଇଥିବାରୁ ଚାଷୀମାନଙ୍କ ର ଭାଳେଣି ପଡ଼ିଯାଇଛି । ବନ ବିଭାଗ ଉକ୍ତ ଚାଷୀଙ୍କୁ କ୍ଷତି ପୂରଣ ଦେବା ସହ ହାତୀଙ୍କୁ ଘଉଡ଼େଇ ଜଙ୍ଗଲ ମଧ୍ୟକୁ ଛାଡ଼ିବାକୁ ଦାବି କରିଛନ୍ତି ।

## କଫ୍‌ସିରପ୍, କାର୍ ଜବତ : ୨ଗିରଫ



ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଅବକାରୀ ମୋବାଇଲ ସ୍କ୍ୱାର୍ଡ ୧୬ନଂ ଜାତୀୟ ରାଜପଥ ର ପଣ୍ଡିତଢାବା ପଛପଟେ ଥିବା ଘରେ ଚଢଉ କରି ୨ଟି ଜରିବସ୍ତାରେ ୯୦୦ବୋତଲ କଫ୍‌ସିରପ୍ କୁ ଜବତ କରିଛି। ଏହି ଘଟଣାରେ ପଲ୍ଲା ବରୁଣେଇସାହି ର ବିଶ୍ୱରଞ୍ଜନ ଖୁଁଟିଆ (୪୫) ଓ ଦଳେଇପୁଟ ର ଦେବରଞ୍ଜନ ଦାସ (୪୭) ଙ୍କୁ ଗିରଫ କରିଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଅବକାରୀ ସୁପରିଟେଣ୍ଡେଟ ସୁମତି ତ୍ରୀପାଠୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ପଣ୍ଡିତ ଢାବା ପଛପଟ ଘରୁ ବେଆଇନ୍ କଫ୍‌ସିରପ୍ ଗଚ୍ଛିତ ରଖି ସେଠାରୁ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିଲା। ଏପରିକି ପଲ୍ଲା ବାଇପାସ ହନୁମାନମନ୍ଦିର ନିକଟରେ ଏକ ଦୋକାନରେ ବିଶ୍ୱରଞ୍ଜନ ବେପାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଖବର ପାଇଥିଲା। ବିଶ୍ୱରଞ୍ଜନ କୁ ଅବକାରୀ ଟିମ୍ ଢାବା ନିକଟରୁ କାର ବୋଝେଇ କଫସିରପ ସହ ଧରିଥିଲା। ପରେ ତାର ବୟାନ ମୁତାବକ ଢାବା ମାଲିକ ଦେବରଞ୍ଜନ କୁ ଗିରଫ କରିବାକୁ ଆଜି ମୋବାଇଲ ସ୍କ୍ୱାର୍ଡ ଓ ସଦର ପୁଲିସ ମିଳିତଭାବେ ଢାବା ଠାରେ ଚଢଉ କରିଥିଲେ। ସେଠାରୁ ତାକୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୯୦୦ ବୋତଲ କଫସିରପ ସମେତ ଓଡିଶାଏଆର-୭୫୧୩ ନଂ ବିଶିଷ୍ଟ ଏକ କାର୍, ମୋବାଇଲ ଫୋନ୍ କୁ ଅବକାରୀ ଟିମ୍ ଜବତ କରିଛି। ବେଆଇନ କଫ୍‌ସିରପ୍ ବିକ୍ରୀ ଅଭିଯୋଗରେ ୨ଜଣଙ୍କୁ ୨୫୬/୨୫ନଂ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ତପସ୍ୱିନୀ ବରାଳ ପ୍ରମୁଖ ଉପସ୍ଥିତଥିଲେ।

## ବାଲି ବୋଝେଇ ହାଇୱା ଜବତ : ଡ୍ରାଇଭର ଗିରଫ

ବାଙ୍କୀ ,(ସବ୍ୟୁ): ରବିବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନିକଟସ୍ଥ ସିଧାମୂଳା ବାଲିଘାଟରୁ ଚୋରାରେ ବାଲି ନେଇ ପୁରୀ ଯାଉଥିବା ବେଳେ ବାଙ୍କୀ ବ୍ଲକ କଳାପଥର ଛକ ଠାରେ ନାକା ବନ୍ଦି ସମୟରେ ତନଖି କରିବା ପରେ ବାଲି ଚାଲାଣ କାଗଜ ପତ୍ର ନ ଥିବାରୁ ହାଇଓ୍ୱା ନମ୍ବର୍ ଓ, ଡି,୦୨- ଡି ୯୩୭୩ କୁ ବୈଦେଶ୍ୱର୍ ପୋଲିସ ଜବତ କରି ଥାନାରେ ରଖିଥିବା ବେଳେ ହାଇଓ୍ୱା ଡ୍ରାଇଭର ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ସୁମନ ଶାସନ ଗ୍ରାମର ବାଇଧର ବେହେରାଙ୍କ ପୁଅ କାର୍ତ୍ତିକ ବେହେରାଙ୍କୁ ଗିରଫ କରିଛି । କେଶ ନଂ ୧୮୫/୦୬.୧୦.୨୦୨୫ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରା ଯାଇ ଥିବା ସୂଚନା ଦେଇଛନ୍ତି ବୈଦେଶ୍ୱର୍ ଥାନା ଆଇ ଆଇ ସି ସଞ୍ଜୟ କୁମାର ଜେନା ।

BCET GROUP OF INSTITUTIONS
1) BALASORE COLLEGE OF ENGINEERING & TECHNOLOGY (BCET)
(Approved by AICTE, New Delhi and Affiliated to BPUT, Odisha)
SERGARH, BALASORE - 756060, ODISHA
MOB-9437961413, 9937976424 Website : www.bcetodisha.ac.in, Mail Id : principal@bcetodisha.ac.in, bcetbalasore@yahoo.com
B.Tech.Programme in : ET, CS, ME, EE, & Civil / PG Programme (M.Tech.) in HPTE
2) NITYANANDA COLLEGE OF PHARMACY (NCP)
(Approved by AICTE and PCI New Delhi and Affiliated to BPUT, Rourkela, OSBP, BBSR)
Sergarh, Balasore, Odisha, Pin - 756060, Email : ncpbalasore@gmail.com,
Web : www.ncpbalasore.org, Ph -06782-236605/606, Mob-9439901187, 9178489665
Course offered : B.Pharm, D.Pharm, M.Pharm
3) CENTRE FOR BUSINESS & INFORMATION SCIENCE (CBIS)
SERGARH, BALASORE-756060., Phone No. : 06782-236045, 9437961413, 9937976424 (M)
Course offered : MBA & MCA
4) BHADRAK ENGINEERING SCHOOL & TECHNOLOGY (BEST)
(Approved by AICTE, New Delhi and Affilated to SCTE&VT, Odisha)
AT/PO-ASURALI, DIST-BHADRAK-756137, Odisha
Phone No. : 06784-266108, 266100, 9439900105, 9040924647, 8917587168
Email : bestbhadrak@gmail.com, Website : www.bestbhadrak.org.
Diploma Programme in : EE, ME, ET, Civil & CS
5) BCET HIGHER SECONDARY SCHOOL (BHSS)
A Day- Cum - Residential +2 Science College
Sergarh, Balasore, Odisha, Pin - 756060,
Email : bhssbalasore@gmail.com, Mob - 8763312005, 9938303731
6) BCET_INDUSTRIAL TRAINING INSTITUTE (BCET_ITI)
TS-2/1, INDUSTRIAL ESTATE, ANGARGADIA, BALASORE - 756001 Mob , 9437727360
Course offered : FITTER & ELECTRICIAN
7) SUBRATA INDUSTRIAL TRAINING INSTITUTE (SITI)
Mangalpur, Dist:Jajpur, Pin: 755011, Phone No. : 9437303436
Course offered : FITTER, ELECTRICIAN & COPA
8) NITYANANDA INDUSTRIAL TRAINING INSTITUTE (NITI)
DHAMNAGAR, BHADRAK-756117, Phone No. : 9437976420
Course offered : FITTER & ELECTRICIAN
9) ST. XAVIER'S HIGH SCHOOL
(A CBSE Pattern, English Medium School)
Krushnakanta Vihar, Mangalpur, Jajpur-755011,
Course offered : Mont-I to Std-VIII, Phone No. : 9437303436, 9658036785,
9439922982,7789054763.
Email- stxaviersmangalpur@gmail.com, stxaviersmangalpurjajpur@rediffmail.com.
10) NITYANANDA INSTITUTE OF MEDICAL SCIENCE (* Proposed)
(Under Fakir Mohan Educational & Charitable Trust)
Sergarh, Balasore-756060, Odisha
Email : nimsbalasore@gmail.com, Mob - 9078559569
Course offered : B.Sc Nursing & GNM
Mr. M.K. Biswal
Chairman

### କଟକ ସଦର ଆସନ ସଂରକ୍ଷଣ ବଦଳିବା ନେଇ ଚର୍ଚ୍ଚା

# ଦୁର୍ଗାପୂଜା ମଣ୍ଡପ ବୁଲିଲେ ୩ ପ୍ରମୁଖ ଆଶାୟୀ

କଟକ, ( ସମୀର କର ) : ଏଥର ବଦଳିବ କଟକ ସଦର ନିର୍ବାଚନ ମଣ୍ଡଳୀର ଚିତ୍ର । ୨୦୨୯ ବିଧାନସଭା ନିର୍ବାଚନରେ ହଟିଯିବ ସଂରକ୍ଷଣ । ଏଠାରୁ ଅଣ ସଂରକ୍ଷଣ ବର୍ଗର ପ୍ରାର୍ଥୀ କିମ୍ବା ସାଧାରଣ ବର୍ଗର ମହିଳା ପ୍ରାର୍ଥୀ ମାନେ ନିର୍ବାଚନ ଲଢିବେ । ଏପରି ଚର୍ଚ୍ଚା ତମାମ ନିର୍ବାଚନ ମଣ୍ଡଳୀରେ ଲାଗି ରହିଛି । ଏହି ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି ନିକଟରେ ସରିଥିବା ଦୁର୍ଗାପୂଜାରେ ମାଳମାଳ ଅଣ ସଂରକ୍ଷିତ ବର୍ଗର ନେତୃମଣ୍ଡଳୀଙ୍କ ପୂଜା ମଣ୍ଡପ ପରଦର୍ଶନ କରିବା । ବିଭିନ୍ନ ପୂଜା ମଣ୍ଡପ ବୁଲି ମା'ଙ୍କ ଆଶିଷ ଭିକ୍ଷା କରିବା ସହିତ ଲୋକସମ୍ପର୍କ ସ୍ଥାପନ କରିଛନ୍ତି ୩ ପ୍ରମୁଖ ଆଶାୟୀ । ଏହି ନେତୃମଣ୍ଡଳୀଙ୍କ ମଧ୍ୟରେ ଅଛନ୍ତି ଆରତ ରଞ୍ଜନ ବିଶ୍ୱାଳ, କଟକ ସଦର ବ୍ଲକ୍ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ୍ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ ନାୟକ (ଟୁଟନ) ।

ଗତବର୍ଷ କେବଳ ସଂରକ୍ଷିତ ବର୍ଗର ନେତୃମଣ୍ଡଳୀ ଯଥା ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା, ବର୍ତ୍ତମାନର ବିଧାୟକ ଙ୍କ ପ୍ରକାଶ ସେଠୀ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମୀନତୀ ବେହେରା, ରାମଚନ୍ଦ୍ର ଗୋଚ୍ଛାୟତ ପୂଜା ମଣ୍ଡପ ବୁଲି ଲୋକ ସମ୍ପର୍କ ରକ୍ଷା କରୁଥିବାବେଳେ ଏଥର ଚିତ୍ର ବଦଳି ଯାଇଛି । ଏଥର ଅଣ ସଂରକ୍ଷିତ ବର୍ଗର ଆରତ, ଭାଗ୍ୟଲକ୍ଷ୍ମୀ ଓ ମନୋଜଙ୍କ ପୂଜା ମଣ୍ଡପ ପରିଦର୍ଶନ ରାଜନୈତିକ ମଇଦାନକୁ ଉଷ୍ମ କରିଛି । କଟକ ସଦର ନିର୍ବାଚନ ମଣ୍ଡଳୀରେ ଆରତ ରଞ୍ଜନ ବିଶ୍ୱାଳଙ୍କ ବଡଭାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସ୍ୱାଧୀନଭାବେ ଲଢି ନିର୍ବାଚନ ଜିଣି ବିଧାୟକ ହୋଇଥିଲେ । ଯେଉଁଥିରେ ଆରତଙ୍କ ଭୂମୀକା ସର୍ବାଗ୍ରେ ରହିଥିଲା । ତେଣୁ ତାଙ୍କର ଅଞ୍ଚଳବାସୀଙ୍କ ସହିତ ସମ୍ପର୍କ ଏବେବି ଅତୁଟ ରହିଛି । ତେଣୁ ସେ ପୂର୍ବ ସମ୍ପର୍କକୁ ଆୟୁଧ କରି ଜନ ସମ୍ପର୍କ ରକ୍ଷା କରୁଥିବା ବେଳେ ସଦର ବ୍ଲକ୍ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ବର୍ତ୍ତମାନ ସଦର ବ୍ଲକ୍ ଅଧ୍ୟକ୍ଷା ରହି ଲୋକ ସମ୍ପର୍କକୁ ଅଧିକ ମଜଭୁତ କରିବା ଲକ୍ଷ୍ୟରେ ପୂଜା ମଣ୍ଡପ ବୁଲିବା ସହିତ ବିଭିନ୍ନ ସ୍ଥାନରେ ତାଙ୍କର ଦୁର୍ଗାପୂଜାର ଶୁଭେଚ୍ଛା ବ୍ୟାନର ଲାଗିଛି । ଅନ୍ୟପଟେ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ ନାୟକ ମଧ୍ୟ ଚଳିତବର୍ଷ ବିଭିନ୍ନ ପୂଜା ମଣ୍ଡପ ବୁଲି ଲୋକ ସମ୍ପର୍କ ରକ୍ଷା କରୁଥିବା ଦେଖିବାକୁ ମିଳିଛି । ସେ ମଧ୍ୟ ବିଭିନ୍ନ ସ୍ଥାନରେ ବୁଲି ଜନ ସମ୍ପର୍କ ରକ୍ଷା କରୁଥିବା ଦେଖିବାକୁ ମିଳିଛି । ଏଥି ମଧ୍ୟରେ ସୀମା ନିର୍ଦ୍ଧାରଣ ଅବଧି ୨୦୨୯ ନିର୍ବାଚନକୁ ୨୦ ବର୍ଷ ପୁରୁଥିବାବେଳେ ସଂରକ୍ଷଣ ବଦଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଯାହାକୁ ଲକ୍ଷ୍ୟ ରଖି ଏହି ୩ ପ୍ରମୁଖ ଆଶାୟୀ ଜନ ସମ୍ପର୍କ ରକ୍ଷା ଦିଗରେ ପୂଜା ମଣ୍ଡପ ବୁଲୁଥିବା ଚର୍ଚ୍ଚା ଜୋର ଧରିଛି । ୨୦୨୯ ନିର୍ବାଚନରେ ସଂରକ୍ଷଣ ହଟୁଛି ନା ପୂର୍ବପରି ରହୁଛି ତାହା ଦେଖିବାକୁ ବାକି ରହିଲା ।

## ଜିଲ୍ଲା ସ୍ତରୀୟ ଜନଶୁଣାଣି ଶିବିର

# ପଲ୍ଲୀରେ ପ୍ରଶାସନ କାର୍ଯ୍ୟକାରୀ ହେବା ଦ୍ୱାରା ହିତାଧିକାରୀଙ୍କୁ ବହୁବିଧ ସୁବିଧା ଉପଲବ୍ଧ ହେଉଛି : ଜିଲ୍ଲାପାଳ

ଖୋର୍ଦ୍ଧା, (ସବ୍ୟୁ) : ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଯେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁମାତ୍ରାରେ ଉପଲବ୍ଧ ହେଉଛି। ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଏକ ମହତ କାର୍ଯ୍ୟକ୍ରମ ଏବଂ ଏହାକୁ ତ୍ୱରାନ୍ୱିତ କରିବା ଦିଗରେ ସମସ୍ତ ଅଧିକାରୀ ଓ କର୍ମଚାରୀ ନିରନ୍ତର ନିଷ୍ଠାପର ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଂଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ , ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି



, ଓଡ଼ିଶା ଜୀବିକା ମିଶନ୍,ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଂଟନ, ଶିଶୁ ଓ ମାତୃ ଯତ୍ନ ,ଭି ଏଚ୍ ଏନ୍ ଡି ଯୋଜନା ,ପି ଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ,ପି ଏମ କିଶାନ ଓ ସି ଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦିଆଯାଉଅଛି।

ଅଭିଯୋଗ ଶୁଣାଣିରେ ମୋଟ ୯୧ ଗୋଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତି ଗତ ୮୩ ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୦୮ ଗୋଟି ଅଭିଯୋଗ ଥିଲା। ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଜିଲ୍ଲାପାଳ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ପାଠପଢା ନିମନ୍ତେ ଟାଙ୍ଗୀ ତହସିଲ ଅଧୀନ ରୁପାଞ୍ଜଳି ବେହେରା, ବଡ଼ିସାହି ର ରାମଚନ୍ଦ୍ରପୁର ଙ୍କୁ ୧୦ ହଜାର ଟଙ୍କା ଏବଂ ବେଗୁନିଆ ତହସିଲ ଅଧୀନ ଠାକୁର ପ୍ରସାଦ ସାହୁ, ମସାଣିଆ, କୁଞ୍ଜୁରିଙ୍କୁ ପାଠପଢା ନିମନ୍ତେ ୦୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ରେ

# ରାଡିଏଲ୍ ଇବିୟୁଏସ୍-ଗାଇଡେଡ୍ କ୍ରାୟୋବାୟୋପ୍ସି ପ୍ରକ୍ରିୟାରେ ଚିକିତ୍ସା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ -୨, ଫୁଲନଖରା। ରାଜ୍ୟରେ ପ୍ରଥମ ଥର ପାଇଁ ସମ ହସ୍ପିଟାଲ-୨ରେ ଏଣ୍ଡୋବ୍ରୋଙ୍କିଆଲ୍ ଅଲଟ୍ରାସାଉଣ୍ଡ (ଇବିୟୁଏସ)-ଗାଇଡେଡ କ୍ରାୟୋବାୟୋପ୍ସି ପ୍ରକ୍ରିୟାରେ ଫୁସ୍‌ଫୁସ୍‌ରେ ସୃଷ୍ଟି ହୋଇଥିବା କ୍ଷତ ସ୍ଥାନର ମାଂସ ପରୀକ୍ଷା ପାଇଁ କଢ଼ାଯାଇଛି। ଜଣେ ୭୫ ବର୍ଷୀୟା ବୃଦ୍ଧା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ କଫ ଏବଂ ହେମୋପଟାଇସିସ ଭଳି ସମସ୍ୟାରେ ୨ ମାସ ହେବ ପୀଡ଼ିତ ଥିଲେ। ଛାତିରେ ସିଟି ସ୍କାନ୍ ଦ୍ୱାରା ବାମ ପଟ ଫୁସଫୁସରେ ଏକ କ୍ଷତ ଥିବା ଜଣାପଡ଼ିଥିଲା। ଚିରାଚରିତ ବାୟୋପ୍ସି ପ୍ରକ୍ରିୟାରେ ଚିକିତ୍ସାରେ ସମସ୍ୟା ଉପୁଜୁଥିବା ବେଳେ ଏହି ଅତ୍ୟାଧୁନିକ ରାଡିଏଲ୍ ଇବିୟୁଏସ



ଏବଂ କ୍ରାୟୋବାୟୋପ୍ସି ଦ୍ୱାରା ଡାକ୍ତରୀ ଟିମ ଉଚ୍ଚମାନର ଟିସ୍ୟୁ ନମୂନା ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ।

ପରବର୍ତ୍ତୀ ସମୟରେ ହିଷ୍ଟୋପାଥୋଲଜି ଦ୍ୱାରା ଏହି କ୍ଷତ ଟ୍ୟୁବରକ୍ୟୁଲାର ଥିବାର ଜଣାପଡ଼ିବା ସହ ଉପଯୁକ୍ତ ଚିକିତ୍ସାର ରାସ୍ତା ବାହାରିପାରିଥିଲା। ଏହି ପ୍ରକ୍ରିୟାରେ ପଲମୋନାରୀ ମେଡିସିନ ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ସ୍ୱଦେଶ କୁମାର ମହାନ୍ତି ନେତୃତ୍ୱ ନେଇଥିବା ବେଳେ ତାଙ୍କୁ ଡାକ୍ତର ରଚିତା ମହାନ୍ତି ଏବଂ ଡାକ୍ତର ସୂର୍ଯ୍ୟ ଶଙ୍କର ମେହେର ଓ ଆନେସ୍ଥେସିଆ ବିଭାଗ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା।

ଏହା କେବଳ ଏକ ଡାକ୍ତରୀ ସଫଳତା ନୁହେଁ ବରଂ ଆନ୍ତର୍ଜାତିକ ପଲମୋନାରୀ ମେଡିସିନ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ବଡ଼ ପଦକ୍ଷେପ ବୋଲି ଡାକ୍ତର ମହାନ୍ତି କହିଛନ୍ତି। ଏହି ପଦ୍ଧତି ଦ୍ୱାରା ଫୁସଫୁସର ଗଭୀରତମ ସ୍ଥାନରେ ଥିବା କ୍ଷତ ନିକଟରେ ପହଂଚିପାରିବା ସହ ଏହାର ନମୂନା ସଂଗ୍ରହ କରିବାରେ ମଧ୍ୟ ସମ୍ଭବ ହୋଇପାରୁଥିବା ଡାକ୍ତର ମହାନ୍ତି କହିଛନ୍ତି। ଏହି ସଫଳତା ଦ୍ୱାରା ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ ଫୁସଫୁସ ସମସ୍ୟାର ଚିକିତ୍ସା ନିମନ୍ତେ ଏଭଳି ଉନ୍ନତ ଅତ୍ୟାଧୁନିକ ଚିକିତ୍ସା ଓ ପରୀକ୍ଷଣ ପ୍ରକ୍ରିୟା ଆପଣେଇବାରେ ଭାରତର ହାତଗଣତି କେନ୍ଦ୍ରଗୁଡ଼ିକ ସହ ଯୋଡ଼ି ହୋଇପାରିଥିବା ଡାକ୍ତର ମହାନ୍ତି କହିଛନ୍ତି।

## ଗାଁ ଗାଁ ଯାଇ ଭୋଟ ଭିକ୍ଷା କରିବି : ଭକ୍ତ

# କଂଗ୍ରେସ ସମସ୍ତ ଭୂମିହୀନ ଦଳିତ ଓ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ କରିବ

ନୂଆପଡ଼ା/ ଭୁବନେଶ୍ୱର,(ସବ୍ୟୁ): ପିସିସି ସଭାପତି ଭକ୍ତ ଚରଣ ଦାସ ବହୁ ପ୍ରତିକ୍ଷୀତ ନ୍ୟାୟ ଯାତ୍ରା ଏବଂ ସମାବେଶ ଖରିଆରରୁ ନୂଆପଡା ଅଭିମୁଖେ ଆରମ୍ଭ କରିଛନ୍ତି।ଉତ୍କେଳା ବିମାନ ବନ୍ଦରରୁ ଖରିଆର ପହଞ୍ଚିବା ପରେ କଂଗ୍ରେସର ନେତୃବୃନ୍ଦ ଏବଂ ହଜାର ହଜାର କର୍ମକର୍ତ୍ତା ଶ୍ରୀ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଏକ ବିଶାଳ ବାଇକ ରାଲି ଯୋଗେ ଖରିଆର ରୋଡ଼ର ନ୍ୟାୟ ସମାବେଶ ସଭା ସ୍ଥଳକୁ ପହଞ୍ଚିଥିଲେ।ନୂଆପଡା ବିଧାୟକ ପ୍ରାର୍ଥୀ ତଥା କଂଗ୍ରେସ ଜିଲ୍ଲା ସଭାପତି ଘାସିରାମ ମାଝୀ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ । ବିହାରରେ ରାହୁଲ ଗାନ୍ଧୀଙ୍କ ଯାତ୍ରାରେ ମୁଁ ଅଂଶଗ୍ରହଣ କରିଥିଲି ଏବଂ ଏହା ମତେ ଆଗକୁ ସଂଘର୍ଷ କରିବା ପାଇଁ ଅନେକ ଉତ୍ସାହିତ କରିଛି । ନୂଆପଡାର ଉଦୀୟମାନ କଂଗ୍ରେସ ନେତା ଘାସିରାମ ମାଝିଙ୍କ ବଳିଷ୍ଠ ନେତୃତ୍ୱରେ ଆମେ ଶ୍ରମିକ, ବଞ୍ଚିତ, ଦଳିତ ଏବଂ ଆଦିବାସୀଙ୍କ ନ୍ୟାୟର ଲଢେଇ କରିବୁ । ଆମେ ଗାଁ ଗାଁ ଯାଇ ଭୋଟ ଭିକ୍ଷା କରିବୁ ଲୋକଙ୍କ ସହିତ ମିଶିବୁ । କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ମାଝୀ ଜଣେ ଅତ୍ୟନ୍ତ ପରୋପକାରୀ ଏବଂ ସାମାଜିକ ନ୍ୟାୟ ପାଇଁ ସଂଘର୍ଷଶୀଳ ନେତା । ଆମେ ସମସ୍ତେ ମିଶି ଲଢେଇ କରି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ କଂଗ୍ରେସକୁ ଜୟଯୁକ୍ତ କରିବା ବୋଲି ପିସିସି ସଭାପତି ତାଙ୍କ ବ୍ୟକ୍ତବ୍ୟ ରଖିଥିଲେ ।

ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ନ୍ୟାୟ ସମାବେଶରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । କଂଗେସ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱକୁ ଆସ୍ଥା ପ୍ରକଟ କରି ନୂଆପଡ଼ା ଜିଲ୍ଲାର ବହୁ ଯୁବ କର୍ମୀ ଓ ନେତା ବିଜେପି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ଯୋଗ ଦେଇଥିଲେ । ପିସିସି ସଭାପତି ଶ୍ରୀ ଦାସ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପ ସଭାପତି ସନ୍ତୋଷ ସିଂହ ସାଲୁଜା, କଂଗ୍ରେସ ନେତା ଭାରତ ଭୂଷଣ ବେମାଲ , ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ସାଗରିଆ ପ୍ରମୁଖ ବହୁ ନେତୃବୃନ୍ଦ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଓ ହଜାର ହଜାର ସଂଖ୍ୟାରେ ମହିଳା,ଯୁବ, ଛାତ୍ର ଯୋଗଦେଇଥିଲେ ।

## ବାଣ ଭିଡୁଥିବା ବେଳେ ଭୟଙ୍କର ବିସ୍ଫୋରଣ

# ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ଅନିଲ

ବେତନଟୀ (ସବ୍ୟୁ)ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଗ୍ରାମରେ ରବିବାର ବାଣ ଭିଡୁ ଥିବା ବେଳେ ଭୟଙ୍କର ବାଣ ବିସ୍ଫୋରଣରେ ଅବସ୍ଥା ସଂକଟାପନ୍ନ ଥିବା ଯୁବକ ଅନିଲ ଦାସ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ସହ ଲଢ଼ିବାପରେ ସୋମବାର ଆଖି ବୁଜିଛନ୍ତି । ମୃତ ଅନୀଲଙ୍କ ମା, ସାନଭାଇ, ସ୍ତ୍ରୀ ଏବେ ବି ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଥିବାର ଜଣାଯାଇଛି। ପ୍ରାପ୍ତ ସୂଚନା ମୁତାବକ ବେଆଇନ ବାଣ ତିଆରି କାରଖାନାରେ ବାଣ ପ୍ରସ୍ତୁତି ସମୟରେ ଫଳରେ ୪ ଜଣ ଗୁରୁତର ଆହତ ହୋଇଥିବା ବେଳେ ସେଥି ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲା । ବୈଶିଙ୍ଗା ଥାନା ପୁରୁଣିଆ ପଞ୍ଚାୟତ ଅଧୀନ ବାଛୁରପଡା ଗ୍ରାମର ସନ୍ତୋଷ ଦାସଙ୍କ ବଡ଼ ପୁଅ ଅନିଲ କୁମାର ଦାସ ଛପର ଘରର ଭିତରେ ପଟରେ ରହି ବାଣ ଭିଡୁଥିବା ବେଳେ ଭୟାବହ ବିସ୍ଫୋରଣରେ ଘରର ଛପର ଉଡ଼ି ଯାଇଥିବା ବେଳେ କଂକ୍ରିଟ କାନ୍ଥ ଭୁଶୁଡ଼ି ଯାଇଥିଲା। ଅନିଲଙ୍କ ମାଆ ଶାନ୍ତିଲତା ଦାସ, ସ୍ତ୍ରୀ କ୍ରିଷ୍ଣା ଦାସ, ସାନ ଭାଇ ସୁନୀଲ ଦାସ ଉକ୍ତ ଘରର ବାହାର ପାଖରେ ରହି ବାଣ ଭିଡୁଥିଲେ । ଏହି ସମୟରେ କୌଣସି କାରଣ ବଶତଃ ପୂର୍ବାହ୍ନ ପାଖାପାଖି ୧୧ଟା ବେଳକୁ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଫଳରେ ଘରର ପକ୍କା କାନ୍ଥ , ଛପର ଭାଙ୍ଗି ମାଟିରେ ମିଶିଯାଇଥିଲା। ଏହି ବିସ୍ଫୋରଣରେ ଅନିଲର ସ୍ୱାସ୍ଥ୍ୟବସ୍ଥା ସଂକଣ୍ଟାପନ୍ନ ଥିବା ବେଳେ ମା , ସ୍ତ୍ରୀ ଏବଂ ସାନ ଭାଇ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ଅବସ୍ଥା ସଙ୍କଟାପନ୍ନ ଥିବା ଅନିଲଙ୍କୁ ପ୍ରଥମେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ନିଆଯାଇଥିବାବେଳେ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେହିପରି ଗୁରୁତର ଆହତ ଅନିଲଙ୍କ ମାଆ ଶାନ୍ତିଲତା, ସ୍ତ୍ରୀ କ୍ରିଷ୍ଣା , ସାନ ଭାଇ ସୁନୀଲ ମଧ୍ୟ ସ୍ଥାନୀୟ ଡ଼ାକ୍ତରଖାନା ରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସୋମବାର ଶେଷରେ ଜୀବନ ସହିତ ସଂଗ୍ରାମ କରି କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନୀଲ ଆଖିବୁଜି ଥଲେ । ତାଙ୍କର ମୃତ୍ୟୁ ଖବର ଶୁଣି ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଳାପୀ , ପରୋପକାରୀ , ହୃଦୟବାନ ଯୁବକ ଥିଲେ ।ତାଙ୍କର ମୃତ୍ୟୁରେ ବିଭିନ୍ନ ସଂଗଠନ , ସ୍ଥାନୀୟ ନେତୃବୃନ୍ଦ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏନେଇ ବୈଶିଙ୍ଗା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରଶାସନର ନାକ ତଳେ ଜୀବନକୁ ବାଜି ଲଗାଇ ଏହି ଗ୍ରାମର ଲୋକମାନେ କୋଟି କୋଟି ଟଙ୍କାର ବାଣ ପ୍ରସ୍ତୁତି କରୁଥିବା ବେଳେ ଅନେକ ସମୟରେ ବିସ୍ଫୋରଣରେ ଜୀବନ ମଧ୍ୟ ଚାଲିଯାଉଥିବାର ଅନେକ ନଜିର ରହିଥିବା ବେଳେ ପ୍ରଶାସନ ଚୁପ ରହିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପାଣିରେ ବୁଡ଼ି ଯୁବତୀ ମୃତ୍ୟୁ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଏକରୁଖା ଗ୍ରାମର ତ୍ରିନାଥ ନାୟକଙ୍କ ଝିଅ ଯଶୋଦା ନାୟକ (୩୨) ଗ୍ରାମ ନିକଟ ନଦୀରେ ଗାଧାଉ ଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ ।ଘରକୁ ଫେରିବା ଡେରି ହେବାରୁ ପରିବାର ଲୋକେ ନଦୀରେ ଯାଇ ଖୋଜା ଖୋଜି କରିବା ପରେ ଝିଅ ପାଣିରେ ବୁଡି ଯାଇଥିବା ଦେଖିବାକୁ ପାଇଥିଲେ ।ସଙ୍ଗେ ସଙ୍ଗେ ପରିବାର ଲୋକେ ଝିଅକୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।ଡାକ୍ତର ଦେଖିବା ପରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ଖବର ପାଇ କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ସବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ ।ଏନେଇ କଣାସ ଥାନାରେ ୧୧/୩୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ ଓଡିଶା ଶାଖାର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ସବ୍ୟୁ): ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇବିଓସି) ଓଡିଶା ଶାଖା ପକ୍ଷରୁ ଏହାର ୪୧ତମ ପ୍ରତିଷ୍ଠା ଦିବସ ଉତ୍ସାହ, ଏକତା ଓ ସାମାଜିକ ଦାୟିତ୍ୱର ନବୀନ ପ୍ରତିଶ୍ରୁତି ସହ ପାଳିତ ହେଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ପିଏନବି ଜୋନାଲ୍ ଅଫିସ୍, ଖରବେଳ ନଗର, ଭୁବନେଶ୍ୱର ପ୍ରାଙ୍ଗଣରେ ହେଲା ଓ ସମଗ୍ର ରାଜ୍ୟର ଅଫିସର୍ସ ମୁଦାୟ ପାଇଁ ଏକ ଗର୍ବ ଓ ଅନୁଭବର ଦିନ ହେଲା। ଏହି ଅବସରରେ ରାଜ୍ୟ ସଭାପତି ତ୍ରୈଲୋଚନ ସାହୁ, ସଚିବ ଅମିତାଭ ଦାସ, ୟୁନିୟନ ବ୍ୟାଙ୍କର ସାଧାରଣ ସଚିବ ଗୌରୀଶଙ୍କର ଚୌଧୁରୀ, ସ୍ନେହାଶିଶ ଘଡେଇ, ସୁକାନ୍ତ ଛାଟୋଇ , ସୌମେନ୍ଦ୍ର ସାହୁ ଓ ବିଭିନ୍ନ ବ୍ୟାଙ୍କର ନେତା, ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସଚିବ ତାଙ୍କ ଉଦ୍‌ବୋଧନରେ ଏଆଇବିଓସିର ସ୍ଥାପକ ନେତାମାନଙ୍କୁ ସ୍ମରଣ କରି ବର୍ତ୍ତମାନର ଅର୍ଥନୈତିକ ପରିବର୍ତ୍ତନ, ବ୍ୟାଙ୍କର ଘରୋଇକରଣ, ଆଉଟସୋର୍ସିଂ ଓ ଡିଜିଟାଲ ରୂପାନ୍ତରଣ ଭଳି ଚ୍ୟାଲେଞ୍ଜ ମଧ୍ୟରେ ଅଫିସରମାନଙ୍କ




ଅଧିକାର ଓ ସମ୍ମାନ ରକ୍ଷା ପାଇଁ ଏକତା ଓ ସଚେତନତା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ ଏଆଇବିଓସି ଓଡିଶା ରାଜ୍ୟ ୟୁନିଟ ଘୋଷଣା କଲେ ଯେ, ଆସନ୍ତା ଦିନରେ ରଚନା ଓ ବିତର୍କ ପ୍ରତିଯୋଗିତା ସହିତ ଏକ ୱାକାଥନ୍ ଆୟୋଜିତ ହେବ। ବିଭିନ୍ନ ପ୍ରତିଯୋଗିତାର ବିଷୟ ହେବ — "ରାଷ୍ଟ୍ର ଗଠନରେ ବ୍ୟାଙ୍କ ଅଫିସରମାନଙ୍କ ଭୂମିକା," "ଆଧୁନିକ ବ୍ୟାଙ୍କିଂରେ ନୈତିକତା," ଓ "ସସ୍ଥାୟୀ ଅର୍ଥନୀତି ଓ ସାମାଜିକ ଦାୟିତ୍ୱ।"ୱାକାଥନ୍ ମାଧ୍ୟମରେ ସୁସ୍ଥ ଜୀବନ, ଏକତା ଓ ବ୍ୟାଙ୍କ ଅଫିସରମାନଙ୍କ ଦେଶ ଗଠନରେ ଭୂମିକା ବିଷୟରେ ସଚେତନତା ସୃଷ୍ଟି ହେବ।

## ସୋଆ ଆଇବିସିଏସ୍ ଏବଂ ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ 'ସ୍ୱଚ୍ଛତା ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ସାଇନସେସ୍ (ଆଇବିସିଏସ୍) ଏବଂ ବିଶ୍ୱବିଦ୍ୟାଳୟର ଏନ୍‌ଏସଏସ୍ ଶାଖା ପକ୍ଷରୁ ସେପ୍ଟେମ୍ବର ମାସ ୨୭ ତାରିଖ ଦିନ 'ସ୍ୱଚ୍ଛ ଭାରତ ଅଭିଯାନ' ପରିପ୍ରେକ୍ଷୀରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ପରିବେଶ ପ୍ରଦୂଷଣକୁ ରୋକିବା ଦିଗରେ ସଚେତନତା ନେଇ ଆଇବିସିଏସ୍ କ୍ୟାମ୍ପସ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ ପ୍ରଫେସର ଅୟସ କାନ୍ତ ମହାନ୍ତି, ଆସୋସିଏଟ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ଏବଂ ଛାତ୍ର ମଙ୍ଗଳ ଡିନ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇ ସ୍ୱଚ୍ଛତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏନ୍‌ଏସ୍‌ଏସ୍ ର ପ୍ରୋଗ୍ରାମ ଅଫିସର ଶ୍ରୀ ଅନନ୍ତ ପ୍ରସାଦ ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ 'କ୍ଲିନ୍ କ୍ୟାମ୍ପସ, ଗ୍ରୀନ୍ କ୍ୟାମ୍ପସ' ଏବଂ 'ଏ କ୍ଲିନ୍ ଏନ୍‌ଭାଇରନ୍‌ମେଂଟ ଇଜ ଏ ହେଲ୍‌ଦି ଏନ୍‌ଭାଇରନ୍‌ମେଂଟ' ସ୍ଲୋଗାନ୍ ଦେଇ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# 'ପ୍ରୟାସ' ଦାଣ୍ଡିଆ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ପ୍ରୟାସ' ଆନୁକୁଲ୍ୟରେ ଆୟୋଜିତ ଦ୍ୱାଦଶ ଦାଣ୍ଡିଆ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ୭ଦିନ ଧରି ଆୟୋଜିତ ହେଉଥିବା ଏହି ମହୋତ୍ସବର ଅନ୍ତିମ ସନ୍ଧ୍ୟାକୁ ବରିଷ୍ଠ ସାମ୍ବାଦିକ ତଥା 'ପ୍ରୟାସ'ର ଟ୍ରଷ୍ଟି କୌସ୍ତୁଭ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଗତ ସେପ୍ଟେମ୍ବର ୨୬ତାରିଖରୁ ଏହି ଦାଣ୍ଡିଆ ମହୋତ୍ସବ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ଦଶହରା ଦିନ ଶେଷ ହୋଇଥିଲା। ଚଳିତବର୍ଷ ଦାଣ୍ଡିଆରେ ପ୍ରାୟ ୨୫ହଜାର ଲୋକ ସାମିଲ ହୋଇ ଗୁଜୁରାଟର ଏହି ମହାନ ପରମ୍ପରାକୁ ଓଡ଼ିଆ ଓ ହିନ୍ଦି ସଙ୍ଗୀତର ତାଳେ ତାଳେ ନୃତ୍ୟ କରି ଉପଭୋଗ କରିଥିଲେ। ସେହିପରି 'ପ୍ରୟାସ' ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ଭଲ ନୃତ୍ୟ ଏବଂ ପୋଷାକ ପରିଧାନ କରିଥିବା ଯୁବକଯୁବତୀ ଓ ଛୋଟ ପିଲାଙ୍କୁ ବେଷ୍ଟ ଡ୍ୟାନ୍‌ସର, ବେଷ୍ଟ କଷ୍ଟ୍ୟୁମ୍, ବେଷ୍ଟ କିଡ୍ ଡ୍ୟାନସର ଓ ବେଷ୍ଟ କପଲ ଆଦି ଚୟନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମହୋତ୍ସବରେ ପଡ଼ିଥିବା



ଷ୍ଟଲ୍‌ରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ମଧ୍ୟ ଲୋକ ନେଇଥିଲେ। ଲଗାତାର 'ପ୍ରୟାସ' ପକ୍ଷରୁ ୧୨ବର୍ଷ ବ୍ୟାପୀ ଏଭଳି ଏକ ଆୟୋଜନକୁ ଜନସାଧାରଣ ବେଶ୍ ପ୍ରଶଂସା କରିଥିଲେ। ମହୋତ୍ସବକୁ ସମ୍ପୂର୍ଣ୍ଣ ରୂପେ ମଦ୍ୟପାନ ନିଷେଧ, ଧୂମପାନ ନିଷେଧ ଓ ଆମିଷ ନିଷେଧ କରାଯାଇଥିଲା। ଲୋକମାନେ ପରିବାର ସହ ଆସି ଏଠାରେ ପାର୍ବଣରେ ମନଭରି ଉପଭୋଗ କରିଥିଲେ। ଚଳିତବର୍ଷର ମହୋତ୍ସବ ସଫଳ ହୋଇଥିବାରୁ 'ପ୍ରୟାସ'ର ଅଧ୍ୟକ୍ଷ ତଥା ଆଇନଜୀବୀ ବନ ମହାନ୍ତି ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ 'ପ୍ରୟାସ'ର ସଦସ୍ୟ କମଳ ମହାନ୍ତି, କୌଶିକ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡିତରା, ସୋନାଲି ପ୍ରିୟଦର୍ଶିନୀ, ଜସ୍ମିନ ମହାନ୍ତି, ମମତା ମହାନ୍ତି, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ପ୍ରଶାନ୍ତ ଦାସ, ରାଜଦୀପ ଦାସ, ସୁରେଶ ପତ୍ରୀ, ଉମାକାନ୍ତ ତାଣ୍ଡି, ଡିଏନ୍ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଓଡିଶା ଲେଖିକା ସଂସଦର ମାସିକ ବୈଠକ

ଭୁବନେଶ୍ୱର (ସବ୍ୟୁ): ରବିବାର ରାଜଧାନୀ କଳାସଂସଦର ସଭାଗୃହରେ ଓଡ଼ିଶା ଲେଖିକା ସଂସଦର ମାସିକ ବୈଠକ



ସଭାପତି ଡ. ଶକୁନ୍ତଳା ବଳିୟାର ସିଂହ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ମିନତି ମିଶ୍ର ସ୍ୱରଚିତ ଜଗନ୍ନାଥ ଜଣାଣ ଗାନ କରିଥିଲେ। ସଭା ଆରମ୍ଭରେ ଏହାର ଦିବଂଗତ ସଦସ୍ୟା ମନିକା ମହାପାତ୍ର ଙ୍କ ବିୟୋଗରେ ସମସ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ତାର ସ୍ମୃତିଚାରଣ କରିଥିଲେ। ଏହି ସଭାରେ ସଂସଦର ଉପସଭାପତି ଗୋଲାପ ମଞ୍ଜରି କର, କୋଷାଧ୍ୟକ୍ଷ ସୁଜାତା ମହାପାତ୍ର, ଯୁଗ୍ମ ସଂପାଦିକା କାନନବାଳା ପଟ୍ଟନାୟକ, ହରିପ୍ରିୟା ପଟ୍ଟନାୟକ,ଗୀତାଞ୍ଜଳି ପାଣି ପ୍ରଭୃତି ପ୍ରାୟ କୋଡିଏ ଜଣ କବି ସ୍ୱରଚିତ କବିତାମାନ ପାଠ କରିଥିଲେ। ସଂସଦର ଆସନ୍ତା ମାସିକ ବୈଠକ ବୁଦ୍ଧମନ୍ଦିର ପରିସରରେ ବୟୋଜ୍ୟେଷ୍ଠ ଲେଖିକା ଡ. ସାଗରିକା ଦାସ ସଂଧ୍ୟା ଭାବରେ ପାଳିତ ହେବ ବୋଲି ସ୍ଥିର ହେଲା। ଲେଖିକା ସଂସଦର ବାର୍ଷିକ ଉତ୍ସବ ଆସନ୍ତା ୨୦୨୬ ମସିହା ଫେବୃୟାରୀ ବା ମାର୍ଚ୍ଚ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ସଂସଦର ସ୍ମରଣିକାରେ ମା, ମାଟି ଓ ମାତୃଭାଷା ଆଧାରିତ ବିଷୟମାନ ସ୍ଥାନିତ ହେବ ବୋଲି ସଭାପତି ଘୋଷଣା କରିଥିଲେ। ପରିଶେଷରେ ସଂସଦର ଯୁଗ୍ମ ସଂପାଦିକା କାନନବାଳା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଲସା ପକ୍ଷରୁ ମଧ୍ୟସ୍ଥତା "ରାଷ୍ଟ୍ର ପାଇଁ" ଅଭିଯାନ

କଟକ,(ସବ୍ୟୁ) ଓଡ଼ିଶା ହାଇକୋର୍ଟ , ବିଭିନ୍ନ ଜିଲ୍ଲା ଓ ତାଲୁକ ସ୍ତରୀୟ ଅଦାଲତଗୁଡ଼ିକରେ ପଡ଼ି ରହିଥିବା ମାମଲାଗୁଡ଼ିକର ଫଇସଲା ପାଇଁ ଏକ ସ୍ୱତନ୍ତ୍ର ୯୦ ଦିନିଆ ମଧ୍ୟସ୍ଥତା ପଦକ୍ଷେପ ସ୍ୱରୂପ ମଧ୍ୟସ୍ଥତା "ରାଷ୍ଟ୍ର ପାଇଁ" ଅଭିଯାନ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ସୁପ୍ରିମକୋର୍ଟଙ୍କ ମଧ୍ୟସ୍ଥତା ଏବଂ ସମାଧାନ ପ୍ରକଳ୍ପ କମିଟି (ଗଉଚଉ)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ୧ ଜୁଲାଇ, ୨୦୨୫ ରୁ ୩୦ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନ କାଳରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଏବଂ ତାଲୁକ କୋର୍ଟ ଦ୍ୱାରା ପନ୍ଦରଟି ବିଭିନ୍ନ ବର୍ଗରେ ମୋଟ ୧୩, ୫୨୭ଟି ବୈବାହିକ, ଦୁର୍ଘଟଣା ଜନିତ ଦାବି, ଘରୋଇ ହିଂସା, ଚେକ୍ ବାଉନ୍ସ,, ବାଣିଜ୍ୟିକ ବିବାଦ, ଚାକିରି ସମ୍ବନ୍ଧୀୟ ମାମଲା, ଫୌଜଦାରୀ ମାମଲା, ଉପଭୋକ୍ତା ବିବାଦ, ଋଣ ଆଦାୟ, ବିଭାଜନ, ଉଚ୍ଛେଦ, ଜମି ଅଧିଗ୍ରହଣ, ଅନ୍ୟାନ୍ୟ ଉପଯୁକ୍ତ ଦେୱାନୀ ମାମଲା, ମଧ୍ୟସ୍ଥତା ମାଧ୍ୟମରେ ସାଲିସ, ବିଦ୍ୟୁତ୍ ଏବଂ ଶ୍ରମ ଆଦି ବିଚାରଧୀନ ମାମଲାଗୁଡିକୁ ଯଥାକ୍ରମେ ଓଡ଼ିଶା ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ର ଏବଂ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ମଧ୍ୟସ୍ଥତା ନିମନ୍ତେ ପଠାଯାଇଥିଲା। ଉପରୋକ୍ତ ମାମଲାଗୁଡିକ ମଧ୍ୟରୁ ସେପ୍ଟେମ୍ବର ୩୦ସୁଦ୍ଧା ୮ ୯୦ ମାମଲାର ସଫଳ ଭାବରେ ଫଇସଲା କରାଯାଇଛି। ଏହି ସମୟ ମଧ୍ୟରେ ୭ ୯୪୨ଟି ମାମଲା ଅସଫଳ/ନନ୍ ଷ୍ଟାର୍ଟର ରହିଥିବାବେଳେ ୪୬ ୯ ୫ଟି ମାମଲା ମଧ୍ୟସ୍ଥତା ପାଇଁ ବିଚାରାଧୀନ ରହିଛି।



ପବିତ୍ର କୁମାର ପୂର୍ଣ୍ଣମୀ ଅବସରରେ କୁମାରୀମାନଙ୍କର ଚାନ୍ଦ ପୂଜା

## ସାଇବର ଅପରାଧ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ
### ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକରେ ଏକ ବିଷୟ ସ୍ଥାନିତ କରାଯାଉ

ବ୍ରହ୍ମପୁର, (ସବ୍ୟୁ): କୋଭିଡ -୧୯ କରୋନା ପରେ ପରେ ଅନ ଲାଇନ କ୍ଲାସ ଓ କୋଚିଙ୍ଗ ନେବା ନିମନ୍ତେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ହାତରେ ସ୍ମାର୍ଟ ଫୋନ ଧରେଇବାରେ ପିତାମାତା ମାନେ ବାଧ୍ୟ ହୋଇଥିଲେ । ବର୍ତ୍ତମାନ ଦେଖିବାକୁ ମିଳୁଛି ସମସ୍ତ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରୁ ସ୍ମାର୍ଟ ଫୋନ ଧରିବା ଆରମ୍ଭ କରିଦେଲେଣି । ଅନ-ଲାଇନରେ କିଣାକିଣି ଓ ଖେଳାଖେଳି କରି ଅଜାଣତରେ ସାଇବର ଅପରାଧରେ ଫସି ଠକେଇର ଶିକାର ହେଉଛନ୍ତି । ବର୍ତ୍ତମାନ ଅଭିଭାବକ ଓ ମାତାପିତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଖାସକରି ନାବାଳିକା ଛାତ୍ରୀମାନେ ଏଥିରେ ଅଧିକରୁ ଅଧିକ ଶିକାର ହେଉଛନ୍ତି । ତାଙ୍କ ପୁରୁଷ ବନ୍ଧୁ ମାନେ ଅତି ଚତୁରତା ସହିତ ସେମାନଙ୍କ ନଗ୍ନ ଚିତ୍ର ଉତ୍ତୋଳନ କରି ବ୍ଲାକମେଲ କରୁଛନ୍ତି । ନଶୁଣିଲେ ଫେସବୁକରେ ଭାଇରଲ କରିଦେବାର ଧମକ ଦେଉଛନ୍ତି । ଫଳରେ ଅନେକ ନାବାଳିକା ଛାତ୍ରୀଙ୍କୁ ସାଇବର ଅପରାଧରୁ ମୁକୁଳିବା ପାଇଁ ଏକ ଅଧ୍ୟାୟ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକରେ ସ୍ଥାନିତ କରି ପ୍ରତି ମାସରେ ଆଲୋଚନା କରାଯାଉ । ଫଳରେ ଛାତ୍ରଛାତ୍ରୀ ବହୁମାତ୍ରାରେ ସାଇବର ଅପରାଧ ଉପରେ ଜ୍ଞାନ ହାସଲ କରି ଏଥିରୁ ମୁକୁଳି ପାରିବେ ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି ।

## ଜମି ନଥାଇ ଚାଷୀ ପଞ୍ଜିକରଣ ଏବଂ ସୁଭଦ୍ରା ଯୋଜନାରୁ ବାଦ

# ଜିଲ୍ଲାପାଳଙ୍କୁ ଭେଟିଲେ ମହିଳା, ଘଟଣାର ତଦନ୍ତ କରାଯିବ: ଜିଲ୍ଲାପାଳ



ଛତ୍ରପୁର, (ସବ୍ୟୁ): ପୁରୁଷୋତମପୁର ବ୍ଲକ ସୁନାଥର ଗ୍ରାମ ପଚାଂୟତରେ ଶ୍ରୀରାମ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଓ ମା' ସରସ୍ୱତୀ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ବିରୁଦ୍ଧରେ ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ମହିଳାମାନେ । ଏହି ଦୁଇ ସଂଘ ନକଲି ଚାଷୀ ଓ ନକଲି ଜମି ପଟାରେ ନକଲି ଚାଷୀ ପଞ୍ଜିକରଣ କରାଇ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି । ଯାହାଫଳରେ ଗ୍ରାମର କିଛି ମହିଳା ସୁଭଦ୍ରା ଯୋଜନାରେ ଯୋଗ୍ୟ ଥାଇବି ସେମାନେ ସୁଭାଦ୍ରା ଯୋଜାନରୁ ବାଦ ପଡିଯାଇଛନ୍ତି । ଏପରିକି ସେମାନଙ୍କୁ ଧମକ ଦିଆଯାଉଥିବା ନେଇ ମହିଳାମାନେ ଜିଲାପାଳ ଭି.କିର୍ତି ଭାସନଙ୍କୁ ଭେଟି ବିଭିନ୍ନ ବିଷୟରେ ଅବଗତ କରାଇଛନ୍ତି । କାହାର ଜମି ନଥାଇ ମଧ୍ୟ ଚାଷୀ ପଞ୍ଜିକରଣ କରାଯାଇଛି କାହାର କମ ଜମି ଥାଇକି ଅଧିକ ଜମି ରହିଥିବା ଦର୍ଶାଯାଇଛି । ସୁନାଥର ଗ୍ରାମର ରିନା ନାହାକ କୌଣସି ଜମି ନଥିବା ବେଳେ ମା ସରସ୍ୱତୀ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମଣ୍ଡିରେ ଜମି ରହିଥିବା ଦର୍ଶାଇଥିଲେ । ଏପରିକି ତାଙ୍କ ଆଧାରକାର୍ଡ ନେଇ ଜମି ପଞ୍ଜିକରଣ ସମୟରେ କରିଦେଇଥିଲେ । ଏପରିକି ରିନାଙ୍କ ଖାତାକୁ ସରକାରଙ୍କ ଧାନ ବିକ୍ରି ସମୟରେ ବୋନସ ଆକାରରେ ୨ ଲକ୍ଷ ଟଙ୍କା ଖାତାକୁ ଆସିଥିଲା । ପରବର୍ତୀ ସମୟରେ ଉକ୍ତ ଟଙ୍କାକୁ ମଧ୍ୟ ସଂଘ ମାଗି ନେଇଯାଇଥିଲେ । ସେ ଜଣେ ସୁଭଦ୍ରା ଯୋଜନାରେ ପାଇବାକୁ ଯୋଗ୍ୟ ରହିଥିବା ବେଳେ ଅଧିକ ଜମି ରହିଥିବା ଦର୍ଶାଯାଇ ତାଙ୍କରି ସୁଭଦ୍ରା ଯୋଜନାରୁ ବାଦ ପଡିଛନ୍ତି ବୋଲି ଜିଲ୍ଲାପାଳଙ୍କୁ କହିଥିଲେ । ସେହିପରି ସୁନାଥର ଗ୍ରାମର ଅନୀତା ନାହାକ ଓ ତାଙ୍କରି ୪ଝିଅ ମଧ୍ୟ ସୁଭଦ୍ରା ଯୋଜନା ପାଇବାକୁ ଯୋଗ୍ୟ ରହିଥିଲେ ବି ତାଙ୍କରି ମଧ୍ୟ ଅଧିକ ଜମି ରହିଥିବା ଦର୍ଶାଇ ବାଦ ପଡିଛନ୍ତି । ତାଙ୍କର ମାତ୍ର ୧୦ ଭରଣ ଜମି ରହିଥିବା ବେଳେ ଶ୍ରୀରାମ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମଣ୍ଡି ପଞ୍ଜିକରଣ ସମୟରେ ଅଧିକ ଜମି ଦର୍ଶାଇଥିଲେ । ଏପରିକି ବୋନସ ଆକାରରେ ୩ ଲକ୍ଷ ଟଙ୍କା ଆସିଥିଲା ଏବଂ ଏହି ସଂଘ ସେମାନଙ୍କ ଠାରୁ ନେଇଯାଇଥିଲା । ଦୁଇ ସଂଘ ପାଇଁ ସୁନାଥର ଗ୍ରାମର ୫୦ ରୁ ଉର୍ଦ୍ଧ୍ୱର୍ ମହିଳାମାନେ ସୁଭାଦ୍ରା ଯୋଜନାରୁ ବାଦ ପଡିବା ସହ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଦୁଇ ସଂଘ ହାତେଇଥିବା ଜିଲାପାଳଙ୍କୁ କହିଥିଲେ । ଯଦି ତଦନ୍ତ କରାଯିବ ହେଲେ ଆହୁରି ବହୁ ତଥ୍ୟ ଆଗକୁ ଆସିବ ବୋଲି କହିଥିଲେ । ଜିଲାପାଳ ଏହି ଘଟଣାକୁ ନେଇ ଜିଲା ଯୋଗାଣ ଅଧିକାରୀ ଓ ମିଶନ ଶକ୍ତି ଡିପିସିଙ୍କୁ ତଦନ୍ତ କରି ଏହାର ରିର୍ପୋଟ ପ୍ରଦାନ କରିବାକୁ କହିଛନ୍ତି । ରିର୍ପୋଟ ଆସିଲେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ନିଶା ନିବାରଣ କେନ୍ଦ୍ର ଅନ୍ତେବାସୀଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଲାଠି ରାସ୍ତାରେ ଥିବା "କର୍ତ୍ତବ୍ୟ' ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀ ଭାବେ ରହୁଥିବା ଖାରବେଳନଗରର ଅଶୋକ କୁମାର ପାଣିଗ୍ରାହୀ(୩୦)ଙ୍କ ମୃତ୍ୟୁର କାରଣ ବାର୍ତ୍ତମାନ ସୁଧା ଜଣାପଡି ନାହିଁ ସେ ଛାତରୁ ଡେଇଁବା ଯୋଗୁ ତାଙ୍କର ମୃତ୍ୟୁ ହୋଇ ନାଁ କର୍ମଚାରୀଙ୍କ ମାଡରେ ମୃତ୍ୟୁ ହୋଇଛି ତାହା ସନ୍ଦେହ ଘେରରେ ରହିଛି। ତେବେ ମୁଣ୍ଡରେ ଗଭୀର ଆଘାତ ଲାଗିବା କାରଣରୁ ଅଶୋକଙ୍କ ମୃତ୍ୟୁ ହୋଇଥିବା ଏମକେସିଜିର ଡାକ୍ତରମାନେ କହିଛନ୍ତି। ତାଙ୍କ ମୁଣ୍ଡରେ ଆଘାତ କିପରି ଲାଗିଲା ତାହା ପୁଲିସ ତଦନ୍ତରୁ ହିଁ ଜଣାପଡିଛି। ଘଟଣାପରେ ସଦର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତି ସାରିଥିଲେ ମଧ୍ୟ ଘଟଣାସ୍ଥଳକୁ ପୁଲିସର ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରି ନାହାନ୍ତି। ଅଶୋକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ସନ୍ଦେହ କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ପୁଲିସ ପକ୍ଷରୁ ସେଭଳି ଆଖିଦୃଷ୍ଟିଆ ତଦନ୍ତ କରାଯାଉନଥିବା ଅଭିଯୋଗ ହୋଇଛି। ସୂଚନାଥାଉକି, ଏହି ନିଶା ନିବାରଣ କେନ୍ଦ୍ରରେ ଆଜକୁ ୩ ମାସ ହେବ ଅଶୋକ ରହୁଥିଲେ। ହେଲେ ଶନିବାର ବିଳମ୍ବିତ ରାତିରେ ଅଶୋକଙ୍କ ସମେତ ଅନ୍ୟ ୩ ଜଣ ଅନ୍ତେବାସୀ ମିଶି ଫେରାର ହୋଇଯିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ରର ୨ ମହଲା ବିଶିଷ୍ଟ ଛାତ ଉପରକୁ ତଳକୁ ଡେଇଁ ପଡିଥିବା କେନ୍ଦ୍ର ପକ୍ଷରୁ ଅଶୋକଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। କେନ୍ଦ୍ରର କର୍ମଚାରୀମାନେ ଅଶୋକଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଛତ୍ରପୁର ସହରରେ ମାଙ୍କଡଙ୍କ ଉତ୍ପାତ

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସହରରେ ଦିନକୁ ଦିନ ମାଙ୍କଡ ଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । ଯାହା ଦ୍ୱାରା ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକଙ୍କ ସମେତ ସାଧାରଣ ନାଗରିକ ମାନେ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରରେ ଅଧିକ ମାତ୍ରାରେ ମାଙ୍କଡ ମାନେ ଘୁରି ବୁଲୁଥିବା ବେଳେ ବିନା କାରଣରେ ଲୋକଙ୍କ ଉପରେ ଆକ୍ରମଣ କରି ଚାଲିଛନ୍ତି । ଏପରିକି ବଜାରରୁ ପରିବା ଓ ରାସନ ସାମଗ୍ରୀ କିଣି ଘରକୁ ନେବା ବେଳେ ମଧ୍ୟ ମାଙ୍କଡ ମାନେ ଆକ୍ରମଣ କରି ସାମଗ୍ରୀ ଗୁଡିକ ଛଡାଇ ନେଉଛନ୍ତି । ଏଣୁ ଏହାର ପ୍ରତିକାର ଲାଗି ସହର ବାସିନ୍ଦା ମାନଙ୍କ ପକ୍ଷରୁ ଛତ୍ରପୁର ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷରେ ଚାଲିଥିବା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଛନ୍ତି ଛତ୍ରପୁର ସହର ବାସିନ୍ଦା ମାନେ । ଏହି ଅଭିଯୋଗ ପ୍ରଦାନ ବେଳେ ଆଇନଜୀବୀ ଡ଼ଃ ରାଜେନ୍ଦ୍ର କୁମାର ଦାଶ, ଗଙ୍ଗାଧର ପଣ୍ଡା, ମନୋଜ କୁମାର ବେହେରାଙ୍କ ସମେତ ବହୁ ସହର ବାସିନ୍ଦା ମାନେ ଉପସ୍ଥିତ ଥିଲେ ।

## କୁଆଁରୀ କନ୍ୟାଙ୍କ ଜହ୍ନିଓଷା ପୂଜା ଉଦ୍‌ଯାପିତ



ବୁଗୁଡ଼ା, (ସବ୍ୟୁ): ଆଧୁନିକ ଯୁଗରେ ଗ୍ରାମ୍ୟ ପରମ୍ପରାର ନିଦର୍ଶନ ସୃଷ୍ଟି କରିଥିବା କେତେକ ପର୍ବ ଲୋପ ପାଇବାକୁ ବସିଥିଲେ ହେଁ ବୁଗୁଡ଼ା ଅଞ୍ଚଳର ଗାଁ ଗହଳରେ ଏବେ ବି କେବଳ କୁଆଁରୀ କନ୍ୟାଙ୍କ ଦ୍ୱାରା ପାଳନ ହୋଇ ଆସୁଥିବା ନିଆରା ଜହ୍ନିଓଷା ପର୍ବ ଆଜି କୁମାର ପୂର୍ଣ୍ଣିମାରେ କ୍ରୀଡା କୌତୁକ ଓ ନୃତ୍ୟ ଗୀତ ସହ ଉଦଯାପିତ ହୋଇଯାଇଛି । ବୁଗୁଡା ସହର ଓ ବିଭିନ୍ନ ଗାଁରେ ଆଶ୍ୱିନ ମାସରେ କୁମାରୀ ଝିଅମାନେ ଏହି ଓଷା ପାଳନ କରିଆସୁଥିଲେ । ବୁଗୁଡା ଏନ୍‌ଏସିର ଯାଦବ ସାହି, ଖଡାଳ ସାହି ଆଦିର କୁମାରୀମାନେ ଏକତ୍ରିତ ଏହି ବ୍ରତ ପାଳନ କରି ପାର୍ବଣ ପରିବେଶକୁ ଅଧିକ ସରସ କରିଥିଲେ । ଓଷା ପାଳନ ପାଇଁ ଗ୍ରାମବାସୀ ତଥା ସାହି ବାସିନ୍ଦାଙ୍କ ମଧ୍ୟ ସହାୟତା ମିଳୁଥିଲା । ଏ ବର୍ଷ ସ୍କୁଲପିଲାଙ୍କଠାରୁ ମହାବିଦ୍ୟାଳୟରେ ପାଠ ପଢୁଥିବା ଏବଂ ପାଠ ଛାଡିଥିବା ଝିଅମାନେ ଏହି ଓଷା କରିଥିଲେ । ଦଳ ଦଳ ହୋଇ ଗାଁରେ ଥିବା ତୁଳସୀ ଚଉରା ମୂଳେ କୁମାରୀମାନେ ପୂଜା ଜାରି ରଖିଥିଲେ । ମାସ ତମାମ ନିଷ୍ଠା ସହକାରେ ଆମିଷ ଓ ଜହ୍ନି ପରିବାକୁ ସେମାନେ ଖାଇବା ତ ଦୂରର କଥା ସ୍ପର୍ଶ ବି କରିନଥିଲେ । ନିୟମିତ ସକାଳୁ ଫୁଲ ସଂଗ୍ରହ କରିବା ପରେ ସ୍ନାନ କରି ତୁଳସୀ ଚଉରା ମୂଳକୁ ଲିପାପୋଛା କରି ଧୂପଦୀପ ଦେଇ ଭୋଗଲାଗି କରୁଥିଲେ । ସେହିପରି ସନ୍ଧ୍ୟାସମୟରେ ପୁଣି ଚଉରା ନିକଟରେ ଜହ୍ନିଓଷା ପୁସ୍ତକ ପାଠ କରୁଥିଲେ । ଏହି ସମୟରେ ଗ୍ରାମରେ ବିଭିନ୍ନ ସ୍ଥାନର ପୂଜା କୁମାରୀଙ୍କ ସମ୍ମିଳିତ ସଙ୍ଗୀତ ଗାନ ପରିବେଶକୁ ଉତ୍ସବ ମୁଖରିତ କରୁଥିଲା । ପୂର୍ଣ୍ଣିମା ଦିନ ଉପବାସ ରହି ପୂଜା ଶେଷ ପରେ ଗଜା ଚାଙ୍ଗୁଡ଼ିକୁ ପୋଖରୀରେ ବିସର୍ଜନ କରି ବ୍ରତ ପାଳନ ଶେଷ କରିଥିଲେ । ଆଧୁନିକ ବିଜ୍ଞାନ ଯୁଗରେ ବିଭିନ୍ନ ପରମ୍ପରା ଲୋପ ହେବାକୁ ବସିଥିବା ବେଳେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ କୁଆଁରୀ ଝିଅମାନେ ଏହି ବ୍ରତ ପାଳନ ଜରିଆରେ ନିଜର ମନ ସ୍କାମନା ପୂର୍ଣ୍ଣ ସହ ପରିବାର ଓ ସମାଜର ମଙ୍ଗଳ କାମନା କରିଥିଲେ ।

## ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ କୁମାର ପୂର୍ଣ୍ଣମୀ ଅବସରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ବୁଗୁଡା ସହରର ବଡଦାଣ୍ଡ , ହାଇସ୍କୁଲ ଛକ ଓ ବ୍ଲକ କଲୋନୀ ସମେତ ଜଗତ ପାଟଣା, ଗୋଲିଆ, ଚଢିଆପଲ୍ଲୀ, ଭାମଶ୍ୟାଳି, ଭଗବାନପୁର, ବି.କରଡ଼ାବାଡ଼ି, ଖୋଲଖାଳି, ମୋଟାବାଡ଼ି, ମାଣିତରା ଆଦି ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି । ପୁରୋହିତମାନଙ୍କ ଦ୍ୱାରା ବିଭିନ୍ନ ପୂଜାମଣ୍ଡପରେ ବିରାଜିତ ଗଜଲକ୍ଷ୍ମୀଙ୍କର ହୋମ ଯଜ୍ଞ ସହ ପୂଜା ମନ୍ତ୍ର ପାଠ ଆଦି କାର୍ଯ୍ୟକ୍ରମ ହୋଇଥିଲା । ସ୍ଥାନୀୟ ବ୍ଲକ୍ କଲୋନୀ ପୂଜା ମଣ୍ଡପରେ ଦେବୀ ଗଜଲକ୍ଷ୍ମୀଙ୍କ ପୂଜା କାର୍ଯ୍ୟ ପୁରୋହିତ ଚିତ୍ତ ରଞ୍ଜନ ଦାଶ ଓ ଶଷ୍ଠି ପ୍ରସାଦ ହୋତା ଦ୍ୱାରା ସମ୍ପାଦିତ ହୋଇଥିଲା ବେଳେ କର୍ତ୍ତା ଭାବେ ନିଳାଞ୍ଚଳ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ହାଇସ୍କୁଲ ଛକ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜାକାର୍ଯ୍ୟରେ ପୁରୋହିତ ଭାବେ ଦିଲ୍ଲୀପ କୁମାର ଦାଶ ଏବଂ କର୍ତ୍ତା ଭାବେ ମନୋଜ ସାହୁ ଯୋଗ ଦେଇଥିଲାବେଳେ ବଡଦାଣ୍ଡ ପୂଜା ମଣ୍ଡପରେ ପୁରୋହିତ ଦୀପକ କୁମାର ଦାଶ ପୂଜା କାର୍ଯ୍ୟ ସମ୍ପାଦନ ଏବଂ ବାବୁଲା ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଦେବୀ ଗଜଲକ୍ଷ୍ମୀଙ୍କ ଦର୍ଶନାର୍ଥେ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।



## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣି
### ମୋଟ ୧୪୬ଗୋଟି ଅଭିଯୋଗର ହେଲା ଶୁଣାଣି



ବାରିପଦା, (ସବ୍ୟୁ) : ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି। ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଆଇଏଏସ ପ୍ରୋବେଶନର କାଶିଷ ବକ୍ସି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଏଡିଏମଓ ଡାଃ ବିଜୟ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ୍ ୧୪୬ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୪୬ଗୋଟି ଅଭିଯୋଗ ମଧ୍ୟରୁ ୧୩୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୧୪ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ୧୦ଟି ଆପତ୍ତିର ତକିାଳ ସମାଧାନ ହୋଇଥିଲା । ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫,୦୦୦/- ଟଙ୍କା ଏବଂ ଜଣଙ୍କୁ ରେଡ କ୍ରସ ପାଣ୍ଠିରୁ ୧୦,୦୦୦/-ଟଙ୍କା ମଞ୍ଜୁର କରିଛନ୍ତି । ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ହରିଡାଖଣ୍ଡିକୁ ମଦ ଦୋକାନ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ଏସଏନଟି ରୋଡରୁ ହରିଡାଖଣ୍ଡିକୁ ଠିପି ଖୋଲା ମଦ ଦୋକାନ ସ୍ଥାନାନ୍ତର ପ୍ରସ୍ତାବକୁ ଅଞ୍ଚଳବାସୀ ପକ୍ଷରୁ ବିରୋଧ କରାଯାଇଛି । ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ହରିଡାଖଣ୍ଡି ଅଞ୍ଚଳରେ ଏହି ମଦ ଦୋକାନ ତଥା ବାର ନଖୋଲିବାକୁ ଗଞ୍ଜାମ ଜିଲାପାଳ ଓ ଅବକାରୀ ଅଧିକାରୀଙ୍କ ନିକଟରେ ଏକ ଆପତ୍ତି ଦାଖଲ କରାଯାଇଛି । ସୂଚନାଥାଉକି, ଏସଏନଟି ରୋଡରେ ଥିବା ଏମଏସ ଫ୍ରେଣ୍ଡସ ରେଷ୍ଟୁରାଣ୍ଟ ଓ ବାର ନାମକ ଏହି ଠିପି ଖୋଲା ମଦ ଦୋକାନକୁ ବ୍ରହ୍ମପୁର ମହାନଗର ନିଗମ ୪ ନଂ ଓ୍ୱାର୍ଡ ଅନ୍ତର୍ଗତ ହରିଡାଖଣ୍ଡି ଅଞ୍ଚଳକୁ ସ୍ଥାନାନ୍ତର ପାଇଁ ବିଭାଗ ନିକଟରେ ଆବେଦନ ହୋଇଛି । ଅବକାରୀ ନିୟମ ୨୬(୧) ଅନୁଯାୟୀ, କୌଣସି ମଦ ଦୋକାନ ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ଯଥା ମନ୍ଦିର, ମସଜିଦ ଓ ଚର୍ଚ୍ଚ, ଡାକ୍ତରଖାନା, ଜାତୀୟ ଓ ରାଜ୍ୟ ରାଜପଥ ଏବଂ ପେଟ୍ରୋଲ ପମ୍ପ ନିକଟରେ ରହି ପାରିବ ନାହିଁ । ହେଲେ ଏହି ମଦ ଦୋକାନ ଯେଉଁ ସ୍ଥାନକୁ ସ୍ଥାନାନ୍ତର ହେବାକୁ ଯାଉଛି ତାହାର ନିକଟବର୍ତ୍ତୀ ଅଞ୍ଚଳରେ ବିଦ୍ୟାଳୟ ଓ ମନ୍ଦିର ରହିଛି । ସେହିପରି ଏକ ପେଟ୍ରୋଲ ପମ୍ପ ୧୦୦ ମିଟର ମଧ୍ୟରେ ରହିଛି । ବିଦ୍ୟାଳୟ ଓ ମନ୍ଦିରର ଅତି ନିକଟତର ହେତୁ ଏହା ସାଧାରଣ ଭାବନାକୁ ଆଘାତ ଦେବ ଓ ଅଞ୍ଚଳର ପବିତ୍ରତା ନଷ୍ଟ କରିବ ଏବଂ ପେଟ୍ରୋଲ ପମ୍ପ ନିକଟରେ ମଦ ଦୋକାନ ହେଲେ ଅଗ୍ନି ଓ ବିସ୍ଫୋରଣ ଭଳି ବିପଦ ସୃଷ୍ଟି ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି । ସେହିପରି ନିୟମ ଅନୁଯାୟୀ ସାର୍ବଜନୀନ ନୋଟିସ କିମ୍ବା ଗ୍ରାମ ପଞ୍ଚାୟତ/ସହରାଞ୍ଚଳ ସଂସ୍ଥାର ସମ୍ମତି ଠିକ୍ ଭାବରେ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ତେଣୁ ଏହି ସ୍ଥାନାନ୍ତର ପ୍ରସ୍ତାବକୁ ଖରାଜ କରିବାକୁ ଅଞ୍ଚଳବାସୀ ରାଜକୁମାର ନାୟକ, ଦୀପକ ଦୋରା, ଶୁଭମ ସାହୁ, ବାପିନା ସାହୁ, ଜି. ସୀମାଞ୍ଚଳ, ଶଙ୍କର ପାଣିଗ୍ରାହୀ, ରାମକୃଷ୍ଣ ସାହୁ ସମେତ ସେହି ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ପୃଥକ ଭାବେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ।

## କେବେ ପୂରଣ ହେବ ପୁର୍ନବାସ ସହାୟତା ଯୋଜନା, ଚିନ୍ତାରେ ହିତାଧିକାରୀ



ବାରିପଦା, (ସବ୍ୟୁ) : ଯନ୍ତ୍ରଣା ଦେଉଛି ସରକାରଙ୍କ ପୁର୍ନବାସ ସହାୟତା ଯୋଜନା, କେବେ ମିଳିବ ନିଯୁକ୍ତି, ଚିନ୍ତାରେ ହିତାଧିକାରୀ । ଦୀର୍ଘ ୧୫ବର୍ଷ ହେଲା ଦଉଡ଼ି ଦଉଡି ନୟାନ୍ତ ହେଲେଣି ମୟୂରଭଞ୍ଜ ଜିଲ୍ଲାର ଶତାଧିକ ଯୋଗ୍ୟ ରିହାବିଲିଟେସନ୍ ହିତାଧିକାରୀ । ତେଣୁ ଆଜି ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ "ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ପ୍ରତାରିତ ହୋଇଆସୁଥିବା ଏକାଧିକ ଯୋଗ୍ୟ ହିତାଧିକାରୀ । ଅଭିଯୋଗ ମୁତାବକ ପୁର୍ନରବାସ ସହାୟତା ଯୋଜନାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ ଅଧୀନରେ ୨ଶହରୁ ଅଧିକ ଆବେଦନକାରୀ ରହିଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ପାଇଁ ଆଜିକୁ ୧୫ବର୍ଷ ଧରି କୌଣସି ଫଳ ପାଇପାରୁନଥିବା ଅଭିଯୋଗ କରିଛନ୍ତି ଆବେଦନକାରୀ । ଅନ୍ୟପଟେ ଏମାନଙ୍କ ମଧ୍ୟରୁ ୧୬୮ଜଣ ହିତାଧିକାରୀଙ୍କର ସରକାରୀ ନିୟମ ଅନୁସାରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ସରିଛି, ହେଲେ ଆଜି ଯାଏଁ ସେମାନଙ୍କୁ ନିଯୁକ୍ତି ପତ୍ର ମିଳିପାରୁନାହିଁ । ଏନେଇ ସେମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ନିଯୁକ୍ତି ପତ୍ର ପାଇଁ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ କୌଣସି ଫଳ ନମିଳିବାରୁ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦ୍ୱାରସ୍ଥ ହୋଇଥିବା କହିଛନ୍ତି ହିତାଧିକାରୀ । ଅନ୍ୟପଟେ ଆଗାମୀ ୭ଦିନ ମଧ୍ୟରେ ଏହାର ସମାଧାନ କରାଯିବା ନେଇ ଜିଲ୍ଲାପାଳଙ୍କ ଠାରୁ ପ୍ରତିଶ୍ରୁତି ପାଇ ଏବେ ଆଶା ଓ ଭରସାରେ ହିତାଧିକାରୀ ।

## ଗଞ୍ଜାମ ଜିଲ୍ଲାର ସାମଗ୍ରୀକ ବିକାଶ ଉପରେ ମନ୍ତ୍ରୀ ବିଭୂତି ଜେନାଙ୍କ ବୈଠକ

ବ୍ରହ୍ମପୁର, (ସବ୍ୟୁ): ପୂର୍ବୋଦ୍ୟୋୟ ବିକାଶର ଅନ୍ତୁଡିଶାଳ ହେବ ଗଞ୍ଜାମ ଜିଲ୍ଲା । ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ନକ୍ସା ପ୍ରସ୍ତୁତ ପାଇଁ ଖଣି ଓ ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ବୁଦ୍ଧିଜୀବୀଙ୍କ ବୈଠକ ଶନିବାର ଗୋଲନ୍ଥରା ସ୍ଥିତ ବନ୍ଦେ ମାତରମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ତ୍ରୀ ଜେନା ବିଭିନ୍ନ ବର୍ଗରେ ପାରଦର୍ଶିତା ଅର୍ଜନ କରିଥିବା ବୁଦ୍ଧିଜୀବୀଙ୍କ ପରାମର୍ଶ ଗ୍ରହଣ କରି ଗଞ୍ଜାମ ଜିଲ୍ଲାର ବିକାଶ ନକ୍ସା ପ୍ରସ୍ତୁତ କରାଯିବ ବୋଲି କହିଥିଲେ । ଜିଲ୍ଲାର କୃଷି, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଶିଳ୍ପ, ପର୍ଯ୍ୟଟନ ଓ ସଂସ୍କୃତି ବିକାଶକୁ ଗୁରୁତ୍ୱ ଦେବା ସହିତ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପ୍ରାଧାନ୍ୟ ଦେଇଥିଲେ । ହୁମା ଠାରେ ୧୯୦୦ ଏକର ପରିମିତ ଜମିରେ ଗ୍ରୀନ୍ ଫିଲ୍ଡ ସାଟେଲାଇଟ୍ ଏୟାର ପୋର୍ଟ ସହିତ ଏସ୍‌ଇଜେଡ ନିର୍ମାଣ ଏବଂ ଗଞ୍ଜୁ ତମ୍ପରା ଠାରେ ବର୍ଜ୍ୟ ଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିବା ସୂଚନା ଦେଇଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଏନ୍ତୁଡିଶାଳ ରମ୍ଭା ପ୍ୟାଲେସ ସଂରକ୍ଷଣ ସହିତ ଚିଲିକା ଉପକୂଳ କେଶପୁର ସାନ ଘାଟି ପ୍ରାକୃତିକ ପରିବେଶ ମଧ୍ୟରେ ଗ୍ଲୋବାଲ ଏକାଡେମିକୟୁନିଭର୍ସିଟି ଫର ରିସର୍ଚ୍ଚ ଇନ୍ ଏନ୍ସିଏନଟି ଭେଦିକ ନଲେଜ ଆଣ୍ଡ ଇଟରନାଲ୍ ଲର୍ଣ୍ଣିଙ୍ଗ (ଗୌରବ) ପ୍ରତିଷ୍ଠା ହେବ । ଏହି ବିଶ୍ୱବିଦ୍ୟାଳୟ ଶିକ୍ଷାର ନୂଆ ଇତିହାସ ରଚି ବିକଶିତ ଭାରତର ପୂର୍ବୋଦ୍ୟୋୟ ହେବ । ଅତୀତର ଅନୁଭୂତି ବର୍ତ୍ତମାନର ଶିକ୍ଷା ଓ ଭବିଷ୍ୟତର ସ୍ୱପ୍ନ ଏକାଠି ହେବ । ୫୦୦୦ ଏକର ପରିମିତ ଜମିରେ ଏହି ବିଶ୍ୱବିଦ୍ୟାଳୟ ଜ୍ଞାନ ବୃଦ୍ଧିର ସେତୁ ପାଲଟିବ । ଜଳ, ଜଙ୍ଗଲ ଓ ପରମ୍ପରା ଶିକ୍ଷା ଓ ଉତ୍ସବ ଏକାଠି ହେବ । ପ୍ରତିବର୍ଷ ୧୦ ହଜାର ଛାତ୍ରଛାତ୍ରୀ, ୫୦୦୦ କର୍ମଚାରୀ, ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ଓ ୫୦ ହଜାର ବିଦେଶୀ ପର୍ଯ୍ୟଟକଙ୍କ ଚିତ୍ତ ବିନୋଦନ କରିବ ଏହି ବିଶ୍ୱବିଦ୍ୟାଳୟ । ଓଡ଼ିଶୀ ନୃତ୍ୟରୁ ଯୋଗ, ସଂସ୍କୃତିରୁ ପ୍ରଯୁକ୍ତି ବିଦ୍ୟା, ଲୋକାଲରୁ ଗ୍ଲୋବାଲ ପର୍ଯ୍ୟନ୍ତ ଶିକ୍ଷାର ନୂଆ ନୂଆ ଦିଗକୁ ଆଲୋକିତ କରିବ ଏହି ବିଶ୍ୱବିଦ୍ୟାଳୟ । ଏଠାରେ ବିଭିନ୍ନ ଭାଷାରେ ବିଦ୍ୟାଳୟ, ଦର୍ଶନ, ଆଇନ୍, ଆଦିମ ଜନଜାତି ଶିକ୍ଷା, ଯୋଗ, ସାଂସ୍କୃତିକ ପରିଚାଳନା, ଉଦ୍ଭାବନ କେନ୍ଦ୍ର ଓ ହସ୍ତ ଲିଖିତ ଗ୍ରନ୍ଥର ଡିଜିଟାଲ କେନ୍ଦ୍ର, ମେରି ଟାଇମ୍ ମ୍ୟୁଜିୟମ୍, ମୂର୍ତ୍ତୀ କଳା ଉଦ୍ୟାନ, ଗ୍ରନ୍ଥାଗାର, ପାଠାଗାର, ଆୟୁର୍ବେଦିକ, ନେଚରପାଥି ଓ୍ୱାଲ୍ ନେସ୍ ସେଣ୍ଟର, ବିଭିନ୍ନ ରୁଚିର ରେଷ୍ଟୁରାଣ୍ଟ, କ୍ରୀଡ଼ା ସମୁଦାୟ ସହିତ ଛାତ୍ର ଜୀବନକୁ ଜୀବନ୍ତ କରିବ ଏହି ସ୍ଥାନ । ଏଠାରେ ନିର୍ମାଣ ହେବ ଆଧାତ୍ମିକ କେନ୍ଦ୍ର ଧ୍ୟାନ ମଞ୍ଚ, ପଞ୍ଚକର୍ମୟୁନିଟ୍, ସବୁ ଧର୍ମର ପ୍ରାର୍ଥନା ସ୍ଥଳ ଏବଂ ଏକ ଜ୍ଞାନ ମନ୍ଦିର । ଏଠାରେ ହେବ ଅନନ୍ୟ ସାଂସ୍କୃତିକ ଆନନ୍ଦ ଉଦ୍ୟାନ । ୫ ଟି ପାହାଡ଼ ଉପରେ ୮ ହଜାର ଫୁଟ୍ ଉଚ୍ଚତା ବିଶିଷ୍ଟ ସମ୍ରାଟ ଖାରବେଳ, ଗୌତମ ବୁଦ୍ଧ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଳକି ଅବତାର ସହ କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବଙ୍କ ଭବ୍ୟ ମୂର୍ତ୍ତୀ, ନ୍ୟୁୟର୍କ ଷ୍ଟାଚ୍ୟୁ ଅଫ୍ ହେଲିକପଟର ଭଳି ଏଠି ମଧ୍ୟ ପର୍ଯ୍ୟଟକ ହେଲିକପଟର ଟୁର୍ ମାଧ୍ୟମରେ ଅନୁଭବ କରିପାରିବେ ଆକାଶ ଛୁଆଁ ମୂର୍ତ୍ତିର ବିଶାଳତା । ଏଠାରେ ନିର୍ମାଣ ହେବ ଏକ ପଞ୍ଚତାରକା ରିସୋର୍ଟ ଓ ୪୦୦ କୋଠାରି ବିଶିଷ୍ଟ ଇକୋ ରିସୋର୍ଟ ଏବଂ ୧୦ ଏକର ଜମିରେ ଔଷଧୀୟ ବନ । ଏହିସବୁ ପ୍ରକଳ୍ପ ସ୍ଥାନୀୟ ୩୫ ରୁ ୪୦ ହଜାର ଲୋକଙ୍କୁ ରୋଜଗାର ଯୋଗାଇବ । ଫଳରେ ସ୍ଥାନୀୟ କୃଷକ, ଏସଏଚଜି ଓ ଜନସାଧାରଣ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ । ୫୦ ଏକର ଜମିରେ କ୍ରାଫଟ ଭିଲେଜ ନିର୍ମାଣ କରାଯାଇ ସେଠାରେ କୁମ୍ଭକାର, ବୁଣାକାର ଓ ପଟ୍ଟଚିତ୍ର ଶିଳ୍ପୀମାନେ ଆତ୍ମନିର୍ଭରଶୀଳ ହୋଇପାରିବେ । ଏହାସହ ହୋମ ଷ୍ଟେ', ଜଳକ୍ରୀଡା, ଟ୍ରାକିଂ ଓ ଦୁଃସାହସିକ ପ୍ରଦର୍ଶନ ସୁବିଧା ରହିବ । ପ୍ରତ୍ୟେକ ପାହାଡ଼ ରୋପ ୱେ ସହିତ ସଂଯୋଗ କରାଯିବ । କ୍ରୁଜ ମାଧ୍ୟମରେ ଅନ୍ତଃ ରାଜ୍ୟ ସଂଯୋଗୀକରଣ ହେବ । ସମୁଦ୍ରରେ କ୍ରୁଜ ଯାତ୍ରା ପାଇଁ ପର୍ଯ୍ୟଟକ ବିଦେଶ ଯିବାକୁ ପଡ଼ିବନି । ଭିଏତନାମର ହେଁବେଗ କ୍ରୁଜ ଟୁର୍ ପରି ପର୍ଯ୍ୟଟକ ମାନେ କାଳିଜାଇ, ନଳବଣ ଓ ସାତପଡ଼ା ଯାତ୍ରା ସମୟରେ ଚିଲିକାର ନୀଳ ଜଳରାଶି, ଇତିହାସ ଓ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ । ରାଜପଥ ଠାରୁ ବିଭିନ୍ନ ସ୍ଥାନକୁ ଇଲେକଟ୍ରି ଯାନ ଓ ହାଇଡ୍ରୋଜେନ ବସ ଚଳାଚଳ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦ୍ୟୋୟ ସ୍ୱପ୍ନ ସାକାର କରିବା ପାଇଁ ଏହା ହେବ ପୂର୍ବ ଭାରତର ଏକ ପର୍ଯ୍ୟଟନ ହଟ୍ ସ୍ପଟ । ଓଡ଼ିଆ ଅସ୍ମିତା ଗର୍ବର ସହ ମୁଣ୍ଡ ଉଠାଇ ଛିଡ଼ା ହେବ । ଏହି ବୈଠକରେ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ପୂର୍ବତନ ଉପକୁଳପତି ରାମ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ପ୍ରଫେସର ଭାଗବତ ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ବିନୋଦ ପାତ୍ର, ପୂର୍ବତନ ସିଡିଏମଓ ବିଜୟ ପଣ୍ଡା, ଇଞ୍ଜିନିୟର ସ୍ୱାଧୀନ ପାଣିଗ୍ରାହୀ, ଅନନ୍ତରାମ କର, ଇଞ୍ଜିନିୟର ରାମକୃଷ୍ଣ ମହାରଣା, ପ୍ରମୋଦ ପଣ୍ଡା, ପୁରୁଷୋତ୍ତମ ସାହୁ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବିଜେପି ନେତା ପୀତବାସ ପଣ୍ଡା, ବିଜେପି ନେତା ଗଙ୍ଗାଧର ସତପଥୀ, ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ଅଜିତ କୁମାର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ଦେଶୀ ପିସ୍ତଲ ସହ ନିଶାବେପାରୀ ଗ୍ୟାଙ୍ଗର ୧୫ ସଦସ୍ୟ ଗିରଫ



ବରଗଡ,(ସବ୍ୟୁ) : ସୋମବାର ବରଗଡ ଓ ଅତାବିରା ପୋଲିସ ଦେଶୀ ପିସ୍ତଲ ସହ ଆନ୍ତଃରାଜ୍ୟ ନିଶା ବେପାରୀ ଗ୍ୟାଙ୍ଗର ୧୫ ସଦସ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ବରଗଡ ଏସ୍.ପି ପ୍ରହ୍ଲାଦ ସହାୟ ମୀନା ସୂଚନା ଦେଇଥିଲେ । ଗିରଫ ଅଭିଯୁକ୍ତଙ୍କ ଠାରୁ ବିପୁଳ ପରିମାଣର ବେଆଇନ କଫ ସିରପ ଜବତ ହେଲେ ସୂଚନା ଦେଇଥିଲେ ବରଗଡ ଏସପି ଶ୍ରୀ ମୀନା । ଗିରଫ ଅଭିଯୁକ୍ତ ମାନେ ଛତିଶଗଡ଼, ଜଗତସିଂହପୁର,କଟକ, ଯାଜପୁର, ବଲାଙ୍ଗିର, ବରଗଡ଼ , ଅତାବିରା ଅଞ୍ଚଳର ବୋଲି ଏସପି ପିଏସ ମୀନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ସେମାନଙ୍କ ଠାରୁ ୫ ଟି ପିସ୍ତଲ , ୨୦ ଟି ଜୀବନ୍ତ ଗୁଳି, ୧୫ ଶହ ବୋତଲ ବେଆଇନ କଫ ସିରପ, ୩ ଟି ଖାଲି ଖୋଖା , ୧୬ ଟି ମୋବାଇଲ, ୫ ଚାରିଚକିଆ ଗାଡି ଏବଂ ନଗଦ ୫୭ ହଜାର ଟଙ୍କା ଜବତ କରିଛି ପୋଲିସ । ବରଗଡ଼ ଜିଲ୍ଲାରେ ନିଶା ବେପାରୀମାନେ ଆନ୍ତଃ ରାଜ୍ୟ ଗ୍ୟାଙ୍ଗ ସହ ମିଶି ନିଶାର କାରବାର ଚାଲିଥିବା ବେଳେ ଗିରଫ ଅଭିଯୁକ୍ତମାନେ କଫସିରପ ସହ ଦେଶୀ ପିସ୍ତଲ କାରବାରରେ ଲିପ୍ତ ରହିଥିବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପୋଲିସ ଏ ନେଇ ଅଧିକ ତଦନ୍ତ କରିବାର ଆବଶ୍ୟକ ରହିଛି । ଅତାବିରା , ବରଗଡ଼ ଟାଉନ ଥାନା , ସଦର ଥାନା ଏବଂ ବିଜେପୁର ଥାନାରେ ଏ ନେଇ ଚାରୋଟି ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଖାଲି ଖୋକା ସହ ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗର ବିଭିନ୍ନ ବେଆଇନ କାରବାର ଉପରେ ତଦନ୍ତ ଜାରି ରଖିଛି ।

# କୁଚିଣ୍ଡାରେ ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରରେ ଘଟିଛି ହତ୍ୟାକାଣ୍ଡ । ଜର୍ବଦସ୍ତ ସାଧାରଣ ସ୍ଥାନରେ ପିଟି ପିଟି ମାରିଦେଇ ଥିବା ଅଭିଯୋଗ ଆଣିଲେ ମୃତକଙ୍କ ସ୍ତ୍ରୀ । ଦୋକାନ ସମ୍ମୁଖରେ ବେଲୁନ ବିକାକୁ ବିରୋଧ କରି ହତ୍ୟା କରାଯାଇଥିବା ନେଇ କୁଚିଣ୍ଡା ଥାନାରେ ଅଭିଯୋଗ କରିଛନ୍ତି ମୃତକଙ୍କ ସ୍ତ୍ରୀ । କୁଚିଣ୍ଡା ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ପ୍ରକାଶ କରିଛନ୍ତି କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ ଦାଶ। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାଇ ଅକ୍ଟୋବର ୨ ତାରିଖ ଦଶହରା ରାତିରେ କୁଚିଣ୍ଡା ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ରାମଲାଲ ଅଗ୍ରୱାଲଙ୍କ କପଡା ଦୋକାନ ସମ୍ମୁଖରେ ତାଙ୍କ ସ୍ୱାମୀ ଏକ ବେଲୁନ ଦୋକାନ ଲଗାଇଥିଲେ । ହେଲେ ଏହି ଦୋକାନକୁ ବିରୋଧ କରି ରାମଲାଲ ଏବଂ ଗୁଣ୍ଡୁ ରଜକ ମଧ୍ୟରେ କଥା କଟା କଟି ହୋଇଥିଲା । ଏହାକୁ କେନ୍ଦ୍ର କରି ରାମଲାଲ ଏବଂ ତାଙ୍କ ଅନ୍ୟ ସାଥି ମାନେ ତାଙ୍କୁ ମାଡ଼ ମାରି ଥିଲେ । ଯାହା ଫଳରେ ଗୁଣ୍ଡୁ ଘଟଣା ସ୍ଥଳରେ ଚେତାଶୂନ୍ୟ ହୋଇଯାଇଥିଲେ। ଏହି ସମୟରେ କୁଚିଣ୍ଡା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଅଚେତ ଥିବା ଗୁଣ୍ଡୁଙ୍କୁ ନେଇ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଗୁଣ୍ଡୁ ମୃତ୍ୟୁ ବରଣ କରିଥିଲେ। ପରେ ମୃତକ ଗୁଣ୍ଡୁଙ୍କ ସ୍ତ୍ରୀ କୁଚିଣ୍ଡା ଥାନାରେ ରାମଲାଲ ଅଗ୍ରୱାଲ ଏବଂ ତାଙ୍କ ସହଯୋଗୀ ଙ୍କ ନାଁ ରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଘଟଣାକୁ ୪ ଦିନ ବିତିଯାଇଥିବା ବେଳେ କୁଚିଣ୍ଡା ପୋଲିସ କେବଳ ରାମଲାଲକୁ ଧରିବାରେ ସଫଳ ହୋଇଛି। ଅନ୍ୟ ପକ୍ଷରେ ରାମଲାଲଙ୍କ ଦେହ ଅସୁସ୍ଥତା ଯୋଗୁଁ ତାଙ୍କୁ ପୋଲିସ ନଜରରେ ରଖି କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ମଧ୍ୟ ପୋଲିସ ପକ୍ଷରୁ ଜଣା ପଡିଛି। ରାମଲାଲ ଏକ ରାଜନୈତିକ ଦଳର ସଦସ୍ୟ ଥିବାରୁ କୁଚିଣ୍ଡାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଘଟଣାକୁ ଚପାଇଦେବାକୁ ଚେଷ୍ଟା କରୁଥିବା ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ଶବ ବ୍ୟବଚ୍ଛେଦ ସମୟରେ ଏହି ଗୋଷ୍ଠୀର ସଦସ୍ୟ ମାନେ କୁଚିଣ୍ଡା ଡାକ୍ତରଖାନାରେ ଘୁରିବୁଲୁଥିବା ସହିତ ମୃତକଙ୍କ ସ୍ତ୍ରୀଙ୍କୁ ମଧ୍ୟ ଭୁଖା ଭୁଖା କରୁଥିବା ନଜରକୁ ଆସିଛି। ଅନ୍ୟ ପକ୍ଷରେ କୁଚିଣ୍ଡା ଏସ ଡି ପି ଓ ପ୍ରଦୀପ ଦାଶଙ୍କ ଘଟଣା ସମ୍ପର୍କରେ ପଚାରିବାରୁ ଅଭିଯୋଗ ପରେ ରାମଲାଲଙ୍କୁ ଗିରଫ କରାଯାଇଛି ଏବଂ ତାଙ୍କ ଶରୀର ଅସୁସ୍ଥତା ଯୋଗୁଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । କୁଚିଣ୍ଡା ଥାନାରେ କେସ ନମ୍ବର ୨୭୯/୨୫ ରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଘଟଣାର ତଦନ୍ତ ଚାଲିଛି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ହେଲେ ବର୍ତ୍ତମାନ ଦେଖିବାକୁ ରହିଲା ଗୋଟିଏ ସାଧାରଣ ଗରିବ ଲୋକକୁ ପୋଲିସ ନ୍ୟାୟ ଦେବାରେ ସଫଳ ହେଉଛି ନା ବଡ ବଡ଼ିଆଙ୍କ ଚାପରେ ତଦନ୍ତ ବାଟବଣା ହେଉଛି ତାହା ଦେଖିବାକୁ ରହିଲା। ଉଲ୍ଲେଖ ଯୋଗ୍ୟ ଯେ, ଏହାର ପୂର୍ବରୁ ସହରର ଧନିକ ବଣିକ ବ୍ୟକ୍ତିମାନେ ସଂଗଠିତ ଭାବେ ଡ଼ାକ୍ତର ପୋଲିସ ଇତ୍ୟାଦି ପ୍ରଭାବିତ କରିବା ଉଦ୍ୟମ ଜାରି ରଖିଥିବା ଅଭିଯୋଗ ହେଉଛି । ସେହିପରି କେତେଜଣ ନିର୍ଦ୍ଦିଷ୍ଟ ସାମ୍ବାଦିକ ମଧ୍ୟ ଥିବା ସହରରେ ଚର୍ଚ୍ଚା ଚାଲିଛି। ଏଣେ ଦୋକାନର ସିସିଟିଭି ପୋଲିସ ଗୋଷ୍ଠୀରେ ସଂଗ୍ରହ କରାଯାଇ ଫୋଟ ମଧ୍ୟ ଥିବା ଜଣାପଡିଛି। ଏଥିରେ ସେହି ବ୍ୟବସାୟୀଙ୍କ କକା ଓ ବଡ ପୁଅମାନେ ସଂପୃକ୍ତ ଥିବା ପୋଲିସ୍ ସୂଚନା ପାଇଛି।

## ଝାରସୁଗୁଡ଼ାରେ ମହାସମାଧାନ ଶିବିର

ଝାରସୁଗୁଡ଼ା ,(ସବ୍ୟୁ): ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା । ଏସପି ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଓଶୁ ରୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଗତ ଅଭିଯୋଗ ମଧ୍ୟରୁ ୧୦ଟି ଅଭିଯୋଗ ସାମୂହିକ ଓ ୩୧ଗୋଟି ବ୍ୟକ୍ତିଗତ ହୋଇଥିବା ବେଳେ ଚିକିତ୍ସା ବାବଦକୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ବେଦାନ୍ତ କମ୍ପାନୀର ବିଷାକ୍ତ ଗ୍ୟାସ ସକାଶେ ବୃନ୍ଦାମାଲରେ ଚାଷ ଜମି କ୍ଷତିଗ୍ରସ୍ତ ହେବା, ବାଲିଜୋରିରେ ସରକାରୀ ଗୋଚର କିସମ ଜମିକୁ ଶ୍ମଶାନସ୍ଥଳୀ ଭାବେ ବ୍ୟବହାର ପାଇଁ ଅନୁମତି ପ୍ରଦାନ, ଜ୍ଏଲ ପ୍ରକଳ୍ପ ପରିଚାଳନା ସକାଶେ ଆନୁସଙ୍ଗିକ ଅର୍ଥବ୍ୟବସ୍ଥା କରାଯିବା , ଲଖନପୁର ଅଞ୍ଚଳର ଯୁବକଙ୍କୁ ମ୍ୟାକମେଟ କମ୍ପାନୀରେ ପୁନଃ ନିଯୁକ୍ତି ପ୍ରଦାନ, ସିଂଘିବାହାଲ ତଥା ଆଖପାଖ ଅଞ୍ଚଳରେ ଖୁଚୁରା ମଦ ବିକ୍ରି ବନ୍ଦ କରାଯିବା,ଭୁର୍କାମୁଣ୍ଡା ଗ୍ରାମକୁ ବିସ୍ଥାପିତ କରାଯିବା ଓ ଖଲିଆମାଲ ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ ସମ୍ପର୍କିତ ସାମୂହିକ ଅଭିଯୋଗଗୁଡ଼ିକ ସମେତ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶିବିରରେ ଶୁଣାଣି ହୋଇଥିଲା। ଅଭିଯୋଗ ସମୂହର ତର୍ଜମା ପୂର୍ବକ ସମସ୍ୟା ସମାଧାନ ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## କରମସାନୀ ପୂଜା ମାଦଳ ବଜାଇ ନାଚିଲେ ମନ୍ତ୍ରୀ

କୁଚିଣ୍ଡା,(ସବ୍ୟୁ) : ଆଦି ସଂସ୍କୃତି, ଆଦି ପରମ୍ପରାର ବଳିଷ୍ଠ ନିଦର୍ଶନ ହେଉଛି କରମସାନୀ ପୂଜା । କରମସାନୀ ପୂଜା ଅବସରରେ ଆଦିବାସୀ ସମ୍ପ୍ରଦାୟର ଲୋକେ କରମା ଗଛର ଡାଳକୁ ଆଣି ଗାଁ ମଝିରେ ରଖି ନାନାଦି ଫୁଲଫଳ ଧୂପଦୀପ ନୈବେଦ୍ୟ ଅର୍ପଣ କରିଥାନ୍ତି । ପରେ ମହିଳା ପୁରୁଷ ଯୁବକ ଯୁବତୀ ଏକାକାର ହୋଇ ପାରମ୍ପରିକ ମାଦଳ, କସ୍ଥାଳ, ଠିକଡ଼ି ଆଦିର ତାଳେତାଳେ ନିଜକୁ ହଜାଇ ମସଗୁଲ ହୋଇ ନୃତ୍ୟ ପରିବେଷଣ କରିଥାନ୍ତି । ଆଦିବାସୀ ପରମ୍ପରାର ବଳିଷ୍ଠ ନିଦର୍ଶନ କରମସାନୀ ପୂଜା । ଆଦିବାସୀଙ୍କ ଦ୍ୱାରା ଆୟୋଜିତ କରମସାନୀ ପୂଜାରେ ମାଦଳ ବଜାଇ ନୃତ୍ୟ କଲେ ମନ୍ତ୍ରୀ ରବିନାରାୟଣ ନାଏକ । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଂଚମୁଖୀ ଛକ ଠାରେ କରମା ପୂଜା ପାଳିତ ହୋଇଛି । ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ମନ୍ତ୍ରୀ ସାମିଲ ହୋଇ କରମା ନୃତ୍ୟରେ ମାଦଳ ବଜାଇଥିଲେ । ପରେ ପରେ ଆଦିବାସୀ ମହିଳା ପୁରୁଷଙ୍କ ସହିତ ମିଶି ନୃତ୍ୟ ପରିବେଷଣ କରିଥିଲେ । ପରମ୍ପରା ଅନୁସାରେ, ଆଦିବାସୀମାନେ କରମା ଗଛକୁ ପୂଜା କରି କରମା ଡାଳ ଆଣନ୍ତି । ପରେ ସେହି ଡାଳକୁ ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରିଥାନ୍ତି । ପୂଜାରେ ନୈବେଦ୍ୟ ଆକାରରେ ଲିଆ ଜୁଗାର ଏବଂ ଅନ୍ୟାନ୍ୟ ଫଳମୂଳ ଅର୍ପଣ କରାଯାଏ । ପୂଜା ପରେ ସାରା ରାତି ମାଦାଳର ତାଳେତାଳେ ନାଚଗୀତର ଆସର ଜମେ । ପରଦିନ ପୂଜା ବିସର୍ଜନ କରାଯାଏ । ଆଦିବାସୀମାନେ କରମସାନୀ ଦେବୀଙ୍କ ପାଖରେ ନିଜର କଷ୍ଟ ଜଣାଇବା ସହିତ ଅପୁତ୍ରୀକୁ ପୁତ୍ର ଓ ନିର୍ଧନୀକୁ ଧନ ଦେବା ପାଇଁ ନିଜର ନାଚ ଗୀତ ମାଧ୍ୟମରେ ଗୁହାରି କରିଥାନ୍ତି ।

## ରାୟଗଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସଦର ମହକୁମାର ଜିଲ୍ଲା ପରିଷଦ ସଦଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ଏସପି ସ୍ୱାତୀ ଏସ କୁମାର, ଖଣ୍ଡିୟ ବନ ଅଧିକାରୀ ସଚିନ ଅହ୍ନା ସାହେବ ଓହଲେ, ,ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୫୫ଟି ଅଭିଯୋଗ ପ୍ରଶାସନ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୪୭ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୮ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ଅଭିଯୋଗକାରୀଙ୍କ ମଧ୍ୟରୁ ୭ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା । ସେମାନଙ୍କୁ ଜିଲ୍ଲାପାଳ ୬୫ ହଜାର ଟଙ୍କା ଜିଲ୍ଲା ରେଡକ୍ରସ ଫାଣ୍ଡିରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗ ଗୁଡିକ ତୁରନ୍ତ ଫଇସଲା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ମାଁ ସମଲେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ



ସମ୍ବଲପୁର, (ସବ୍ୟୁ) : ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଭକ୍ତମାନଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ବର୍ଷରେ ଗୋଟିଏ ଥର ମାତ୍ର କୁମାରପୂର୍ଣ୍ଣିମା ଦିନ ସମଲେଶ୍ୱରୀ ଏହି ବେଶ ଧାରଣ କରିଥାନ୍ତି। ତେଣୁ ଏହାକୁ ମହାରାଣୀ ବେଶ କୁହାଯାଏ। ଏହି ମନୋହର ରୂପ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା । ସୋମବାର ମଧ୍ୟାହ୍ନ ୧ଟା୩୦ରୁ ୨ଟା୧୫ ମଧ୍ୟରେ ମାଁଙ୍କୁ ଏହି ବେଶରେ ସୁସଜ୍ଜିତ କରାଯାଇଥିଲା। ମନ୍ଦିରର ଭଣ୍ଡାର ଘରୁ ପୂଜକ ମାନେ ସୁନା, ରୂପା ଓ ବିଭିନ୍ନ ଆଭୂଷଣ ଆଣି ମାଁ ସମଲେଶ୍ୱରୀଙ୍କୁ ସଜ୍ଜିତ କରିଥିଲେ। ଏହାପରେ ସ୍ୱତନ୍ତ୍ର ଆଳତୀ କରାଯାଇ ପାରମ୍ପରିକ ରୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ମନ୍ଦିର ପୂଜକ ମାନେ ଅଗ୍ନିକୁ ସାକ୍ଷୀ ରଖି ୭ଟି ଦୀପ ଧରି ମନ୍ଦିର ଚର୍ତୁପାଶ୍ୱରେ ପରିଭ୍ରମଣ କରିଥିଲେ। ଏହାପରେ ମନ୍ଦିର ଚୂଡ଼ାରେ ନୂତନ ଧ୍ୱଜାରୋହଣ କରାଯାଇଥିଲା । ମନ୍ଦିର ଦଧିନଉତିରେ ମହାଆଳତୀ କରାଯିବା ପରେ ନୂଆ ଧ୍ୱଜା ଲଗାଯାଇଥିଲା। ମହେଶ ସ୍ୱାଇଁଙ୍କ ପୁତ୍ର ଟୁନୁ ସ୍ୱାଇଁ ରାତି ୮ଟା୧୫ରେ ଏହି ଧ୍ୱଜାରୋହଣ କରିଥିଲେ। ପରେ ପୂଜକ ପରିବାରର ସଦସ୍ୟମାନେ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଆଖଡ଼ା ପ୍ରଦର୍ଶନ କରିଥିଲେ। ସେହିପରି ସହରର ପାଟଣେଶ୍ୱରୀଙ୍କ ସମେତ ଅନ୍ୟ ଦେବୀମନ୍ଦିର ଚୂଡ଼ାରେ ମଧ୍ୟ ନୂଆ ଧ୍ୱଜା ଆରୋହଣ କରାଯାଇଛି। ଏହାକୁ ଦେଖିବାକୁ ରାତିରେ ଭକ୍ତଙ୍କର ଲମ୍ବାଧାଡ଼ି ଓ ଭିଡ଼ ମନ୍ଦିର ପରିସରରେ ଦେଖିବାକୁ ମିଳିଥିଲା। ଦଶହରା ପୂର୍ଣ୍ଣିମା ଉପଲକ୍ଷେ ଜିଲ୍ଲାର ପୁରପଲ୍ଲୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଛି। ବିଶେଷ କରି ଦେବୀମନ୍ଦିର ଗୁଡିକରେ ଜଗତ୍‌ଜନନୀଙ୍କ ସ୍ୱତନ୍ତ୍ର ଶୃଙ୍ଗାର କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଛି। ସୂଚନାଯୋଗ୍ୟ, ହର୍ଷଗ୍ରୀବ ଓ ଭଣ୍ଡାସୁର ଭଳି ଅସୁରଙ୍କ ନିପାତ କରିବା ପାଇଁ ମାଁ ଏହି ବେଶ ଧାରଣ କରିଥିଲେ। ଅନ୍ୟ ଦେବତା ମାନେ ମାଁଙ୍କୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ପ୍ରଦାନ କରିଥିଲେ। ପ୍ରାୟ ୪୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟରୁ ମନ୍ଦିରରେ ଦେବୀ ସମଲେଶ୍ୱରୀ ଏହି ଦିନ ରାଜରାଜେଶ୍ୱରୀ ବେଶରେ ପୂଜା ପାଇ ଆସୁଛନ୍ତି। ମାଁଙ୍କ ଏହି ବେଶ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ରହିଛି। ସେହିଭଳି ସହରର ପାଟଣେଶ୍ୱରୀ, ବାଟମଙ୍ଗଳା, ଦୁର୍ଗାପାଲିର ବନଦୁର୍ଗା, ମୁଦିପଡ଼ାର ଭୁବନେଶ୍ୱରୀ ପ୍ରଭୃତି ମନ୍ଦିରରେ ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା। ଏଥିସହ ଅଞ୍ଚଳର ଗ୍ରାମଦେବୀ ପୀଠ ଗୁଡିକରେ ମଧ୍ୟ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଛି।

## ଗରିବ ପିଲାଙ୍କୁ ଖାଦ୍ୟ ସହ ପାଠ୍ୟ ସାମଗ୍ରୀ ପ୍ରଦାନ

ନବରଙ୍ଗପୁର,(ସବ୍ୟୁ): ଗତମାସରେ ଜଗନ୍ନାଥ ମନ୍ଦିର ଛକରେ ଥିବା ପୂଜା ଇନ୍ ଭେଜ୍ ହୋଟେଲରେ ଅଗ୍ନିକାଣ୍ଡ ହୋଇଥିଲା। ଏହାର ପୁନଃ ଉଦ୍ଧାର କରାଯିବା ପରେ ଏହି ହୋଟେଲ ନବୀକରଣ କରାଯାଇ ପୁନଃ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ହୋଟେଲ ମାଲିକ ବିଭୁତି ଭୂଷଣ ଲେଙ୍କା ଏକ ଅଭିନବ ପ୍ରୟାସ କରି ମହାନତା ଦେଖାଇଛନ୍ତି। ଉତ୍କଳ ବାଳାଶ୍ରମ ୟୁନିଟ ୨ର ଅନାଥ ବାଳିକା, ସିନ୍ଧିଗୁଡା ବାଳାଶ୍ରମର ଶିକ୍ଷାର୍ଥୀ ଏବଂ ମ୍ୟୁନିସିପାଲିଟି କଲୋନୀର ଗରିବ ପିଲାଙ୍କୁ ହୋଟେଲରେ ବସାଇ ଖାଦ୍ୟ ସହ ପାଠ୍ୟ ସାମଗ୍ରୀ ଆଦି ପ୍ରଦାନ କରିଥିଲେ। ପିଲାଙ୍କ ପାଇଁ ପ୍ରସ୍ତୁତି ହୋଇଥିଲା ଭଳିକି ଭଳି ବ୍ୟଞ୍ଜନ ବରା, ଆଲୁଚପ, ଦୋସା, ପେସେରେଟ୍, ବିଭିନ୍ନ ପ୍ରକାରର ମିଠା, ରସାବଳୀ, ଭାତ, ଡାଲଫ୍ରାଇ, ବଟର ପନିର, ଚିପ୍ସ, ପୋଟଳ ରୋସା ଏବଂ ଅନ୍ୟାନ୍ୟ ଖାଦ୍ୟ। ଏହି ଅବସରରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, କାଉନସିଲର ଏ ସତୀଶ ଏବଂ ବରିଷ୍ଠ ଆଇନଜୀବୀ ଝଡ଼େଶ୍ୱର ଖଡେଙ୍ଗା ଆଦି ଏଥିରେ ଯୋଗ ଦେଇଥିଲେ। ସମସ୍ତ ଛାତ୍ର ଛାତ୍ରୀ ଖାଦ୍ୟ ଗ୍ରହଣ କଲା ପରେ ସମସ୍ତ ଅତିଥି ଏବଂ ହୋଟେଲ ମାଲିକଙ୍କ ଦ୍ୱାରା ତାଙ୍କୁ ପ୍ରଦାନ କରାଯାଇଥିଲା ସୁନ୍ଦର ଉପହାର।

## ରାମଲୀଳା ଅବସରରେ ୧୦ ନାଟ୍ୟକାରଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଚନ୍ଦନଭାଟୀ ପଞ୍ଚାୟତ ଅନ୍ତର୍ଗତ ବଘଲା ଗ୍ରାମ ହେଉଛି କଲାକାର ଗ୍ରାମ। ଏହି ଗ୍ରାମ ଦୀର୍ଘ ୫୨ ବର୍ଷ ହେବ ରାମଲୀଳା ନାଟକ କରି କଲାକାରୀ ଗ୍ରାମର ପରିଚୟ ପାଇସାରିଛି। ସେଥିପାଇଁ ଦୁର୍ଗାପୂଜା କମିଟୀ ବଘଲା ତରଫରୁ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଥିଲା । ଏହି ଅବସରରେ ଗ୍ରାମର ୧୦ ଜଣ ପୁରୁଣା ନାଟ୍ୟ କଲାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବର୍ଣ୍ଣାଢ୍ୟ ଅବସରରେ ବିଶେଷ ଅତିଥି ଭାବେ ନାଟ୍ୟକାର ତ୍ରିଲୋଚନ ମିଶ୍ର ସମ୍ମାନିତ ଅତିଥି ଭାବେ ଅନିରୁଦ୍ଧ ମିଶ୍ର, ବ୍ୟାସଦେବ ପୁରୋହିତ, ଗୋପୀନାଥ ଦଣ୍ଡସେନା, କୁନା ସାହୁ, ବିଭିଷିଣ ସେଠ, ରିଙ୍କୁ ପଧାନ, ଶମ୍ଭୁପ୍ରସାଦ ମହାକୁର ଯୋଗ ଦେଇଥିଲେ। ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ୧୦ ଜଣ ସମ୍ବର୍ଦ୍ଧିତ ନାଟ୍ୟକାର ମହେନ୍ଦ୍ର ପୁରୋହିତ, ରୁଷି ପଧାନ, ଶ୍ରୀବନ୍ତ ପୁରୋହିତ, ରାମଚନ୍ଦ୍ର ପୁଟେଲ, ଯୋଗିନ୍ଦ୍ର ସାହୁ, ବଳରାମ ମହାକୁର, ନେତ୍ରାନନ୍ଦ ମହାକୁର, ପ୍ରେମରାଜ ଛନ୍ଦ, ସନକ ମହାକୁର ଏବଂ ଶ୍ୟାମସୁନ୍ଦର ପଧାନଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ଭାଷଣ ବାବୁଲୁ ମିଶ୍ର ଦେଇଥିବାବେଳେ ରାଜେଶ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ । କମିଟୀର ରାଜୀବ ବେହେରା, ଚିମନ ପଧାନ, ସାନ ସାହୁ, ପ୍ରକାଶ ପଧାନ, ଆଶିଷ ସା, ଅମିତ ବେହେରା, ବିକାଶ ପଧାନ,ନନ୍ଦି ମହାକୁର, ଅନନ୍ତ ଗଡତ୍ୟା, ନିକେଶ ସେଠ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


## ୧୧ ନଭେମ୍ବର ନୂଆପଡ଼ା ବିଧାନ ସଭା ଉପନିର୍ବାଚନ

ନୂଆପଡ଼ା , (ସବ୍ୟୁ): ନୂଆପଡ଼ା ଉପନିର୍ବାଚନ ନେଇ ତାରିଖ ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର। ସୋମବାର ଜିଲ୍ଲାପାଳ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ମଧୁସୂଦନ ଦଶ ଆସନ୍ତା ୧୧ ନଭେମ୍ବର ୨୦୨୫ ରେ ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ ଓ ୧୪ ନଭେମ୍ବର ୨୦୨୫ ରେ ଭୋଟ୍ ଗଣତି ହେବ ବୋଲି ସୂଚନା ଦେଇଥିଲେ । ମୁଖ୍ୟ ନିର୍ବାଚନ କମିଶନରଙ୍କ ଘୋଷଣା ଅନୁସାରେ ଆସନ୍ତା ୧୩ ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅକ୍ଟୋବର ୨୦ ନାମାଙ୍କନ ଦାଖଲର ଶେଷ ତାରିଖ ରହିବ। ଅକ୍ଟୋବର ୨୨ ରେ ନାମାଙ୍କନ ଯାଞ୍ଚ ଓ ଅକ୍ଟୋବର ୨୪ ରେ ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ । ନଭେମ୍ବର ୧୧ ତାରିଖରେ ଭୋଟ୍ ଗ୍ରହଣ ସହ ନଭେମ୍ବର ୧୪ ତାରିଖରେ ଭୋଟ୍ ଗଣତି କରାଯିବ । ଆଜି ଠାରୁ ନିର୍ବାଚନ ଆଚରଣ ବିଧି ସଂପୂର୍ଣ୍ଣ ଜିଲ୍ଲାରେ ଲାଗୁହେଲା ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏ ଅବସରରେ ଏସପି ଆମ୍ରିତ ପାଲ ସିଂ, ଏଡିଏମ ସୁଭାଷ ଚନ୍ଦ୍ର ରାଏତ, ଏଡିଏମ ପ୍ରଫୁଲ୍ଲ କୁମର କୁଜୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ,ଉପ ଜିଲ୍ଲାପାଳ ସୁର୍ମି ସୋରେନ ଓ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,(ସବ୍ୟୁ) : ସୀମାନ୍ତ ଛତିଶଗଡ଼ର ଗରିଆବନ୍ଦ ଜିଲ୍ଲାରେ ସୋମବାର ପୁଲିସ ନିକଟରେ ଦୁଇ ଜଣ ମହିଳା ମାଓବାଦୀ ସମେତ ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି।ସମସ୍ତଙ୍କ ମୁଣ୍ଡରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ସମସ୍ତ ମାଓବାଦୀ ଓଡ଼ିଶା କମିଟିର ସଦସ୍ୟ ବୋଲି ଜଣାପଡ଼ିଛି। ଆତ୍ମସମର୍ପଣ କରିଥିବା ମାଓବାଦୀ ମାନେ ହେଲେ ଜୈନୀ, ମନିଲା ଏବଂ ଦିନେଶ। ସମସ୍ତେ ନିଜର ବନ୍ଧୁକ ସହ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ମାଓ ଗତ ୫ ବର୍ଷରୁ ୮ ବର୍ଷ ପର୍ଯ୍ୟନ୍ତ ସଂଗଠନ ସହ ଜଡ଼ିତ ଥିଲେ। ଏମାନେ ବଡ ବଡ଼ମାଓ ନେତାଙ୍କ ସହ ମଧ୍ୟ କାମ କରିଥିବା ସ୍ୱୀକାର କରିଥିଲେ। ପୁଲିସ ଉପରେ ଆକ୍ରମଣ କରିବା ସହ ଲୋକଙ୍କୁ ମାରପିଟ, ଲୁଟପାଟ, ଲ୍ୟାଣ୍ଡମାଇନ ଖଞ୍ଜିବା ଇତ୍ୟାଦି ହିଂସାରେ ଜଡ଼ିତ ଥିବା ସ୍ୱୀକାର କରିଛନ୍ତି। ସରକାରଙ୍କର ଆତ୍ମନିର୍ଭରଶୀଳ ନୀତି ଏବଂ ପୁଲିସର ଲଗାତାର ଅପରେସନ ଯୋଗୁଁ ଏମାନେ ସଂଗଠନ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଥିଲେ। ସଂଗଠନରେ ନେତା ବିହୀନ ହୋଇଥିବା ଏମାନେ କହିଛନ୍ତି। ଦୁଇ ଗୋଷ୍ଠୀ ହୋଇ ଏବେ ସଂଗଠନ ଭୁଶୁଡ଼ିବା ସ୍ଥିତିରେ ପହଞ୍ଚିଥିବା ସ୍ୱୀକାର କରିଥିଲେ। ପୁଲିସ ତରଫରୁ ତିନି ଜଣ ମାଓବାଦୀଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି।

## କଟକରେ ହିଂସା, ସମ୍ବଲପୁରରେ ପୋଲିସ ଆଲର୍ଟ



ସମ୍ବଲପୁର, (ସବ୍ୟୁ): ଦୁର୍ଗାପୂଜା ଭଷାଣି ବେଳେ କଟକରେ ସାଂପ୍ରଦାୟିକ ହିଂସା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଇଣ୍ଟରନେଟ୍ ଉପରେ କଟକଣା ଲାଗୁ କରାଯାଇଛି। ହ୍ୱାଟସ୍ଆପ, ଫେସବୁକ୍, ଇନ୍‌ଷ୍ଟାଗ୍ରାମ ଆଦି ସାମାଜିକ ଗଣମାଧ୍ୟମ ସେବା ବନ୍ଦ କରାଯାଇଛି। ଅସାମାଜିକ ତତ୍ତ୍ୱମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି। ତେବେ ଗତ ୧୨ଏପ୍ରିଲ, ୨୦୨୩ ସମ୍ବଲପୁରରେ ହନୁମାନ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ସାଂପ୍ରଦାୟିକ ଦଙ୍ଗା ହୋଇଥିଲା। ଏଭଳି ସ୍ଥଳେ ସମ୍ବଲପୁରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ ତତ୍ପରତା ଦେଖାଯାଇଛି। ସହରର ସମସ୍ତ ଛକ, ସାର୍ବଜନୀନ ସ୍ଥାନ, ଧାର୍ମିକ ପ୍ରତିଷ୍ଠାନ ଆଦି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏପରିକି ସହରର ପ୍ରବେଶ ପଥ ଗୁଡିକରେ ପୋଲିସ ପକ୍ଷରୁ ଯାନବାହାନକୁ ଅଟକାଇ ଯାଞ୍ଚ କରାଯାଉଛି। ଏଥିପାଇଁ ସହରରେ ୪ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଛି।

## ରକ୍ତ ଦେଇ ଜୀବନ ରକ୍ଷା କଲେ ବ୍ୟାଙ୍କ ଅଧିକାରୀ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁରରେ ରକ୍ତର ଘୋର ଅଭାବ ଦେଖା ଦେଇଛି। ବିଶେଷ କରି ବିରଳ ରକ୍ତ ମିଳୁନାହିଁ। ଫଳରେ ରୋଗୀ ଓ ସମ୍ପର୍କୀୟ ମାନେ ରକ୍ତ ପାଇଁ ବେଶ ଅସୁବିଧା ଭୋଗ କରୁଛନ୍ତି । ଏଭଳିସ୍ଥଳେ ଜଣେ ରୋଗୀକୁ ଏ ନେଗେଟିଭ ରକ୍ତର ଆବଶ୍ୟକତା ପଡୁଥିବା ବେଳେ ଏସ୍‌ବିଆଇ ଆଞ୍ଚଳିକ ପରିଚାଳକ ଶ୍ୟାମସୁନ୍ଦର ଠାକୁର ରକ୍ତଦାନ କରିଥିଲେ। ସମାଜସେବୀ ରାମଦାସ ପଣ୍ଡାଙ୍କ ପାଖରୁ ସୂଚନା ପାଇବା ପରେ ବ୍ୟାଙ୍କ ଅଧିକାରୀ ଜଣକ କାଳ ବିଳମ୍ବ ନକରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ପଛାଇ ନଥିଲେ । ଫଳରେ ରୋଗୀର ଜୀବନ ରକ୍ଷା ପାଇପାରିଥିଲା।

## ଯାତ୍ରୀବାହୀ ବସ୍ ଧକ୍କାରେ ଯୁବକର ମୃତ୍ୟୁ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସଦର ଥାନା ଅର୍ନ୍ତଗତ ସିନ୍ଦୂରପଙ୍କ ବାଇପାସ୍ ରାସ୍ତା ନିକଟରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଯାତ୍ରୀବାହୀ ବସ୍‌କୁ ଜବତ କରିଛି। ମାତ୍ର ଡ୍ରାଇଭର ଜଣକ ଫେରାର ଥିବା ଜଣାପଡିଛି। ଦୁର୍ଘଟଣା ପରେ ମୃତଦେହଟି ଖଣ୍ଡବିଖଣ୍ଡିତ ହୋଇ ପଡିଥିଲା। ସେହି ବାଟ ଦେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱଇଚ୍ଛାର ଦିଲ୍ଲୀପ ପଣ୍ଡା ଯାଉଥିବା ବେଳେ ଶବ ସଂରକ୍ଷଣ ପାଇଁ ଉଦ୍ୟମ କରିଥିଲେ। ଯାହାକି ବେଶ ପ୍ରଂଶସନୀୟ ଅଟେ ।

## ବେଆଇନ ପାଉଁଶ ଡମ୍ପିଂକୁ ପ୍ରତିବାଦ

ସୁନ୍ଦରଗଡ଼, (ସବ୍ୟୁ): ସୁନ୍ଦରଗଡ଼ର ଜନବସତି ନିକଟ, ଚାଷଜମି, ନଦୀକୂଳ, ରାସ୍ତାକଡ଼, ଜଙ୍ଗଲ ଜମିରେ ବେଆଇନ ଭାବେ କାରଖାନାର ବର୍ଜ୍ୟ ପାଉଁଶ ପକାଇବାକୁ ନେଇ ବିଜେପି ଆନ୍ଦୋଳନକୁ ଓହ୍ଲାଇଛି। ପାଉଁଶ ମାଫିଆଙ୍କୁ ଗିରଫ ଦାବିରେ ଏନଟିପିସି ତାପଜ ବିଦ୍ୟୁତ ପ୍ରକଳ୍ପ ସମ୍ମୁଖରେ ଜିଲ୍ଲା ସଭାପତି ଗିରୀଶଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବିଜେପି ଧାରଣା ଦେଇଥିଲା । ପୁଲିସ ପ୍ରଶାସନ ଏହାକୁ ରୋକିବାରେ ବିଫଳ ହୋଇଥିବା ଦଳ ଅଭିଯୋଗ କରିଥିବାବେଳେ ମାଫିଆମାନେ ଗିରଫ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି । ଆନ୍ଦୋଳନ ଫଳରେ ଏନଟିପିସି ପାଉଁଶ ପୋଖରୀରୁ ପାଉଁଶ ପରିବହନ କରୁଥିବା ଶହଶହ ଭାରୀଯାନ ରାସ୍ତାରେ ଅଟକି ରହିଥିଲା । ଧାରଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା ।

# ପାହାଡ଼ରେ ବର୍ଷାଜଳ ପ୍ରାକୃତିକ ଭାବରେ ହୋଇପାରୁନି ସଂରକ୍ଷଣ

ରାୟଗଡ଼ା,(ସବ୍ୟୁ): ଲଘୁଚାପ ଜନିତ ବର୍ଷାଯୋଗୁଁ ଗତ ୨ତାରିଖ ଦିନ ସମଗ୍ର ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ଜିଲ୍ଲାର ଗୁଣପୁର ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ଜିଲ୍ଲାରେ ପାଖାପାଖି ୨୦୦ମିମି ବର୍ଷା ରେକର୍ଡ କରାଯାଇଥିଲା। କିନ୍ତୁ ଏହି ବର୍ଷାରେ ରାୟଗଡା ଜିଲ୍ଲାର ବିପର୍ଯ୍ୟୟ ପରିବେଶର ଚିତ୍ର ସାମ୍ନାକୁ ଆସିଥିଲା। ମାତ୍ର ଗୋଟିଏ ଦିନର ବର୍ଷାରେ ରାୟଗଡ଼ା ଜିଲ୍ଲାର ରାୟଗଡ଼ା, କୋଲନରା, ଗୁଡ଼ାରି, ଗୁଣପୁର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଥିବା ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତି ପରିବେଶବିତମାନଙ୍କୁ ଚିନ୍ତାରେ ପକାଇଥିବା ଜଣାପଡ଼ିଛି। ଏଭଳି ସ୍ଥିତ ଜାରି ରହିଲେ ଆଗାମି ଦିନରେ ରାୟଗଡ଼ା ଜିଲ୍ଲାରେ ବିପର୍ଯ୍ୟୟ ସୃଷ୍ଟି କରିବ ଏଥିଣେ ସଂଦେହ ନାହିଁ। ଏନେଇ ପରିବେଶ ପାଇଁ କାର୍ଯ୍ୟ କରୁଥିବା ପରିବେଶବିତ ଗେରାଙ୍ଗ ଚରଣ ରାଉତ ପାହାଡ଼ିଆ ଅଞ୍ଚଳରେ ଚାଷ କାର୍ଯ୍ୟ ପାଇଁ ପାହାଡର ତଳବର୍ତ୍ତି ଏବଂ ମଧ୍ୟମବର୍ତି ଅଞ୍ଚଳର ବୃକ୍ଷଗୁଡ଼ିକୁ ପଦା କରି ବ୍ୟବହାର କରାଯାଉଛି ଏବଂ ବୃକ୍ଷ କଟାଯାଉଥିବାରୁ ପାହାଡ଼ ଦୁର୍ବଳ ହେବା ସହ ଭୁସ୍ଖଳନ ବୁଥିବା ପ୍ରକାଶ କରିଛନ୍ତି। ଏପରିକି ଗତ ୨ତାରିଖରେ ହୋଇଥିବା ବର୍ଷା ଯୋଗୁଁ ଅଧିକାଂଶ ପାହାଡିଆ ଅଞ୍ଚଳରେ ହିଁ ଅଧିକା କ୍ଷୟକ୍ଷତି ରିପୋର୍ଟ ଆସିଥିଲା।

ପୂର୍ବରୁ ପାହାଡ଼ ଗୁଡିକରେ ଅଧିକା ମାତ୍ରାରେ ବୃକ୍ଷ ରହୁଥିବାରୁ ବର୍ଷାଜଳ ପ୍ରାକୃତିକ ଭାବରେ ସଂରକ୍ଷଣ ହୋଇପାରୁଥିବା ବେଳେ ବର୍ତ୍ତମାନ ଆଉ ସେଭଳି ସ୍ଥିତ ନଥିବା ଶ୍ରୀ ରାଉତ ପ୍ରକାଶ କରିଛନ୍ତି। ବର୍ଷାଜଳ ସିଧାସଳଖ ବୋହି ଯାଉଥିବାରୁ ଅଧିକା କ୍ଷତି ହେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷାରେ ଗୁଣପୁର ବ୍ଲକ ପୁଟାସିଂ ଅଞ୍ଚଳରେ ଭୂସ୍ଖଳନ ହୋଇ ସର୍ବାଧିକ କ୍ଷୟକ୍ଷତି ରିପୋର୍ଟ ଆସିଛି। ପାହାଡ଼ିଆ ଅଞ୍ଚଳରେ ଅଧିକା ବର୍ଷା ନିଷ୍କାସିତ ହୋଇ ଜିଲ୍ଲାର ଆରଡି ଦ୍ୱାରା ନିର୍ମାଣ ହୋଇଥିବା ୧୨ଟି ରାସ୍ତା ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ପୁଟାସିଂ ଅଞ୍ଚଳରେ ବର୍ଷାଦିନେ ଭୁସ୍ଖଳନ ହେବା ସାଧାରଣ କଥା ହୋଇଗଲାଣି।

ଜିଲ୍ଲାର ଅନ୍ୟ ଏକ ପିଭିଟିଜି ସଂପ୍ରଦାୟର ଆଦିମ ଜନଜାତି ଲାଂଜିଆ ସୌରା ବସବାସ କରନ୍ତି। ଏନେଇ ଜିଲ୍ଲାପାଳ ମଧ୍ୟ ସ୍ୱୀକାର କରି କହିଛନ୍ତି ଯେ ଗମନାଗମନ ଓ ଉନ୍ନୟନ କାର୍ଯ୍ୟ ହେଉଥିବା ସମୟରେ ଜେସିବି ଏବଂ ମେସିନ ବ୍ୟବହାର ହେଉଛି ଏବଂ ଏଥିପାଇଁ ଭୁସ୍ଖଳନ ହେଉଥିବା କହିଛନ୍ତି। ଜିଲ୍ଲାରେ ଜଙ୍ଗଲ ବିଭାଗ, ପ୍ରଶାସନ, ସଂଗଠନ ଓ ସରକାର ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ପାହାଡିଆ ଅଞ୍ଚଳରେ ଚାଷ କାର୍ଯ୍ୟ ପାଇଁ ବୃକ୍ଷ କଟାଯାଉଛି। ମୁଖ୍ୟତଃ କପାଚାଷ ପାଇଁ ଏଭଳି ବହୁଳମାତ୍ରାରେ କରାଯାଉଥିବା ପରିବେଶବିତ ଶ୍ରୀ ରାଉତ ପ୍ରକାଶ କରିଛନ୍ତି। ଯଦି ଏହାକୁ ଏବଠୁ ରୋକାନଯାଏ ତେବେ ଆଗାମୀ ଦିନରେ ପରିବେଶଜନିତ ବିପର୍ଯ୍ୟୟ ସୃଷ୍ଟି ହେବ ଏଥିରେ ସଂଦେହ ନାହିଁ ବୋଲି ରାୟଗଡ଼ା କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ପରିବେଶ ଉପରେ ଗବେଷଣା କରୁଥିବା ଡଃ ପ୍ରସନ୍ନ କୁମାର ଗନ୍ତାୟତ ସତର୍କ କରିଛନ୍ତି। ଜିଲ୍ଲାର ବିଭିନ୍ନ ରେଳବାୟୀ ଟ୍ରାକ ଅଞ୍ଚଳରେ ମଧ୍ୟ ଏହି ସମସ୍ୟା ଦ୍ୱିଗୁଣିତ ହେଉଥିବା ଦେଖିବାକୁ ମିଳୁଛି।

## ବୁଢୀପାଣିରେ ମେଡିକାଲ ବର୍ଜ୍ୟବସ୍ତୁ ପ୍ରକଳ୍ପକୁ ବିରୋଧ



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକର ବୁଢୀପାଣି ଗ୍ରାମରେ ହେବାକୁ ଥିା ବାୟ ମେଡିକାଲ ପ୍ରକଳ୍ପକୁ ଅନୁମତି ନ ଦେବାକୁ ରେଢ଼ାଖୋଲ ଉପ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି ଲୁହାପଙ୍କ ପଂଚାୟତର ଅଧିବାସୀ । ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ବୁଢୀପାଣି ଗ୍ରାମଠାରେ ମେସର୍ସ ନିଉଅନ୍ ଗ୍ରୀନଟେକ ଏଲଏଲ ପି ଦ୍ୱାରା ବାୟ ମେଡିକାଲ ଓ୍ୱେଷ୍ଟେଜ ପ୍ରୋଜେକ୍ଟ ହେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରୋଜେକ୍ଟ ପାଇଁ ଗତ ତା ୧୨/୦୮/୨୦୨୫ରେ ମଧ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ ଲୁହାପଙ୍କ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏଠାରେ ଗ୍ରାମପଞ୍ଚାୟତର ବୁଢ଼ୀପାଣି , ହେମାମୁରା, ଅଙ୍ଗାରପୋଡା, ଚାରବାଟି ତଥା ପଞ୍ଚାୟତର ସମସ୍ତ ଗ୍ରାମବାସୀ ପ୍ରୋଜେକ୍ଟ ନହେବା ପାଇଁ ଦୃଢ଼ ବିରୋଧ କରିଥିଲେ । ଏହି ଗ୍ରାମରେ ପ୍ରୋଜେକ୍ଟ ହେଲେ ଜଙ୍ଗଲ, ଜଳ,ଜମି, ବାୟୁ ଆଦି ପ୍ରଦୁଷଣ ହେବା ସହ ଚାଷ କାମରେ ବାଧା ସୃଷ୍ଟି ହେବ ବୋଲି ଗ୍ରାମବାସୀ ଅଭିଯୋଗ ପତ୍ରରେ ସରକାରଙ୍କୁ ଜଣାଇଛନ୍ତି । ରେଢ଼ାଖୋଲର ଏହି ସ୍ଥାନରେ ପ୍ରକଳ୍ପ ହେଲେ ଏହି ବର୍ଜ୍ୟବସ୍ତୁ ମଣିଷକୁ କ୍ଷତି କରିବା ସହିତ ପଶୁ ପକ୍ଷୀମାନଙ୍କୁ ମଧ୍ୟ ଅନେକାଂଶରେ କ୍ଷତି ପହଞ୍ଚାଇବ ବୋଲି ଗ୍ରାମବାସୀ ଦାବୀ ପତ୍ରରେ ଲେଖିଛନ୍ତି । ଏହି ପ୍ରକଳ୍ପ ହେଲେ ଆଗାମୀ ଦିନରେ ଏକ ଜନ ଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଦାବୀ ପତ୍ର ଦେବା ସମୟରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସମିତି ସଭ୍ୟ ଜିତେନ୍ଦ୍ର ହେମ୍ବ୍ରମ, ଅଶ୍ୱିନୀ ପ୍ରଧାନ, ନିରାକାର ବେହେରା, ହରିହର ବେହେରା, ରଞ୍ଜନ ପ୍ରଧାନ, ପିଣ୍ଟୁ ପ୍ରଧାନ, ବିରଞ୍ଚି ପ୍ରଧାନ, ବାପୁନ୍ ଦେହୁରୀ,ବାବୁଲା ପ୍ରଧାନ, ରାଜେନ୍ଦ୍ର ବେହେରା, ଜୟାନନ୍ଦ ପ୍ରଧାନ ପ୍ରମୁଖ ଗ୍ରାମବାସୀ ଓ ପଞ୍ଚାୟତ ବାସୀ ଉପସ୍ଥିତ ଥିଲେ।

# ସମ୍ବଲପୁର ଜିଲ୍ଲାରେ ଗଜଲକ୍ଷ୍ମୀଙ୍କ ପୂଜା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ପୁରପଲ୍ଲୀରେ ସୋମବାର ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଯାଇଛି। କଳସ ସ୍ଥାପନ ପରେ ପାରମ୍ପରିକ ରୀତିନୀତି ଓ ଭକ୍ତିଭାବନା ସହ ପୂଜା ଆରମ୍ଭ ହୋଇଥିଲା। ଏଥିପାଇଁ ସାର୍ବଜନୀନ ପୂଜା ମଣ୍ଡପଗୁଡ଼ିକୁ ଆକର୍ଷଣୀୟ ଶୈଳୀରେ ସଜ୍ଜିତ କରାଯାଇଛି । ସେହିପରି ପରିପାର୍ଶ୍ୱରେ ରଙ୍ଗୀନ ଆଲୋକମାଳା ଶୋଭା ପାଉଛି। ଗଜଲକ୍ଷ୍ମୀଙ୍କ ଦର୍ଶନ ପାଇଁ ମଣ୍ଡପ ଗୁଡିକରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସମ୍ବଲପୁର ସହରର ମୁଦିପଡ଼ା, ଫାଟକ, ସହଯୋଗ ନଗର,



ଭାଲୁପାଲି, ଗୋପାଳପାଲି, ସାଖାଗୋପୀନାଥ ପଡ଼ା, କାଳୀବାଡ଼ିରେ ଲକ୍ଷ୍ମୀଙ୍କ ପୂଜା ଆରାଧନା କରାଯାଉଛି। ସେହିପରି ହୀରାକୁଦର ମାର୍କେଟ ଛକ, ଦୁର୍ଗା ମନ୍ଦିର ଛକ, ଖାଦ୍ୟ ନିଗମ ଓ ବୁଢ଼ାକଟା, ବୁର୍ଲାର ଭକ୍ତି ମଣ୍ଡପ, ଗୌଡ଼ପାଲି, ରେଢ଼ାଖୋଲର କଇଁଥପାଲି, ଯଦୁମଣି ପାଟଣା, ରଥପାଲି, ଖଇରାପିଆ, ନୂଆଁସାହି, ଝୁରୁଝରିଆ, ବେଟେରାପାଲି ଓ ଜର୍ଜିଲା ସହିତ ୧୫ଟି ସ୍ଥାନରେ ଗଜଲକ୍ଷ୍ମୀଙ୍କ ପୂଜା କରାଯାଉଛି। ଏଥିସହ ନାକଟିଦେଉଳ, କଦଳୀକଚ୍ଛ, ବାରଜଙ୍ଗ, ଗୋଧୁଡ଼ିପ ପ୍ରଭୃତି ଗ୍ରାମରେ ମଧ୍ୟ ପୂଜାମଣ୍ଡପରେ ଦେବୀ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ବିଶେଷ ଭାବେ ରେଢ଼ାଖୋଲ ସହର ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ରେଢ଼ାଖୋଲରେ ଏହି ଉତ୍ସବ ବହୁ ଧୂମଧାମରେ ହୋଇଥାଏ । ତେଣୁ ଦୂରଦୂରାନ୍ତରେ ଥିବା ଆତ୍ମୀୟଙ୍କ ଆଗମନ ଦେଖାଯାଇଛି।

# ସବୁଜିମାକୁ ପ୍ରଭାବିତ କରୁଛି କୋଇଲା ଗୁଣ୍ଡ

ଝାରସୁଗୁଡ଼ା,(ସବ୍ୟୁ): ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ କୋଇଲା ଗୁଣ୍ଡ ଯୋଗୁଁ ପରିବେଶ ପ୍ରଦୂଷିତ ହେଉଛି । ବାୟୁ, ଜଳ ଓ ମାଟି ପ୍ରଦୂଷଣ ହେବା ସହ ଏହା ବୃକ୍ଷଲତାଙ୍କ ଅଭିବୃଦ୍ଧିକୁ ନକାରାତ୍ମକ ଭାବେ ପ୍ରଭାବିତ କରିବା ସହ ମାନବ, ପଶୁ, ପକ୍ଷୀ ଓ ଜଳଚର ଜିବଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି । ଶହ ଶହ ସଂଖ୍ୟାରେ ବଡ଼ବଡ଼ ଗଛର ମଧ୍ୟ ଗତ କିଛି ବର୍ଷ ମଧ୍ୟରେ ଅକାଳ ମୃତ୍ୟୁ ହୋଇଛି । ଇବ ଉପତ୍ୟକାରେ କୋଇଲା ଖନନ ଓ ପରିବହନ ଯୋଗୁଁ ଉଡୁଥିବା ଧୂଳିଗୁଣ୍ଡ ଓ କୋଇଲା ଗୁଣ୍ଡ ଯୋଗୁଁ ଅଞ୍ଚଳରେ ମଣିଷ ,ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଥିବା ବେଳେ ଇଂଲଣ୍ଡର ସାଉଥଏମ୍ପଟନ୍ ବିଶ୍ୱବିଦ୍ୟାଳୟ ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏନଆଇଟି ) ରାଉରକେଲା ଦ୍ୱାରା କରାଯାଇଥିବା ଗବେଷଣାରୁ ସ୍ଥାନୀୟ ପ୍ରାକୃତିକ ପରିବେଶ ଉପରେ ନକରାତ୍ମକ ପ୍ରଭାବ ପଡୁଥିବା ସ୍ପଷ୍ଟ ହୋଇଛି । ଉକ୍ତ ଗବେଷଣାରେ ଗବେଷକମାନେ ଦର୍ଶାଇଛନ୍ତି ପତ୍ରର କୋଇଲା ଗୁଣ୍ଡର ଆସ୍ତରଣ ଯୋଗୁଁ ବୃକ୍ଷର ଉଦ୍ସ୍ୱେଦନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ବୃକ୍ଷର ଆଲୋକ ଶ୍ଳେଷଣ ପ୍ରକ୍ରିୟା ଓ କାର୍ବନ ଶୋଷଣ କ୍ଷମତା ହ୍ରାସ ପାଉଛି । ବୃକ୍ଷମାନଙ୍କ ୨୦ % ପ୍ରତିଶତ ଅଙ୍ଗାରକାମ୍ଳ କମ ଶୋଷଣ କରୁଛନ୍ତି । ଫଳରେ ଏହା ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି କରାଉଛି । ଯାହା ବିଶ୍ୱତାପାୟନ ବୃଦ୍ଧିର ଅନ୍ୟତମ କାରଣ ହୋଇଥିବା ବେଳେ ସ୍ଥାନୀୟ ସ୍ତରରେ ଉତ୍ତାପ ବୃଦ୍ଧିର ମୁଖ୍ୟ କାରଣ ସାଜିଛି ।କୋଇଲାଗୁଣ୍ଡର ଅଞ୍ଚଳର ବୃକ୍ଷ , ଗୁଳ୍ମ ଓ ଲତା ଉପରେ ସୁଦର ପ୍ରସାରୀ କୁପ୍ରଭାବ ଥିବାରୁ ଏହା ଇବ ଉପତ୍ୟକା ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ବିପଦର କାରଣ ସାଜିଛି । ଇବ ଉପତ୍ୟକା ଓ ଝାରସୁଗୁଡ଼ା ଜିଲ୍ଲାର ପରିବେଶଗତ ବିପର୍ଯ୍ୟୟ ଦିଗରେ ଏହି କୋଇଲା ଖଣିରୁ ଓ କୋଇଲା ପରିବହନରୁ ଉଦବୃତ୍ତ ଧୂଳିଗୁଣ୍ଡ କାରଣ ସାଜିଛି । ସବୁଜିମାର ଅକାଳ ମୃତ୍ୟୁ ଘଟୁଛି । ଝାରସୁଗୁଡ଼ା ସହର ଓ ଜିଲ୍ଲାବାସୀଙ୍କୁ ଆଗାମୀ ଦିନରେ ଉତ୍କଟ ପରିବେଷ ପ୍ରଦୂଷଣର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଗବେଷକମାନେ ସତର୍କ କରାଇ ଦେଇଛନ୍ତି । ଗବେଷକମାନେ ଇବ୍ ଉପତ୍ୟକାର ୩୦ଟି ସ୍ଥାନରୁ ୩୦୦ଟି କୋଇଲା ଗୁଣ୍ଡ ଆଚ୍ଛାଦିତ ପତ୍ର ସଂଗ୍ରହ କରିଥିଲେ । ଲାବୋରଟୋରିରେ ଉକ୍ତ ପତ୍ରଗୁଡ଼ିକରେ ଜମା ହୋଇଥିବା ଗୁଣ୍ଡର ପରିମାଣର ମାପ କରିବା ସହ ଗୁଣ୍ଡ ସଫାକରି ପତ୍ର ଗୁଡ଼ିକ ଅଲଗା ଭାବେ ମାପ କରିଥିଲେ । ସେଥିରୁ ମିଳିଥିବା ତଥ୍ୟ ଉପଗ୍ରହ ଲେଣ୍ଡସେଟ୍-୯ , ଲେଣ୍ଡସେଟ୍ -୮, ସେଣ୍ଟିନାୟଲ-୨ ଉପଗ୍ରହରୁ ମିଳୁଥିବା ତଥ୍ୟ ବହୁଳ ଭାବରେ ମେଳ ଖାଉଥିଲା । କୋଇଲା ଗୁଣ୍ଡ ଓ ଧୂଳି ଗୁଣ୍ଡ ପତ୍ର ଦେହରେ ଥିବା କ୍ଷୁଦ୍ର ଛିଦ୍ରଗୁଡ଼ିକ ବନ୍ଦ କରିଦେବାରୁ ଆଲୋକ ସଂଶ୍ଳେଷଣ ଓ ଖାଦ୍ୟ ପ୍ରକ୍ରିୟାକରଣ କରିବାରେ ବାଧା ସୃଷ୍ଟି ହୋଇଥାଏ । ଏହା କେବଳ ଉଦ୍ଭିଦ ବୃଦ୍ଧିକୁ ବାଧା ଦିଏ ନାହିଁ ବରଂ ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ପରିବେଶକୁ ସନ୍ତୁଳନକୁ ପ୍ରଭାବିତ କରେ । କୋଇଲା ଗୁଣ୍ଡ ଆସ୍ତରଣ ପ୍ରଭାବିତ ଅଞ୍ଚଳର ପ୍ରତି ବର୍ଗ ମିଟରରେ ବୃକ୍ଷମାନେ ଅପ୍ରଭାବିତ ଅଞ୍ଚଳର ବୃକ୍ଷ ଅପେକ୍ଷା ୨ ରୁ ୩ଗ୍ରାମ କମ କାର୍ବନ ଶୋଷଣ କରେ । ଯାହାକି ସ୍ଥାନୀୟ ପରିବେଶ ପାଇଁ ବେଶ କ୍ଷତିକାରକ ସାବ୍ୟସ୍ତ ହୁଏ । ଖଣି ଅଞ୍ଚଳର ୩୦ କି.ମି ପରିଧିରେ ସବୁଜିମା ପ୍ରଭାବିତ ହେବା ସହ କୋଇଲା ପରିବହନ ରାସ୍ତାରେ ଥିବା ସବୁଜିମା ପ୍ରଭାବିତ ହେଉଛି । କୋଇଲା ଗୁଣ୍ଡରେ ରହୁଥିବା ବିଭିନ୍ନ ପ୍ରକାର ଧାତୁ ବିଷାକ୍ତ ଆର୍ସେନିକ, ଲିଡ୍, ମର୍କ୍ୟୁରି, ଆଲୁମିନିୟମ ଓ ଗୌଣ ଉପାଦାନ ସବୁଜିମା ଓ ମଣିଷ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଉଥିବା ସମ୍ପର୍କରେ ଗବେଷକମାନେ ୨୦୨୪ ଅକ୍ଟୋବର ଜର୍ଣ୍ଣାଲ ଅଫ୍ ଜିଓଫିଜିକାଲ ରିସର୍ଚ୍ଚରେ ଗବେଷଣା ଲବ୍ଧ ତଥ୍ୟ ପ୍ରକାଶ କରିଛନ୍ତି । ସେମାନେ ଉକ୍ତ ନିବନ୍ଧରେ ତାପମାତ୍ରା ନିୟନ୍ତ୍ରଣ ଓ ଅଙ୍ଗାରକାମ୍ଳ ଶୋଷଣ କରିବାରେ ଉଦ୍ଭିଦଗୁଡ଼ିକର ଅକ୍ଷମତା ବିଶ୍ୱ ତାପମାତ୍ରା ବୃଦ୍ଧିକୁ ତ୍ୱରାନ୍ୱିତ କରେ ବୋଲି ଗବେଷକମାନେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣକୁ ଆଗକୁ ନିଆଯିବା ପାଇଁ କୋଇଲାଖଣି ଅଞ୍ଚଳରେ ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଇଛନ୍ତି ।

## ମନରେଗା ଯୋଜନାରେ କାମ କରି ପାଉଣା ପାଇନାହାଁନ୍ତି ଶ୍ରମିକ

ସୋନପୁର,(ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ପଞ୍ଚମହଲା ଗ୍ରାମପଞ୍ଚାୟତର ଡିଡିମାଲ ଗ୍ରାମର ଶ୍ରମିକମାନଙ୍କୁ ମଜୁରୀ ମିଳୁ ନାହିଁ। ୩୦ ଶ୍ରମିକମାନଙ୍କୁ ପଞ୍ଚାୟତର ଧୂଳଧୁଲା ଗ୍ରାମର ରାସ୍ତାରେ ସ୍ଥାନୀୟ ପିଇଓ କାର୍ତ୍ତିକେଶ୍ୱର ଶତପଥୀ କାମ ଯୋଗାଇ ଦେଇଥିଲେ। ଶ୍ରମିକମାନେ ୭ ଦିନ କାମ କରିଛନ୍ତି। ଆଜିକୁ ୧୫ ଦିନ ହେବ ମଜୁରୀ ଟଙ୍କା ପାଇ ପାରି ନାହାଁନ୍ତି। ଆଗରୁ ଡିଡ଼ିମାଲରୁ ଜଗନ୍ନାଥପାଲି ରାସ୍ତା ୭ଦିନ କାମ କରି ଥିଲେ ହେଲେ ପାଉଣା ପାଇ ପାରି ନାହାଁନ୍ତି । ଏନେଇ ଦାୟିତ୍ୱରେ ଥିବା ସୁଶାନ୍ତ ଛତ୍ରିଆଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ହଁ ସୁଫଳ ମିଳିପାରି ନାହିଁ। ଏନେଇ ଯନ୍ତ୍ରୀଙ୍କୁ ପଚାରିବାରୁ ସହକାରୀ ଯନ୍ତ୍ରୀ ଛୁଟିରେ ଥିବାରୁ କାମ କରିଥିଲେ ହଁ ତାଙ୍କୁ ପ୍ରାପ୍ୟ ଦେଇ ପାରି ନାହିଁ ବୋଲି କହିଛନ୍ତି। ସହକାରୀ ଯନ୍ତ୍ରୀ ଆସିଲେ ପ୍ରାପ୍ୟ ଦିଆ ଯିବ ବୋଲି ସେ କହିଥିଲେ। ଅନ୍ୟପଟେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ସାରିଛୁ ବୋଲି ପବିତ୍ର ସାହୁ କହିଛନ୍ତି ।

## ନୂଆପଡ଼ା ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

ନୂଆପଡ଼ା,(ସବ୍ୟୁ): ମୁଖ୍ୟମନ୍ତ୍ରୀ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି ଜିଲ୍ଲାକୁ ୧୧୦୦ କୋଟିରୁ ଉର୍ଦ୍ଧ ଟଙ୍କାର ୯୫୭ ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଓ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍ଘାଟନ କରି ଭେଟି ଦେଇଛନ୍ତି। ଏ ଅବସରରେ ନୂଆପଡ଼ା ଜିଲ୍ଲା ମିନି ଷ୍ଟାଡିୟମ୍ ଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଖରିଆର ରୋଡ ଏନଏ ସିଏ କୁ ମୁନସିପାଲଟି ଓ କୋମନା ଓ ସିନାପାଲିକୁ ନୂତନ ଏନଏସି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଉପସ୍ଥିତ ଜନତା କର ତାଳି ମାରି ସ୍ୱାଗତ କରିଥିଲେ। ସ୍ୱାଗତ ଭାଷଣ ଦେଇ ଜିଲ୍ଲାପାଳ ମଧୁସୁଦନ ଦାଶ ମୁଖ୍ୟ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିଗଣ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗ,ଗଣ ଶିକ୍ଷା,ଅନୁସୂଚିତ ଜାତି ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଖରିଆର ରୋଡ ଏନଏସି ଅଧକ୍ଷା ଡ଼ ସୋନିଆ ଜୈନ ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରାରମ୍ଭିକ ମଞ୍ଚ ସଂଯୋଜନା ପାୟଲ ନାୟକ କରିଥିବା ବେଳେ ଜିଲ୍ଲାପାଳ ଶ୍ରୀ ଦାଶ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଏନଏସି ଅଧକ୍ଷା ଡ. ସୋନିଆ ଜୈନ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମଙ୍ଗଳବାର ନୂଆପଡ଼ା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବ କଂଗ୍ରେସ

ନୂଆପଡ଼ା,(ସବ୍ୟୁ): ନଭେମ୍ବର ୧୧ ତାରିଖରେ ହେବ ନୂଆପଡ଼ା ବିଧାନସଭା ଉପନିର୍ବାଚନ। ସୋମବାର ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ପରେ ରାଜନୈତିକ ମହଲରେ ତତ୍ପରତା ପ୍ରକାଶ ପାଇଛି। କଂଗ୍ରେସ ଏହି ଆସନ ପାଇଁ ମଙ୍ଗଳବାର ପ୍ରାର୍ଥୀ ଘୋଷଣା କରିବ ବୋଲି କହିଛନ୍ତି। ଏ ନେଇ ଘୋଷଣା କରିଛନ୍ତି ଓପିସିସି ସଭାପତି ଭକ୍ତ ଚରଣ ଦାସ ।

## ଆଇନଜୀବୀ ପ୍ରମୋଦ ମିଶ୍ରଙ୍କ ପିତୃ ବିୟୋଗ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ସହରର ହନୁମାନପଡା ନିବାସୀ ବରିଷ୍ଠ ଆଇନଜୀବୀ ଜଗଦୀଶ ମିଶ୍ରଙ୍କ ବଡ ପୁଅ ରଜନୀକାନ୍ତ ମିଶ୍ରଙ୍କ ୭୩ ବର୍ଷ ବୟସରେ ପରଲୋକ ଘଟିଛି । ସ୍ୱର୍ଗତ ମିଶ୍ର ଜଣେ ଧର୍ମପରାୟଣ ତଥା ମେଳାପି ବ୍ୟକ୍ତି ଥିଲେ । ତାଙ୍କ ବିୟୋଗ ଖବର ପାଇବା ପରେ ପଦ୍ମପୁର ଅଞ୍ଚଳର ଶୋକର ଛାୟା ଖେଳିଯାଇଛି । ତାଙ୍କ ଅନ୍ତେ ସ୍ତ୍ରୀ କମଳିନୀ ମିଶ୍ର,ଝିଅ ରିତାରାଣୀ ପଣ୍ଡା, ବଡପୁଅ ଆଇନଜୀବୀ ପ୍ରମୋଦ , ସାନପୁଅ ପ୍ରଫୁଲ୍ଲ ,ନାତି ନାତୁଣି,ପରିବାର ବର୍ଗଙ୍କୁ ଛାଡି ଯାଇଛନ୍ତି । ତାଙ୍କ ଦେହାନ୍ତ ଖବର ଶୁଣି ପଦ୍ମପୁର ସହରର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସ୍ଥାନୀୟ ଶ୍ମସାନରେ ତାଙ୍କ ଶବଦାହ କରାଯାଇଥିଲା ।

## ୨୦ ହଜାର ଟଙ୍କା ନେଇ ଧରାପଡ଼ିଲେ ସହକାରୀ ଯନ୍ତ୍ରୀ



କୋରାପୁଟ,(ସବ୍ୟୁ): ମନରେଗା କାମରେ ବିଲ୍ କରିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ବ୍ଲକ ସହକାରୀ ଯନ୍ତ୍ରୀ। କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ସହକାରୀ ଯନ୍ତ୍ରୀ ଲମ୍ବୋଧର ନାୟକ ମନରେଗା କାମର ବକେୟା ବିଲ ବାବଦକୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରିଛି ଜୟପୁର ଭିଜିଲାନ୍ସ ଟିମ୍।

ମିଳିଥିବା ସୂଚନା ଅନୁଯାୟୀ ମସିଗାଁ ପଞ୍ଚାୟତର ଝଡଙ୍ଗା ଗ୍ରାମର ଆରଡି ରାସ୍ତା ଠାରୁ ଶ୍ମଶାନ ପର୍ଯ୍ୟନ୍ତ ମେଟେଲ ମୋରମ ରାସ୍ତା ନିର୍ମାଣ ମନରେଗା ଯୋଜନାରେ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ପାଇଁ ପ୍ରଫୁଲ କୁମାର ସ୍ୱାଇଁଙ୍କୁ କାର୍ଯ୍ୟସମ୍ପାଦନ ପାଇଁ ଦାୟିତ୍ୱ ଦିଆଯାଇଥିଲା। ବକେୟା ବିଲ ୩ ଲକ୍ଷ ଟଙ୍କା କରିବା ପାଇଁ ସହକାରୀ ଯନ୍ତ୍ରୀ କୁଆଡ଼େ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଫୁଲ ଏନେଇ ଜୟପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ସଂଧ୍ୟା ସମୟରେ ପ୍ରଫୁଲ ସହକାରୀ ଯନ୍ତ୍ରୀଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରିବା ବେଳେ ଭିଜିଲାନ୍ସ କାବୁ କରିଥିବାର ଭିଜିଲାନ୍ସ ଏସପି ଅଭୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ଭିଜିଲାନ୍ସ ଟିମ ତଦନ୍ତ ଜାରି ରଖିଥିବା ବେଳେ ସବିଶେଷ ତଥ୍ୟ ମିଳିପାରି ନାହିଁ। ଏହି ଚଢ଼ଉରେ ଡିଏସପି ସଦାନନ୍ଦ ପାଣି, ଅଭୟ ପ୍ରଧାନ, ଇନିସପେକ୍ଟର ସୁର୍ଯ୍ୟପ୍ରକାଶ ନାୟକଙ୍କ ସହ ଏକ ଟିମ୍ ଏହି ଚାଉରେ ଭାଗ ନେଇଥିଲେ। ତେବେ ଲାଞ୍ଚ କାରବାରର ଏକ ଅଡିଓ ଭାଇରାଲ ହୋଇଥିବା ଜଣାପଡିଛି।

## ଡିମ୍ବିରିମୁଣ୍ଡାରେ ଶିବ, ଶକ୍ତିଙ୍କ ସୋମନାଥ ବ୍ରତ ଗ୍ରାମବାସୀଙ୍କ ପ୍ରଚେଷ୍ଟା ପ୍ରାଚୀନ ପରମ୍ପରାକୁ ଉଜ୍ଜିବିତ କରେ

କୁଚିଣ୍ଡା,(ସବ୍ୟୁ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଜମନକିରା ବ୍ଲକ ଅନ୍ତର୍ଗତ ଡିମ୍ବିରିମୁଣ୍ଡା ଗ୍ରାମରେ ଶିବ ଏବଂ ଶକ୍ତି ଙ୍କର ଉପାସନା ସୋମନାଥ ବ୍ରତ ନାମରେ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଅଛି। ଏଥିରେ ଅନେକ ବ୍ରତ ଧାରୀ ଉପାସକ ରୂପରେ ବ୍ରତ ଧାରଣ କରିଥାନ୍ତି। ଏଠାରେ ଦେବୀ ବରୁଆ ରୂପରେ ମଣିଷ ଦେହରେ ଆସି ସମସ୍ତଙ୍କର ଶୁଭ ମନାସି ଥାନ୍ତି। ସେଥି ମଧ୍ୟରେ ଶିରି ସୁବର୍ଣ୍ଣ ମଙ୍ଗଳା, ଦୁର୍ଗା,କାଳୀ,ସମଲେଇ, ମହାଦେବ, ବୀର ହନୁମାନ ଆଦି ରୂପରେ ନାମିତ ହୋଇ ବରୁଆ ରୂପେ ମା'ଙ୍କର ପୂଜାର୍ଚ୍ଚନା କରାଯାଏ । ଗାଉଣୀ ଦ୍ୱାରା ହାଣ୍ଡି ଉପରେ କୁଲା ଏବଂ ତା ଉପରେ ଧୁନକେଳ ବାଡି ଦ୍ୱାରା ବାଦ୍ୟର ତାଳେ ତାଳେ ସୋମନାଥ ବ୍ରତ କଥା ଗୀତ ମାଧ୍ୟମରେ ଶ୍ରୋତାଙ୍କୁ ଶୁଣେଇଥାନ୍ତି। ଡିମ୍ବିରିମୁଣ୍ଡା ଉଷାକୋଠୀରୁ ଦେବଗଣ ବୃନ୍ଦ ଅନ୍ୟ କୋଠୀ ମାନଙ୍କୁ ଯଜ୍ଞ ବୁଲି ଯିବାର ପ୍ରଥା ରହିଥିବା ହେତୁ ଭାଇଚାରାର ସମ୍ପର୍କ ବୃଦ୍ଧି ହେବା ସହିତ ଆତ୍ମୀୟତା ସୃଷ୍ଟି ହୋଇଥାଏ। ପ୍ରତି ବର୍ଷ ଏହା ଆଶ୍ୱିନ ମାସ ଶୁକ୍ଳପକ୍ଷ ତୃତୀୟାରୁ ଆରମ୍ଭ ହୋଇ ଏହି ବ୍ରତ ଏକାଦଶୀରେ ପୂର୍ଣ୍ଣାହୁତି ହୋଇଥାଏ। ଏହି ପ୍ରାଚୀନ ପରମ୍ପରାକୁ ଉଜ୍ଜୀବୀତ କରିବା ପାଇଁ ଡିମ୍ବିରିମୁଣ୍ଡା ଗ୍ରାମବାସୀ ଏକମାସ ପୂର୍ବରୁ ଏହାର ପ୍ରସ୍ତୁତି କରିଥାନ୍ତି। ଏହା ଏକ ନିଆରା ପର୍ବ ଅଟେ। ଏଠାରେ ଦେହୁରୀ ଦିଲ୍ଲିପ ପଲେଇ,ଗାଉଣୀ ସୁଞ୍ଜାନି ବେହେରା, ଉମେଶ ମହାକୁଳ,ଦୁଧରା ମହାକୁଳ, ଅତୁଲ୍ୟ ବେହେରା,ସନାତନ ବେହେରା, ସଞ୍ଜୟ ମହାକୁଳ,ରବିନ୍ଦ୍ର ପଲେଇ,ଉତ୍ତମ ବେହେରା,ଶରତ ବେହେରା,ଅଭିନ ବାଘ ପ୍ରମୁଖ ଏହି ଅବସରରେ ଦେବାଦେବୀଙ୍କର କାଳିଷୀ ରୂପ ଧାରଣ କରି ବନ୍ଦାପନା ସହିତ ସେବା ଯୋଗେଇଥାନ୍ତି। ଏଠାରେ ଦୂରଦୂରାନ୍ତରୁ ଭକ୍ତ ମାନେ ଆସି ମାନସିକ ରଖିଥାନ୍ତି ଏବଂ ତାହା ପୂରଣ ମଧ୍ୟ ହେବାର ସମସ୍ତଙ୍କର ବିଶ୍ୱାସ ରହିଛି ।

## ମା' ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ



ଜୟପାଟଣା, (ସବ୍ୟୁ): ମା ଜଗତ ଜନନୀ ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ, ଜୟପାଟଣା - ମହାବୀର ପଡା ପୂଜା କମିଟି ତରଫରୁ ଧୂମଧାମର ସହ କଳସ ଯାତ୍ରାରୁ ଆରମ୍ଭ ହୋଇଯାଇଛି। ବହୁ ମହିଳାମାନଙ୍କ ସହଯୋଗରେ ସ୍ଥାନୀୟ ବଡ ପୋଖରୀରୁ ଜଳ ଉଠାଣ କରାଯାଇ, ପୂଜକ ହୃଷିକେଶ ମୁଣ୍ଡ ଏବଂ ସହଯୋଗୀ ବ୍ୟୋମକେଶ ମୁଣ୍ଡଙ୍କ ଦ୍ୱାରା ଅଧିବାସ କାର୍ଯ୍ୟକ୍ରମ ସମ୍ପନ୍ନ ହେବାପରେ ଯଥା ରୀତି ଅନୁଯାୟୀ ମା ଙ୍କ ପୂଜାପାଠ ଆରମ୍ଭ ହୋଇଯାଇଛି। ଏହି ପୂଜନୋତ୍ସବ ତା ୧୦.୧୦.୨୦୨୫ପର୍ଯ୍ୟନ୍ତ ପାଳିତ ହେବାକୁ ଥିବାବେଳେ, କର୍ତ୍ତା ଭାବେ ଅଜିତ ଅଗ୍ରୱାଲ ଓ ତାଙ୍କ ଧର୍ମ ପତ୍ନୀ ପୂଜା ଅଗ୍ରୱାଲ ଦାୟିତ୍ୱ ସମ୍ପର୍ଣ୍ଣ କରିଆସୁଛନ୍ତି। ସନ୍ଧ୍ୟା ସମୟରେ ଭଜନ, କୀର୍ତ୍ତନ ର ମାହୋଲ ମଣ୍ଡପ ପରିସର ଅଞ୍ଚଳକୁ ଧର୍ମୀୟ ଭାବରେ ବାନ୍ଧି ରଖିଛି। ପୂଜା କମିଟିର ସଭାପତି ସୁରଜ ଅଗ୍ରୱାଲ ଓ ସୁଦାମଚରଣ ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଜଲକ୍ଷ୍ମୀ ପୂଜାର ଯାବତୀୟ କାର୍ଯ୍ୟକ୍ରମ, ପୂଜା କମିଟିର ସମସ୍ତ ସଦସ୍ୟ ମାନଙ୍କ ସ୍ୱେଚ୍ଛାସେବା, ସକ୍ରିୟ ସହଯୋଗ, ଏହାର ସଫଳ ରୂପାୟନ ଦେଇପାରୁଛି। ପାଞ୍ଚ ଦିନ ଧରି ମା ଙ୍କ ପୂଜା ପାଠ ଚାଲୁ ରହିଥିବା ବେଳେ, ଏହି ଧର୍ମୀୟ ପରିବେଶ ମଧ୍ୟରେ ଯୋଗଦାନ କରି ମାଙ୍କ ଆର୍ଶୀବାଦ ଲାଭ କରିବା ପାଇଁ ଗଜ ଲକ୍ଷ୍ମୀ ପୂଜା କମିଟି ତରଫରୁ ଅନୁରୋଧ କରାଯାଇଛି।

## ନିଖୋଜ ଯୁବକଙ୍କ ମୃତଦେହ ୪ ଦିନ ପରେ ଉଦ୍ଧାର

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକର କତାପାଲୀ ପଞ୍ଚାୟତର ବଡରେଙ୍ଗାଗୁଡା ଗ୍ରାମର ଜଣେ ଯୁବକ ଗତ ୩୦ ତାରିଖ ଠାରୁ ଘରୁ ଦଶହରା ଦେଖିବା ପାଇଁ ବାହାରିଥିବା ବେଳେ ସେ ଆଉ ଘରକୁ ଫେରିନଥିବା ବେଳେ ତାର ମୃତ ଦେହ ୪ ଦିନ ପରେ ଉଦ୍ଧାର ହୋଇଛି। ପରିବାର ଲୋକେ ଏହାକୁ ହତ୍ୟା ବୋଲିଲ ଅଭିଯୋଗ କରି ମାଥିଲି ଥାନାରେ ଏତଲା ଦାୟର କରିଛନ୍ତି।

ଘଟଣା ଅନୁଯାୟୀ ବଡ଼ରେଙ୍ଗାଗୁଡ଼ା ଗ୍ରାମର ସଂଜୟ ନାୟକ ମାଥିଲି ଥାନାରେ ଏତଲା ଦାୟର କଲେ ଯେ ତାଙ୍କ ସାନ ଭାଇ ବିଷ୍ଣୁ ନାୟକ(୧୯) ଗତ ୩୦ ତାରିଖ ଦିନ ଘରୁ ଦଶହରା ଦେଖିବା ପାଇଁ ବାହାରିଥିଲା। ପରିବାର ଲୋକେ ସାଂଗସାଥିଙ୍କ ସହ ଯାଇଥିବ ଭାବି ଚୁପ ରହିଲେ। କିନ୍ତୁ ସେ ଦଶହରା ଦେଖିବା ପରେ ଘରକୁ ଫେରିନଥିଲା। ଗତ ୪ ତାରିଖ ଦିନ ବଡାଗୁଡ଼ା ଗ୍ରାମ ପାଖରେ ରହିଥିବା ଏକ ଛୋଟିଆ ପୋଖରୀରେ ଗୋଟିଏ ଶବ ଭାସୁଥିବା ଗ୍ରାମବାସୀ ଦେଖି ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀ ଶବକୁ ଉଦ୍ଧାର କରି ମାଥିଲି ମେଡିକାଲରେ ଭର୍ତ୍ତି କରିଥିଲେ। ଏହି ଶବ ବିଷ୍ଣୁ ନାୟକଙ୍କର ବୋଲି ଜାଣିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ଆସି ଶବ ଚିହ୍ନଟ ପରେ ମୃତଦେହର ଛାତିରେ ଗଭୀର କ୍ଷତ ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଥାନାରେ ଭାଇକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି ବଡ ଭାଇ ସଂଜୟ। ପୁଲିସ ଶବ ବ୍ୟବଚ୍ଛେଦ ପରେ ଘଟଣାର ତଦନ୍ତ କରୁଥିବା କହିଛି।

## ପୁଅ ଆଗରେ ବାପକୁ ଦଳି ଦେଲା ଦନ୍ତା

ଦେବଗଡ଼, (ସବ୍ୟୁ): ଦେବଗଡ଼ଜିଲ୍ଲା ରିଆମାଳ ରେଞ୍ଜ ନୁଆଁଡିହି ପଞ୍ଚାୟତ ଅନ୍ତର୍ଗତ ପୁଡାଡିହି ଗ୍ରାମରେ ଆଜି ସନ୍ଧ୍ୟା ସମୟରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ପୁଡାଡିହି ଗ୍ରାମର ଈଶ୍ୱର ପେଣ୍ଡେଇ(୬୨) । କୌଣସି କାର୍ଯ୍ୟରେ ପୁଅ ହେମନ୍ତ ପେଣ୍ଡେଇ (୪୦) ସହ କଦଳୀପାଳ ଗ୍ରାମକୁ ଯାଇଥିଲେ । ସନ୍ଧ୍ୟା ସମୟରେ ଫେରୁଥିବା ସମୟରେ ହଠାତ୍ ଦନ୍ତାହାତୀ ଦେଖି ବାଇକ୍ ବୁଲାଇ ପୁଣି ଫେରୁଥିଲେ। ମାତ୍ର ଈଶ୍ୱର ଜୀବନ ବିକଳରେ ବାଇକରୁ ଓହ୍ଲାଇ ପଡ଼ିଥିଲେ। ବାଇକ୍ ବୁଲାଇବା ପରେ ବାଇକ୍ ଆଉ ବସି ପାରି ନଥିଲେ। ପୁଅ ହେମନ୍ତ ବାଇକ୍ ନେଇ କିଛି ବାଟ ପଳେଇବା ପରେ ବାପା ଈଶ୍ୱରଙ୍କୁ ଦଳି ଦେଇଥିଲାପୁଅ ଆଗରେ ବାପକୁ ଦନ୍ତାହାତୀ ଦଳି ଦେଇଥିଲା। ଖବର ପାଇ ବନବିଭାଗ ଓ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାରମ୍ବାର ହାତୀ ଆକ୍ରମଣରେ ମୃତ୍ୟୁ ହେଉଥିବା ଘଟଣା ଯୋଗୁଁ ଲୋକେ ଅତିଷ୍ଠ ହୋଇ ସାରିଲେଣି। ତୁରନ୍ତ ହାତୀଙ୍କୁ ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଖଟଖଟିଆ ବଣିକ ସଂଘରେ ସିପୁନ ସଭାପତି ଓ ନିମାଇଁ ସମ୍ପାଦକ

କନ୍ଧମାଳ,(ସବ୍ୟୁ): ଖଟଖଟିଆ କଲ୍ୟାଣ ମଣ୍ଡପ ଠାରେ ବଣିକ ସଂଘର ଜଗମୋହନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ବୈଠକରେ ସଂଘର ସଭାପତି ଭାବେ ସିପୁନ କୁମାର ପାଢ଼ୀ,ଉପସଭାପତି ଅଜିତ କୁମାର ବସ୍ତିଆ, ନିମାଇଁ ପାତ୍ର ସମ୍ପାଦକ, ଜିତେନ୍ଦ୍ର ବାରିକ ସହ ସମ୍ପାଦକ ଓ କୋଷାଧକ୍ଷ ସୁନନ୍ଦ ଦାଶ ମନୋନୀତ ହୋଇଛନ୍ତି । ବିଶ୍ୱଜିତ ବସ୍ତିଆ, ନାରାୟଣ ସାହୁ (ବୁଲୁ),ଜଗମୋହନ ନନ୍ଦ, ବିଶ୍ୱନାଥ ମହାପାତ୍ର ଦୌଲଥ ସାହୁ, ବିନୋଦ ନାୟକ, କୁଳମଣି ସାମରଥ ଆଦି ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି ।

## ସାଂସଦ ଓ ବିଧାୟକ ରାଜ୍ୟ ଗ୍ରାହକ ସୁରକ୍ଷା ପରିଷଦ ସଦସ୍ୟ ମନୋନୀତ

କନ୍ଧମାଳ,(ସବ୍ୟୁ): କନ୍ଧମାଳ ଲୋକସଭା ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ କନ୍ଧମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗଙ୍କୁ ଓଡ଼ିଶା ରାଜ୍ୟ ଗ୍ରାହକ ସୁରକ୍ଷା ପରିଷଦର ସଦସ୍ୟ ଭାବେ ମନୋନୀତ କରିଥିବାରୁ କନ୍ଧମାଳ ନିର୍ବାଚନ ମଣ୍ଡଳୀର ଭାଜପା କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ କୃତଜ୍ଞତା ଓ ଶୁଭେଚ୍ଛା ଜଣାଇଛନ୍ତି ।

## ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ ନକ ଆଉଟ୍ ଫୁଟବଲ

ବରଗଡ଼,(ସବ୍ୟୁ) : ବରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ସୋହେଲା ଦଳକୁ ନାଗେନପାଲି ଦଳ ପରାଜିତ କରିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ନାଗେନ ପାଲି ଦଳ ଆକ୍ରମଣାତ୍ମକ ଖେଳ ଜାରି ରଖି ମ୍ୟାଚକୁ ୨-୦ ଗୋଲରେ ଜିତି ନେଇଥିଲା । ଦଳ ପକ୍ଷରୁ ଅଜୟ ପୋଢ଼ ଦୁଇଟି ଯାକ ଗୋଲ ଦେଇଥିଲେ। ମ୍ୟାଚକୁ ଦିପେଶ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅଜୟ ପ୍ରଧାନ, ବଣ୍ଟି ପ୍ରଧାନ ସହଯୋଗ କରିଥଲେ। ଚତୁର୍ଥ ରେଫରି ଥିଲେ ଶଙ୍କର୍ଷଣ ପ୍ରଧାନ। ମ୍ୟାଚ ପରେ ନାଗେନ୍ପାଲି ଦଳର ସଞ୍ଜୟ ବାରିକଙ୍କୁ ଧନପତି ପାତ୍ର ,ପରମାନନ୍ଦ ବନଛୋର ଅତିଥି ଭାବରେ ଯୋଗଦେଇ ପୁରସ୍କୃତ କରିଥିଲେ ।

## ଧରମବନ୍ଧା-ଗୋଧସ ରାସ୍ତା ଶୋଚନୀୟ, ମରାମତି ଦାବି




ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ସଦର ବ୍ଲକ ଧରମବନ୍ଧାରୁ ଗୋଧସ ଜଳ ପ୍ରପାତ ପର୍ଯ୍ୟନ୍ତ ରାସ୍ତା ଅତି ଜରାଜୀର୍ଣ୍ଣ ହୋଇପଡ଼ିଛି। ଫଳରେ ଏହି ରାସ୍ତାରେ ବସ ଚଳାଚଳ ବନ୍ଦ ରହିଛି। ଏହାର ପ୍ରତିବାଦରେ ଭରୁଆମୁଣ୍ଡା ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ନୂଆପଡ଼ା ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଗୋଧସ ଜଳ ପ୍ରପାତ ପ୍ରସିଦ୍ଧ । ଏଠାକୁ ବର୍ଷ ତମାମ ଜିଲ୍ଲା ତଥା ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ପର୍ଯ୍ୟଟକଙ୍କ ଗାଡି ମଟରପ୍ରବଳ ଯାତାୟାତ କରିଥାଏ। ଏହି ମାଟି ମୋରମ ରାସ୍ତାରେ ପ୍ରତିଦିନ ଭରୁଆମୁଣ୍ଡା ପଞ୍ଚାୟତବାସୀ ଧରମବନ୍ଧା, ସାରାବଙ୍ଗ ଓ ନୂଆପଡ଼ା ସହରକୁ ଯାତାୟାତ କରୁଛନ୍ତି । ଏହି ଜରାଜୀର୍ଣ୍ଣ ରାସ୍ତାରେ ପର୍ଯ୍ୟଟକମାନେ ପ୍ରତିଦିନ ଗାଡ଼ିମଟରରେ ଯାତାୟାତ କରି ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛିଦିନ ହେବ ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ତୁହାକୁ ତୁହା ଲାଗିରହିଛି।

ଧରମବନ୍ଧାରୁ ଗୋଧସ ଜଳପ୍ରପାତ ରାସ୍ତା କାଦୁଅ ପଚପଚ ହୋଇଛିପଡ଼ିଛି, ଯାତାୟାତ କରିବା ପାଇଁ ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି । ଗତ ଦୁଇମାସ ହେବ ରାସ୍ତା ଖରାପ ହେତୁ ଭରୁଆମୁଣ୍ଡା ପଞ୍ଚାୟତ ମୁଖ୍ୟାଳୟକୁ ସରକାରୀ ବସ ସେବ ବନ୍ଦ ହୋଇଛି। ଫଳରେ ଲୋକେ ଜିଲ୍ଲା ମୁଖ୍ୟାଳୟକୁ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅବଗତ କରିଥିଲେ ବି କେହି ଶୁଣୁ ନଥିବା ଅଭିଯୋଗ କରିଛନ୍ତି। ଶନିବାର ମଧ୍ୟାହ୍ନରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ଭରୁଆମୁଣ୍ଡା ପଞ୍ଚାୟତର ଲୋକେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳ ଅଫିସ ସମ୍ମୁଖରେ ଲୋକେ ଧାରଣରେ ବସି ଜିଲ୍ଲା ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ଉପରୋକ୍ତ ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ଆନ୍ଦୋଳନକାରୀଙ୍କୁ ଡାକି ରାସ୍ତା ଅବସ୍ଥା ଉପରେ ଆଲୋଚନା କରିଥିଲେ । ଶିଘ୍ର ଭରୁଆମୁଣ୍ଡାକୁ ସରକାରୀ ବସ୍ ଚଳାଚଳ କରିବାକୁ ଓଏସଆରଟିସି ଡିଏମଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବନ୍ୟପ୍ରାଣୀ ଏସିଏଫ୍ ଅଜୟ ଖେସଙ୍କୁ ଡାକି ରାସ୍ତା ନିର୍ମାଣ କରିବା ସହ ଅସ୍ଥାୟୀ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ଏସିଏଫ୍ ଶ୍ରୀ ଖେସଙ୍କ ନେତୃତ୍ୱରେ ଏକ ଟିମ୍ ଆନ୍ଦୋଳନକାରୀଙ୍କ ଉପସ୍ଥିତିରେ ଧରମବନ୍ଧାରୁ ଗୋଧସ ରାସ୍ତା ପରିଦର୍ଶନ କରିଥିଲେ। ଶିଘ୍ର ରାସ୍ତାକୁ ଅସ୍ଥାୟୀ ମରାମତି କରିବା ସହ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ତୁରନ୍ତ ରାସ୍ତାର ଅସ୍ଥାୟୀ ମରାମିତି କରିବା ସହ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ପବନ ମାଝି, ସୁରେନ ଦେବାଙ୍ଗନ, କାନ୍ତି ଲାଲ ସାହୁ,ନିଶା ଦେବାଙ୍ଗନ, ହେମସିଂ ମାଝି, ସନ୍ତରାମ ମାଝି, ଯୁବରାଜସିଂ ମାଝି, ସୋହନ ମାଝି ପ୍ରମୁଖ ଦାବି କରିଛନ୍ତି।

## ପୂର୍ଣ୍ଣଚନ୍ଦ୍ର ମାଝୀ ସ୍ମାରକୀ ଫୁଟବଲ : ରାଜାପଡା ଦଳ ଚାମ୍ପିଅନ

ନର୍ଲା,(ସବ୍ୟୁ): ନର୍ଲା ଡଙ୍ଗରତଳ ପଡା ଫୁଟବଲ ଟିମ୍ ଓ ମାଆ ମଉଳି କ୍ଲବ ପକ୍ଷରୁ ତୃତୀୟ ପୂର୍ଣ୍ଣଚନ୍ଦ୍ର ମାଝୀ ସ୍ମାରକୀ ଏକଦିବସୀୟ ଫୁଟବଲ ପ୍ରତିଯୋଗୀତା ନର୍ଲାର ଡଙ୍ଗର ତଳ ପଡା ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଛା ବଛା ୮ଟି ଦଳ ଅଂଶ ଗ୍ରହଣ କରିଥଲେ । ଅବସରପ୍ରାପ୍ତ ଶିକ୍ଷକ ସରୋଜ ଚାନ୍ଦ ଖେଳ ଉଦଘାଟନ କରିଥିବା ବେଳେ ନିରନ ମାଝୀ ସହଯୋଗ କରିଥିଲେ। ଟକର୍ଲାକୁ ହରାଇ ନର୍ଲା ଫୁଟବଲ୍ ଟିମ୍ ଓ ଡଙ୍ଗର ତଳ ପଡାକୁ ହରାଇ ରାଜାପଡା ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ । ଉଭୟଙ୍କ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ । ତେଣୁ ଟ୍ରାଇବେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ରାଜାପଡା ଦଳ ନର୍ଲାକୁ ୩-୨ ଗୋଲରେ ପରାସ୍ତ କରି ଦ୍ୱିତୀୟ ଥର ପାଇଁ ଚାମ୍ପିଅନ ହୋଇଥିଲା।

ଫାଇନାଲ ଖେଳରେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି (ମୁନା) ମୁଖ୍ୟ ଅତିଥି , ସମ୍ମାନୀତ ଅତିଥି ସର୍ଗିଗୁଡ଼ା ସମିତି ସଭ୍ୟ ଚିରଞ୍ଜିବୀ ଗୌଡ଼ିଆ, ଘଣ୍ଟମାଲ ସରପଞ୍ଚ ଦେବେନ୍ଦ୍ର ସା, ଶାନ୍ତପୁର ସମିତି ସଭ୍ୟ ଜୟ ମେହେର ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ ଡଙ୍ଗର ତଳ ପଡା ଫୁଟବଲ ପଡ଼ିଆର



ଉନ୍ନତୀ ପାଇଁ ବ୍ଲକ୍ ତରଫରୁ ଦଶ ଲକ୍ଷ ଟଙ୍କା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଉଭୟ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ରେଫରି ଭାବରେ ମୁଖ୍ୟମନ୍ତ୍ରୀ କ୍ରୀଡା ଶିକ୍ଷକ ପୁରସ୍କାର ପାଇଥିବା ସନ୍ତୋଷା ନନ୍ଦ ନାଏକ , ସୁରେଶ ନାଏକ, ବିନୋଦ ହେର୍ଣ୍ଣା, ସରୋଜ ପଧାନ, ମୁକୁନ୍ଦ ନାଏକ ପ୍ରଭୃତି ଖେଳ ପରିଚାଳନା କରିଥିବାବେଳେ ବରିଷ୍ଠ କ୍ରୀଡା ଶିକ୍ଷକ ନାରାୟଣ ପଧାନ୍ ମ୍ୟାଚ ରେଫାରୀ ଥିଲେ। ପ୍ରତିଯୋଗୀତାର ମୁଖ୍ୟ ଆକର୍ଷଣ ଥିଲେ କଳାହାଣ୍ଡି ଜିଲ୍ଲାର ସୁନାମଧନ୍ୟ କ୍ରୀଡା ଉଦ୍‌ଘୋଷକ ଶଶିକାନ୍ତ ମାଝୀ । ସେ ହିନ୍ଦି, ଇଂରାଜୀ, ଓଡ଼ିଆ, କଳାହାଣ୍ଡିଆ ଓ କନ୍ଧ ଭାଷାରେ ତୁହାକୁତୁହା ଧାରାବିବରଣୀ ପ୍ରଦାନ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ। ପ୍ରତିଯୋଗୀତାର ସମସ୍ତ ସହଯୋଗ କରିଥିଲେ ତ୍ରିଲୋଚନ ଗୌଡିଆ, କିଶୋର ମାଝୀ, ଲକ୍ଷ୍ମଣ ମାଝୀ, ମାଆ ମଉଳି କ୍ଲବ ସଭାପତି ଘାସିରାମ ସାହୁ , ସନ୍ତୋଷ ମାଝୀ, ସୁଦାମ ବେମାଲ, ସୁରେଶ ମାଝୀ ଓ ପ୍ରିୟବ୍ରତ ଚାନ୍ଦ ପ୍ରମୁଖ ।

(ଶ୍ରୀମଭଗବଦ୍ ଗୀତା ୧୮/୫୬)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ )

**ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍ବ୍ୟପାଶ୍ରୟଃ ।**
**ମତ୍ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ।। ୫୬ ।।**

(ସ୍ୱକର୍ମ୍ମଭିଃ ପରମେଶ୍ୱରାରାଧନାତ୍ ଉକ୍ତଂ ମୋକ୍ଷପ୍ରକାରଂ ଉପସଂହରତି)- ସଦା ସର୍ବାଣି (ନିତ୍ୟାନି ନୈମିତ୍ତିକାନି କାମ୍ୟାନି ଚ) କର୍ମ୍ମାଣି (ପୂର୍ବୋକ୍ତ କ୍ରମେଣ) କୁର୍ବାଣଃ ଅପି ମଦ୍ବ୍ୟପାଶ୍ରୟଃ (ମତ୍ପରାୟଣଃ) ମତ୍ପ୍ରସାଦାଦ୍ ଶାଶ୍ୱତଂ (ଅନାଦି) ଅବ୍ୟୟଂ (ନିତ୍ୟଂ ସର୍ବୋତ୍କୃଷ୍ଟଂ) ପଦଂ ଅବାପ୍ନୋତି ( ପ୍ରାପ୍ନୋତି) ।। ୫୬।।

# ଅଶାନ୍ତ କଟକରେ ସଦ୍‌ଭାବ ଫେରି ଆସୁ

ସହସ୍ରାଧିକ ବର୍ଷର ସହର ତଥା ଓଡ଼ିଶାର ପୁରାତନ ରାଜଧାନୀ, ଐତିହାସିକ କଟକ ସହରରେ ବିଭିନ୍ନ ଲୋକଙ୍କ ମଧ୍ୟରେ ଗୁଜବ ଓ ମିଥ୍ୟା ପ୍ରଚାରକୁ କେନ୍ଦ୍ର କରି ଅସ୍ୱାଭାବିକ ଓ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ପ୍ରକୃତରେ ଦୁର୍ଭାଗ୍ୟଜନକ । କଟକ ମହାନଗର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ଗତ ୬ ଅକ୍ଟୋବର (୨୦୨୫)ରେ 'କଟକ ବନ୍ଦ' ପାଇଁ ଡାକରା ଦେଇଥିଲେ । ଗତ ଦୁର୍ଗା ମେଢ଼ ଭସାଣୀ ଉତ୍ସବ ଚାଲିଥିଲା ବେଳେ ଦୁର୍ଗା ପ୍ରତିମା ଓ ଶୋଭାଯାତ୍ରାକାରୀଙ୍କ ଉପରେ ଢେଲା ପଥର ଓ ମାରଣାସ୍ତ୍ରଦ୍ୱାରା କେତେକ ଅସାମାଜିକ ବ୍ୟକ୍ତି ଆକ୍ରମଣ କରିଥିବା ଘଟଣା ଉପରେ ବିଶ୍ୱ ହିନ୍ଦୁ ପରିଷଦ ଅଭିଯୋଗ କରିବା ସହିତ ଗୁରୁତର ଭାବେ ଆହତ ହୋଇଥିବା ନୀରିହ ଲୋକଙ୍କ ସମେତ ଜଣେ ଡିସିପି ଓ ଅନ୍ୟ କେତେକ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି ବୋଲି ଏକ ବିବୃତିରେ ସେମାନେ ପ୍ରକାଶ କରିଛନ୍ତି । ସେହି ଅସାମାଜିକ ବ୍ୟକ୍ତିଙ୍କୁ ବିଶ୍ୱ ହିନ୍ଦୁ ପରିଷଦ ବିଧର୍ମୀ ବୋଲି କହିଛି । କଟକର ଭାଗବତ କମିଟି ଝାଞ୍ଜିରିମଙ୍ଗଳା ତଥା ରାଉସାପାଟଣା ମେଢ଼ ଉପରେ ଏପରି ଆକ୍ରମଣ ହୋଇଥିବା ଓ କେତେଜଣ ଆହତ ହୋଇଥିବା ଘଟଣାରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରତିକ୍ରିୟା ପ୍ରକାଶ କରିଛି । କିନ୍ତୁ ଭାଇଚାରାର ସହର କଟକରେ ଯେଉଁଠି ବିଭିନ୍ନ ସଂପ୍ରଦାୟର ମିଳିତ ସହଯୋଗରେ ଦୁର୍ଗାପୂଜା, କାଳୀ ପୂଜା ଓ ବାଲିଯାତ୍ରା ପ୍ରଭୃତି ଉତ୍ସବ ଶାନ୍ତି ଶୃଙ୍ଖଳାର ସହ କରାଯାଇଥାଏ, ସେଠାରେ ଏ ଅଶାନ୍ତି କାହିଁକି ? ଏପରି ସାଂପ୍ରଦାୟିକ ସଦ୍‌ଭାବ ସେହି ସହରରେ ବିପନ୍ନ ହେବାର କାରଣ କ'ଣ ?

ଅସାମାଜିକ ବ୍ୟକ୍ତିମାନେ ସବୁବେଳେ ବିଭିନ୍ନ ପରିସ୍ଥିତିରେ ଫାଇଦା ଉଠାଇ ଗଣ୍ଡଗୋଳ ଭିଆଇଥା'ନ୍ତି । କଟକରେ ମଧ୍ୟ ସେପରି ହୋଇଥାଏ । ତାହାର କାରଣକୁ ବିଶ୍ଳେଷଣ କଲେ ଜଣା ଯାଇଥାଏ ଯେ ତାହା ସାମାଜିକ ନୁହେଁ, ରାଜନୀତିକ । ଅତୀତରେ ଭି.ପି. ସିଂ ପ୍ରଧାନମନ୍ତ୍ରୀ ଥିଲା ବେଳେ ମଣ୍ଡଳ କମିଶନ- ସୁପାରିଶ କରିବା ପରେ ଦେଶ ବ୍ୟାପି ହିଂସାକାଣ୍ଡ ଓ ଛାତ୍ର ଆନ୍ଦୋଳନ ତେଜି ଉଠିଥିଲା । ସାରା ଦେଶରେ ପ୍ରାୟ ୨୦୦ରୁ ଅଧିକ ଛାତ୍ର ଆତ୍ମାହୁତି ଦେଇଥିଲେ ଓ ପ୍ରାୟ ୬୨ ଜଣ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚିକିତ୍ସାଧୀନ ଥିଲେ । ୧୯୯୦ ମସିହା ସେପ୍ଟେମ୍ବର ମାସରେ ଏହି ଗଣ୍ଡଗୋଳକୁ ଲକ୍ଷ୍ୟ କରି କଟକରେ ମଧ୍ୟ ଲାଗ ଲାଗ କର୍ଫ୍ୟୁ ଜାରି କରାଯାଇଥିଲା । ଭାରତ ସରକାର ପଛୁଆ ବର୍ଗଙ୍କ ଲାଗି ମଣ୍ଡଳ କମିଶନ ସୁପାରିଶରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସଂସଦରେ ପ୍ରଧାନମନ୍ତ୍ରୀ ଭି.ପି. ସିଂ ୧୯୯୦ ମସିହା ଅଗଷ୍ଟ ୭ ତାରିଖରେ ଘୋଷଣା କରିବାରୁ ସାରା ଦେଶରେ ଓ ଓଡ଼ିଶାରେ ଏହି ପରି ପରିସ୍ଥିତି ଉପୁଜି ଥିଲା । ସେପରି ପରିସ୍ଥିତି ବେଳେ ମଧ କଟକରେ ଅସ୍ୱାଭାବିକ ପରିସ୍ଥିତି ପ୍ରାୟ ଉପୁଜି ନଥିଲା ।

କଟକରୁ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲେ ମଧ କଟକର ଗୁରୁତ୍ୱ ସେପରି ହ୍ରାସ ପାଇନାହିଁ । ଏବେ ବି 'ଓଡ଼ିଶା ହାଇକୋର୍ଟ' କଟକରେ । ଓଡ଼ିଶାର ସରକାରୀ ବଡ଼ ମେଡିକାଲ କଲେଜ ଓ ହସ୍‌ପିଟାଲ କଟକରେ । ଓଡ଼ିଶା ପୋଲିସର ମୁଖ୍ୟାଳୟ ମଧ କଟକରେ । କଟକର ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନଙ୍କ ସମେତ ଜୈନଧର୍ମୀ ଓ ଅନ୍ୟାନ୍ୟ ସଂଗ୍ରାଦାୟର ଲୋକେ ମିଳିମିଶି ନିଜ ନିଜର ପୂଜା ଓ ଉତ୍ସବ ପାଳନ କରିଥାନ୍ତି । ତେଣୁ ସାମାଜିକ ଗଣମାଧ୍ୟମ ଜରିଆରେ ଅପପ୍ରଚାର ଓ ଗୁଜବ ରଟନା କରି କଟକର ଭାଇଚାରାକୁ ନଷ୍ଟ କରାଯିବା ଅନୁଚିତ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ହଜାର ବର୍ଷର ପୁରାତନ କଟକ ସହର ଯେଉଁଠି ଭାଇଚାରା ଅନନ୍ୟ ନିଦର୍ଶନ ହୋଇ ରହିଛି, ସେଠାରେ କେତେଜଣ ବିଶୃଙ୍ଖଳା ଭିଆଇ ଶାନ୍ତିଭଙ୍ଗ ପାଇଁ ଉଦ୍ୟମ କରୁଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘ ଏଗାର ବର୍ଷର ଶାସନ କାଳ ମଧରେ କେବେ ସାଂପ୍ରଦାୟିକ ଦଙ୍ଗା ମୁଣ୍ଡ ଟେକି ନାହିଁ । ତେଣୁ କଟକରେ ରାଜ୍ୟ ସରକାରଙ୍କୁ ଅଯଥା ବଦନାମ କରିବାକୁ ଏପରି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇ ଥାଇପାରେ । କେହି କେହି ଏପରି ପରିସ୍ଥିତି ପାଇଁ କେତେକ ରାଜନୀତିକ ଦଳଙ୍କୁ ମଧ ଦାୟୀ କରୁଛନ୍ତି । ମାତ୍ର ସେ ଦିଗରେ ମଧ ତଦନ୍ତ କରାଯିବା ଆବଶ୍ୟକ । ଅପରପକ୍ଷରେ ଶାନ୍ତି କମିଟିକୁ ମଧ ରାଜ୍ୟ ସରକାର ଗୁରୁତ୍ୱ ଦେବା ଦରକାର । ବଛା ବଛା ବରିଷ୍ଠ ନାଗରିକଙ୍କୁ ନେଇ ପୋଲିସ ବୈଠକ କରିବା ଆବଶ୍ୟକ । କଟକର ମୁରବୀମାନେ ଶାନ୍ତିରକ୍ଷା ଦିଗରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି । ସେମାନଙ୍କୁ ସରକାର ଧ୍ୟାନ ଦେଇ ଶୁଣିବା ମଧ ଦରକାର । ମା' କଟକଚଣ୍ଡୀଙ୍କ ଆଶୀର୍ବାଦରୁ କଟକରେ ଶାନ୍ତି ଓ ସଦ୍‌ଭାବ ଫେରି ଆସୁ । ଏହା ହିଁ ତାଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରନ୍ତୁ ।


## ଗୁରୁଦେବ

**ହେ ମୋର ପୂଜ୍ୟ ଗୁରୁଦେବ ! ତୁମେ ନଭୋମଣ୍ଡଳରେ ଦୀପ୍ତିମନ୍ତ ସୂର୍ଯ୍ୟ, ମୁଁ ତାହାର ଆଲୋକ । ତୁମେ ମୋ ପାଇଁ ହିମାଳୟରୁ ପ୍ରବାହିତ ପବିତ୍ର ଗଙ୍ଗା, ମୁଁ ତାହାର ସ୍ୱଚ୍ଛ ଧାରା । ତୁମେ ଦିଗନ୍ତବିସ୍ତରୀ ପ୍ରକୃତି, ମୁଁ ତାହାର ସୌନ୍ଦର୍ଯ୍ୟ । ହେ ମୋର ଗୁରୁଦେବ ! ମୁ ତୁମର ଶ୍ରୀଚରଣରେ ନତମସ୍ତକ ହେଉଅଛି, ତୁମେ ତୁମ ଚରଣ କମଳ ତଳେ ମୋତେ ସର୍ବଦା ରଖିଥାଅ ଓ ସଦା କୃପାବାରି ମୋ ଉପରେ ବର୍ଷା କରୁଥାଅ ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ସ୍ଥାୟୀ ପର୍ଯ୍ୟଟନର ସହଭାଗୀ ସମୃଦ୍ଧି



**ଗଜେନ୍ଦ୍ର ସିଂହ ଶେଖାୱତ**
**ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ, ଭାରତ ସରକାର**

ପର୍ଯ୍ୟଟନ କହିଲେ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଭ୍ରମଣ କରିବାକୁ ବୁଝାଏ ନାହିଁ, ଏହା ଏଭଳି ଏକ ସେତୁ ଯାହା ଲୋକମାନଙ୍କୁ ପରସ୍ପର ସହିତ ସଂଯୋଗ କରିଥାଏ । ଏହା ନିଯୁକ୍ତିର ଉତ୍ସ ଏବଂ ବିଶ୍ୱ ନିକଟରେ ଆମର ସଂସ୍କୃତି ଓ ଐତିହ୍ୟକୁ ପ୍ରଦର୍ଶନ କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି କୁହାଯାଇପାରେ । ପର୍ଯ୍ୟଟନ ଏବଂ ସ୍ଥାୟୀ ପରିବର୍ତ୍ତନ ପାଇଁ ଉତ୍ସର୍ଗୀକୃତ ଏହି ବିଶ୍ୱ ପର୍ଯ୍ୟଟନ ଦିବସରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ପର୍ଯ୍ୟଟନ ଯାତ୍ରାକୁ କିପରି ପୁନଃଆକୃତି ଦିଆଯାଇଛି ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ । ଯାହା ଏକଦା ଏକ ଋତୁକାଳୀନ ଏବଂ ଖଣ୍ଡିତ କ୍ଷେତ୍ର ଭାବରେ ପରିଚିତ ଥିଲା, ତାହା ବର୍ତ୍ତମାନ ଯୋଜନାବଦ୍ଧ ଭାବରେ, ସମାବେଶୀ ଓ ନିରନ୍ତର ଜାତୀୟ ବିକାଶର ଏକ ପ୍ରମୁଖ ସାଧନରେ ପରିଣତ ହୋଇଛି ।

ଏହି ପରିବର୍ତ୍ତନକୁ ଆମେ କେବଳ କାଳ୍ପନିକ ବୋଲି ଭାବିବା ଉଚିତ ନୁହେଁ ବରଂ ଲୋକମାନଙ୍କ ଜୀବନରେ ଏହାର ପ୍ରଭାବ କେତେ ମାତ୍ରାରେ ପ୍ରତିଫଳିତ ହୋଇଛି ତାହା ଦୃଶ୍ୟମାନ । **ଚଳିତ ବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ଭାରତକୁ ଆଗମନ କରିଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୧୬ ଲକ୍ଷ ୫୦ ହଜାର ଛୁଇଁଛି । ସେହିଭଳି ବିଦେଶକୁ ଯାତ୍ରା କରୁଥିବା ଭାରତୀୟଙ୍କ ସଂଖ୍ୟା ୮୪ ଲକ୍ଷ ୪୦ ହଜାର ଛୁଇଁ, ପର୍ଯ୍ୟଟନ କ୍ଷେତ୍ରରୁ ବିଦେଶୀ ମୁଦ୍ରା ଉପାର୍ଜନ ୫୧,୫୩୨ କୋଟିରେ ପହଞ୍ଚିଛି । କେବଳ ୨୦୨୩-୨୪ ମସିହାରେ ଏହି କ୍ଷେତ୍ର ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)କୁ ୧୫.୭୩ ଲକ୍ଷ କୋଟି ଟଙ୍କାର ଯୋଗଦାନ କରିବ, ଯାହାକି ଅର୍ଥନୀତିର ପାଞ୍ଚ ପ୍ରତିଶତରୁ ଅଧିକ ବୋଲି ବିବେଚନା କରାଯାଇପାରେ ଏବଂ ଏହା ୮୪ ନିୟୁତରୁ ଅଧିକ ଲୋକଙ୍କ ନିଯୁକ୍ତିକୁ ସମର୍ଥନ ଯୋଗାଇବ । ଏଭଳି ବିପୁଳ ମାତ୍ରାର ପର୍ଯ୍ୟଟକଙ୍କ ଆଗମନ ଯୋଗୁଁ ଦେଶର କାରିଗରମାନଙ୍କ ନିମନ୍ତେ ନୂଆ ନୂଆ ବଜାରମାନ ଖୋଲିବ, ସେମାନଙ୍କ ପରିବାରର ସଦସ୍ୟମାନେ ଆର୍ଥିକ ସ୍ୱଚ୍ଛଳତା ଯୋଗୁଁ ନିଜ ଘରେ ଅବସ୍ଥାନ କରିବା ଏବଂ ଗାଇଡ, ଡ୍ରାଇଭର ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ନିମନ୍ତେ ଏକ ସ୍ଥିର କାର୍ଯ୍ୟ ଓ ଚାହିଦା ମଧ୍ୟ ସୃଷ୍ଟି ହୋଇପାରିବ ।**

ଏଭଳି ପ୍ରଗତିର କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ବିଶ୍ୱାସ ଯେ, ପର୍ଯ୍ୟଟନକୁ ଜାତୀୟ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ, ଏହାକୁ ଏକ ପାର୍ଶ୍ୱବର୍ତ୍ତୀ କାର୍ଯ୍ୟ ଭାବରେ ବିବେଚନା କରାଯାଇ ପାରିବ ନାହିଁ । ଦେଶରେ ସ୍ଥାପନ କରାଯାଉଥିବା ନୂଆ ନୂଆ ବିମାନ ବନ୍ଦର, ଏକ ଅତ୍ୟାଧୁନିକ ରେଳ ନେଟୱାର୍କ, ନବନିର୍ମିତ ରାଜପଥ ଏବଂ ଆଭ୍ୟନ୍ତରୀଣ ଜଳପଥ ମାଧ୍ୟମରେ ଭିତ୍ତିଭୂମି କ୍ଷେତ୍ର ଏବଂ ସଂଯୋଗୀକରଣକୁ ପର୍ଯ୍ୟାପ୍ତ ମାତ୍ରାରେ ବିକାଶ କରାଯାଇଛି । 'ଉଡାନ ଯୋଜନା' ମାଧ୍ୟମରେ ବିମାନ ଯାତ୍ରାକୁ ଦେଶର ଛୋଟ ଛୋଟ ସହରମାନଙ୍କ ନିକଟରେ ମଧ୍ୟ ପହଞ୍ଚାଯାଇଛି । ଐତିହ୍ୟ ସ୍ଥଳୀ ଏବଂ ତୀର୍ଥସ୍ଥାନ ସହିତ ଉନ୍ନତ ସଂଯୋଗୀକରଣ ଦୂରତା ଅଥବା ଅର୍ଥ ଯୋଗୁଁ ପୂର୍ବରୁ ପର୍ଯ୍ୟଟନରୁ ବଞ୍ଚିତ ହୋଇଥିବା ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ ବର୍ତ୍ତମାନ ଏପରି ଯାତ୍ରାକୁ ସମ୍ଭବ କରିଛି । ପର୍ଯ୍ୟଟନ କେବଳ ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଏକ ବିଳାସର କାର୍ଯ୍ୟ ନୁହେଁ, ଏହା ସନ୍ତୁଳିତ କ୍ଷେତ୍ରୀୟ ବିକାଶ ନିମନ୍ତେ ମଧ୍ୟ ଏକ ବାହକର ଭୂମିକା ନିର୍ବାହ କରୁଛି ।

ଏହି ଦୃଷ୍ଟିକୋଣ ଦ୍ୱାରା ଗନ୍ତବ୍ୟସ୍ଥଳ ବିକାଶ ମଧ୍ୟ ପରିଚାଳିତ ହୋଇଛି । ସ୍ୱଦେଶ ଦର୍ଶନ ୨.୦ ଏବଂ ପ୍ରସାଦ ଭଳି କାର୍ଯ୍ୟକ୍ରମ ସ୍ଥାୟୀତ୍ୱ ଏବଂ ସାଂସ୍କୃତିକ ଅଖଣ୍ଡତାକୁ ସେମାନଙ୍କର ମୂଳରେ ସ୍ଥାନିତ କରେ । ଗନ୍ତବ୍ୟସ୍ଥଳ ପରିଚାଳନା ସଂଗଠନର ପ୍ରଚଳନ ସରକାର, ଘରୋଇ କ୍ଷେତ୍ର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଏକତ୍ର କରିଛି ଯାହା ଦ୍ୱାରା ସମ୍ବଳର ଦକ୍ଷ ବ୍ୟବହାର ଏବଂ ଲାଭ ପାଇଁ ସମାନ ପ୍ରବେଶ ସୁନିଶ୍ଚିତ ହୋଇପାରିବ ।

**'ଉଡାନ ଯୋଜନା' ମାଧ୍ୟମରେ ବିମାନ ଯାତ୍ରାକୁ ଦେଶର ଛୋଟ ଛୋଟ ସହରମାନଙ୍କ ନିକଟରେ ମଧ୍ୟ ପହଞ୍ଚାଯାଇଛି । ଐତିହ୍ୟ ସ୍ଥଳୀ ଏବଂ ତୀର୍ଥସ୍ଥାନ ସହିତ ଉନ୍ନତ ସଂଯୋଗୀକରଣ ଦୂରତା ଅଥବା ଅର୍ଥ ଯୋଗୁଁ ପୂର୍ବରୁ ପର୍ଯ୍ୟଟନରୁ ବଞ୍ଚିତ ହୋଇଥିବା ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ ବର୍ତ୍ତମାନ ଏପରି ଯାତ୍ରାକୁ ସମ୍ଭବ କରିଛି । ପର୍ଯ୍ୟଟନ କେବଳ ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଏକ ବିଳାସର କାର୍ଯ୍ୟ ନୁହେଁ, ଏହା ସନ୍ତୁଳିତ କ୍ଷେତ୍ରୀୟ ବିକାଶ ନିମନ୍ତେ ମଧ୍ୟ ଏକ ବାହକର ଭୂମିକା ନିର୍ବାହ କରୁଛି ।**

ପ୍ରଧାନମନ୍ତ୍ରୀ, ବିଶ୍ୱ ସମ୍ମୁଖରେ ଭାରତ ନିଜକୁ କିପରି ଉପସ୍ଥାପନ କରେ ସେହି ପ୍ରସଙ୍ଗରେ ଏକ ନୂତନ ଆଭିମୁଖ୍ୟ ପ୍ରଦାନ କରିଛନ୍ତି । ପୁନଃନିର୍ମିତ ଇନକ୍ରେଡିବଲ ଇଣ୍ଡିଆ ପୋର୍ଟାଲ, ବିଶ୍ୱସ୍ତରୀୟ ଯାତ୍ରା ପ୍ଲାଟଫର୍ମ ସହିତ ସହଭାଗୀତା ଏବଂ ଡିଜିଟାଲ କାହାଣୀ କହିବା ନିମନ୍ତେ ନୂଆ ନୂଆ ପଦ୍ଧତିମାନ କ୍ଷୁଦ୍ରତମ ଅପରେଟରମାନଙ୍କୁ ଯଥା, ଗ୍ରାମୀଣ ଆୟୋଜକ, ପରିବାରରେ ରହଣି ଏବଂ ସାଂସ୍କୃତିକ ଉଦ୍ୟୋଗୀମାନଙ୍କୁ ବିଶ୍ୱସ୍ତରୀୟ ଦର୍ଶକମାନଙ୍କ ନିକଟରେ ପହଞ୍ଚାଇବାର ସୁଯୋଗ ପ୍ରଦାନ କରିଛନ୍ତି । ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ କେବଳ ଏକ ପ୍ରଚାର ସର୍ବସ୍ୱ ସାଧନ ହୋଇ ରହିନାହିଁ ବରଂ ତାହା ତଥ୍ୟ- ପରିଚାଳିତ ବ୍ୟବସ୍ଥା ମାଧ୍ୟମରେ ସମ୍ବେଦନଶୀଳ ସ୍ଥାନମାନଙ୍କୁ ସୁରକ୍ଷିତ ରଖିବାର ଏକ ମାଧ୍ୟମରେ ପରିଣତ ହୋଇଛି ।

ଏହା ସତ୍ତ୍ୱେ, ଏହିସବୁ ପରିବର୍ତ୍ତନର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ସ୍ଥିରତା ରକ୍ଷା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନିଜର ବ୍ୟାପକ ଲାଇଫ୍ ଆନ୍ଦୋଳନ (ପରିବେଶ ପାଇଁ ଜୀବନଶୈଳୀ)କୁ ଆଗକୁ ବାଇଥିଲେ ଯାହା ପର୍ଯ୍ୟଟକମାନଙ୍କୁ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ସହିତ ସଂଯୋଗ କରିଛି । କମ୍ ପ୍ରଭାବଶାଳୀ ଗ୍ରାମୀଣ ଅନୁଭୂତି ଠାରୁ ଆରମ୍ଭ କରି ପରିବେଶଜନିତ ସମ୍ବେଦନଶୀଳ ଭିତ୍ତିଭୂମି ଏବଂ ଦାୟିତ୍ୱପୂର୍ଣ୍ଣ ତୀର୍ଥଯାତ୍ରା ପରିଚାଳନା ପର୍ଯ୍ୟନ୍ତ, ଏଭଳି ଯାତ୍ରାଦ୍ୱାରା ଯେପରି ପ୍ରକୃତି ଓ ପରିବେଶର କିଛି କ୍ଷତି ନଘଟେ ତାହା ସୁନିଶ୍ଚିତ ହୋଇପାରିଛି । ଏହା ପର୍ଯ୍ୟଟନକୁ ବୃଦ୍ଧି କରି ଏକଥା ସୁନିଶ୍ଚିତ କରିବା ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରିଛି ଯେ, ପ୍ରକୃତି ଓ ପର୍ଯ୍ୟଟକ ପରସ୍ପରର ପରିପୂରକ ଏବଂ ସହାୟକ ହୋଇ ରହିପାରିବେ । ଭାରତର ଜି-୨୦ ଅଧ୍ୟକ୍ଷତା ଅବସରରେ ବିଶ୍ୱ ପର୍ଯ୍ୟଟନକୁ ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ଯୋଡ଼ିବା ନିମନ୍ତେ 'ଗୋଆ ରୋଡମ୍ୟାପ୍'କୁ ଆଗକୁ ଆଗେଇ ନିଆଯାଇଥିଲା, ଯାହା ସବୁଜ ଅଭିବୃଦ୍ଧି, ଦକ୍ଷତା ବିକାଶ, ଡିଜିଟାଇଜେସନ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.)ଗୁଡ଼ିକୁ ସମର୍ଥନ ପ୍ରଦାନ ନିମନ୍ତେ ବୈଷୟିକ ଆଲୋଚନାର କେନ୍ଦ୍ରରେ ଉପସ୍ଥାପନ କରିଥିଲା ।

ଅଧିକ ସଂଖ୍ୟକ ଯାତ୍ରୀଙ୍କ ଆଗମନ ଅର୍ଥ ହେଉଛି ହୋଟେଲମାନଙ୍କରେ ଅଧିକ ଅବସ୍ଥାନ ସୁବିଧା ପ୍ରାପ୍ତି, ସ୍ଥାନୀୟ ସେବା ଓ ଆତିଥ୍ୟର ଚାହିଦା ବୃଦ୍ଧି ଏବଂ କାରିଗର ଓ ଉଦ୍ୟୋଗୀମାନଙ୍କ ପାଇଁ ନୂଆ ନୂଆ ସୁଯୋଗ ସୃଷ୍ଟି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହା ଉପରେ ପ୍ରାଧାନ୍ୟ ଦେଇଛନ୍ତି ଯେ, ସୁଲଭତା କେବଳ ଏକ ଆର୍ଥିକ ସାଧନ ନୁହେଁ, ବରଂ ତାହା ଏକ ଗଣତାନ୍ତ୍ରିକ ସିଦ୍ଧାନ୍ତ ମଧ୍ୟ ।

ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଏହି ସଂରଚନାତ୍ମକ ପରିବର୍ତ୍ତନମାନଙ୍କୁ ଆହୁରି ସୁଦୃଢ଼ କରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ୧,୦୦୦ ଟଙ୍କାରୁ ୭,୫୦୦ ଟଙ୍କାର ହୋଟେଲ ରୁମ୍ ଉପରେ ବସ୍ତୁ ଓ ସେବା କର ହାରକୁ ହ୍ରାସ କରି ୫ ପ୍ରତିଶତ କରିବା । ଏହା ଦେଶର ମଧ୍ୟବିତ୍ତ ବର୍ଗର ପର୍ଯ୍ୟଟକ ଓ ଯାତ୍ରୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ଏକ ସୁଚିନ୍ତିତ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ । ଏହିସବୁ ତୀର୍ଥଯାତ୍ରୀ, ପର୍ଯ୍ୟଟକମାନେ ସପ୍ତାହାନ୍ତ ଯାତ୍ରା ଏବଂ ଗ୍ରାମାଞ୍ଚଳରେ ଅବସ୍ଥାନ ପାଇଁ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସମର୍ଥନ ଯୋଗାଏ । ଏହା ସତ୍ୟ ଯେ, ଇନପୁଟ୍ ଟିକସ କ୍ରେଡିଟ୍ ପ୍ରତ୍ୟାହାର ଉପରେ ବର୍ତ୍ତମାନ ବିତର୍କ ଜାରି ରହିଛି ଏବଂ ଏହାର ବ୍ୟାପକ ପ୍ରଭାବ ସ୍ପଷ୍ଟ । ସୁଲଭତା ଅଧିକ ସଂଖ୍ୟକ ଲୋକଙ୍କ ନିମନ୍ତେ ପର୍ଯ୍ୟଟନର ଦ୍ୱାର ଉନ୍ମୋଚନ କରିଛି । ଅଧିକ ସଂଖ୍ୟକ ଯାତ୍ରୀଙ୍କ ଆଗମନ ଅର୍ଥ ହୋଟେଲରେ ଅଧିକ ସଂଖ୍ୟକ ଅତିଥିଙ୍କ ଅବସ୍ଥାନ, ସ୍ଥାନୀୟ ସେବାର ଚାହିଦା ବୃଦ୍ଧି ଏବଂ କାରିଗର ଓ ଉଦ୍ୟୋଗୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ଜୋର ଦେଇ କହିଛନ୍ତି ଯେ ସୁଲଭତା କେବଳ ଆର୍ଥିକ ସାଧନ ନୁହେଁ, ବରଂ ଏକ ଗଣତାନ୍ତ୍ରିକ ସିଦ୍ଧାନ୍ତ ଯାହା ଯାତ୍ରାକୁ କିଛି ଲୋକଙ୍କ ପାଇଁ ସୁବିଧା ବଦଳରେ ସମସ୍ତଙ୍କ ପାଇଁ ଅଧିକାରରେ ପରିଣତ କରିଛି ।

ତଥାପି ପ୍ରଧାନମନ୍ତ୍ରୀ ନିୟମିତ ଭାବେ ଆମମାନଙ୍କୁ ସ୍ମରଣ କରାଇ ଆସୁଛନ୍ତି ଯେ, କେବଳ ନୀତି ପ୍ରଣୟନ ହୋଇଗଲେ ତାହା ପର୍ଯ୍ୟାପ୍ତ ହେବନାହିଁ । ବାସ୍ତବ ପରିବର୍ତ୍ତନ ପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ତେଣୁ, ଏହିସବୁ କାର୍ଯ୍ୟକ୍ରମମାନଙ୍କରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ଗାଇଡ ଭାବରେ ପ୍ରଶିକ୍ଷିତ କରାଯିବା ଆବଶ୍ୟକ । ପରିବେଶ ଅନୁକୂଳ ଆତିଥ୍ୟକୁ ମଧ୍ୟ ପ୍ରୋତ୍ସାହିତ କରାଯିବା ଜରୁରୀ । ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବ୍ୟାପକ ବଜାର ପର୍ଯ୍ୟନ୍ତ ପର୍ଯ୍ୟଟକମାନେ କିପରି ପହଞ୍ଚିପାରିବେ, ସେଥିପାଇଁ ସହାୟତା ଯୋଗାଇ ଦିଆଯିବା ବାଞ୍ଛନୀୟ । ଅପରପକ୍ଷରେ ତୀର୍ଥଯାତ୍ରୀ ମାର୍ଗଗୁଡ଼ିକର ପବିତ୍ରତା ରକ୍ଷା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ଏଭଳି ଦୃଷ୍ଟିରୁ ବିଚାର କଲେ ପର୍ଯ୍ୟଟନ ମୁଣ୍ଡ ଉପରେ ଲଦି ଦିଆଯାଇଥିବା ଏକ ପ୍ରସଙ୍ଗ ନୁହେଁ, ବରଂ ସ୍ଥାନୀୟ ଲୋକମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କଲେ ହିଁ ତାହା ଆଗକୁ ବଢ଼ାଯାଇ ପାରିବ । ଏହା ଫଳରେ ସେମାନଙ୍କ ଜୀବନ ଉପରେ ଏହା ସବୁଠାରୁ ଗଭୀର ପ୍ରଭାବ ପକାଇ ପାରିବ ।

ଏବେ ସୁଦ୍ଧା ଏହି ଦିଗରେ ଅନେକ ଆହ୍ୱାନ ରହିଛି । ଭିତ୍ତିଭୂମିର ଅଭାବ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବଂ ଆଧୁନିକ ପିଢ଼ିର ଯାତ୍ରୀମାନଙ୍କ ବର୍ଦ୍ଧିତ ଆଶା ଆକାଂକ୍ଷା ଏଥିରେ ସାମିଲ । କିନ୍ତୁ ଆଜି ଭାରତ ନିକଟରେ ସେସବୁ ସମସ୍ୟାର ସମାଧାନ ନିମନ୍ତେ ଅନେକ ସାଧନ ରହିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ, ଆମେ ଏହିସବୁ ଆହ୍ୱାନଗୁଡ଼ିକର ସମାଧାନ କରିବା ନିମନ୍ତେ ବିଭିନ୍ନ ସଂସ୍ଥା, ଆର୍ଥିକ ମଡେଲ ଓ ପ୍ରଶାସନିକ ବ୍ୟବସ୍ଥାମାନ ପ୍ରସ୍ତୁତ କରିଛୁ ।

ଆଗକୁ ବଢ଼ିବା ପାଇଁ, ତିନୋଟି ପ୍ରାଥମିକତା ଆମକୁ ମାର୍ଗଦର୍ଶନ କରିବ । ଆମକୁ ସ୍ଥାୟୀତ୍ୱକୁ ଆହୁରି ଗଭୀର କରିବାକୁ ପଡିବ, ଏହା ନିଶ୍ଚିତ କରିବାକୁ ପଡିବ ଯେ ବିକାଶ ସର୍ବଦା ପରିବେଶଗତ ଲାଭ ପ୍ରଦାନ କରେ । ଆମକୁ ସେସବୁ ସୁଫଳଗୁଡ଼ିକୁ ଅଧିକ ଗଣତାନ୍ତ୍ରିକ କରିବାକୁ ହେବ, ଅର୍ଥାତ୍ ସ୍ଥାନୀୟ କର୍ମନିଯୁକ୍ତି ସୃଷ୍ଟି କରିବା ଭଳି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଏବଂ ମଧ୍ୟମ ପର୍ଯ୍ୟାୟର ଉଦ୍ୟୋଗଗୁଡ଼ିକରେ ଅଧିକ ପୁଞ୍ଜିନିବେଶ କରିବାକୁ ପଡ଼ିବ । ଏଥି ସହିତ ଆମକୁ ପ୍ରଶାସନ ଓ ଡାଟାକୁ ମଜଭୁତ କରିବାକୁ ହେବ ଯାହା ଫଳରେ ସମ୍ବଳଗୁଡ଼ିକୁ ଅତି ସତର୍କତାର ସହିତ ପରିଚାଳନା କରିବାକୁ ହେବ । ଫଳରେ ସ୍ଥାନୀୟ ସଂପତ୍ତିର ଉପଯୁକ୍ତ ସୁରକ୍ଷା କରାଯାଇପାରିବ ।

ଭାରତର ଅଭିଜ୍ଞତା ପ୍ରମାଣ କରେ ଯେ, ଯେତେବେଳେ ସୁସଂଗତ ନୀତି, ଆର୍ଥିକ ବିବେକ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ସମ୍ପୃକ୍ତି ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଅଧୀନରେ ଏକତ୍ର ହେବେ, ସେତେବେଳେ ବାସ୍ତବ ପରିବର୍ତ୍ତନ ସମ୍ଭବ । ଚଳିତ ବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆସନ୍ତୁ, ଆମେ ଅତି ଦାୟିତ୍ୱବାନ ଭାବରେ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଯାତ୍ରା କରିବା, ସ୍ଥାନୀୟ ନିଯୁକ୍ତିକୁ ସମର୍ଥନ ଯୋଗାଇବା ଏବଂ ପ୍ରତ୍ୟେକ ଯାତ୍ରା କାର୍ଯ୍ୟକ୍ରମରେ ଏକ ବିକଶିତ ଭାରତର ପ୍ରତିଶ୍ରୁତି ପୂରଣକୁ ଆହୁରି ଜୀବନ୍ତ କରିବା । ଉପଯୁକ୍ତ ଭାବରେ ଏକ ପୋଷଣୀୟ ପର୍ଯ୍ୟଟନ କେବଳ ଆମର ଅର୍ଥ ବ୍ୟବସ୍ଥାର ଏକ ସ୍ତମ୍ଭ ହେବନାହିଁ ବରଂ ଭାରତର ସଭ୍ୟତାଗତ ଲୋକ ଆଚରଣ, ଅର୍ଥାତ୍ ମୁକ୍ତ, ସହନଶୀଳତା ଓ ଆତିଥ୍ୟର ଜୀବନ୍ତ ପ୍ରମାଣ ହେବ । ତେଣୁ ଆମକୁ ସତର୍କତା, ସାହସ ଏବଂ ସହଭାଗୀ ଭାବନାର ସହିତ ଆଗକୁ ଅଗ୍ରସର ହୋଇ ଏହାକୁ ଆଗେଇ ନେବାକୁ ପଡିବ ।

*****************

# ଶବ୍ଦ ପ୍ରଦୂଷଣ ନୀରବ ଘାତକ ପାଲଟିଛି



**ସତ୍ୟ ସୁନ୍ଦର ଭଞ୍ଜ**

ଆଧୁନିକ ଯୁଗରେ ପ୍ରଦୂଷଣ ମାନବ ଜୀବନର ସବୁଠାରୁ ଗୁରୁତର ସମସ୍ୟା ସୃଷ୍ଟି କରୁଛି । ପରିବେଶରେ ବାୟୁ, ଜଳ, ମାଟି ସହିତ ଶବ୍ଦ ପ୍ରଦୂଷଣ ମଧ ଦିନକୁ ଦିନ ବଢୁଛି । ଶବ୍ଦ ପ୍ରଦୂଷଣ ମାନେ ଅଧିକ ଶବ୍ଦ ସୃଷ୍ଟି, ଯାହା ମାନବ କାନ ପାଇଁ ଅସହ୍ୟ ଓ କ୍ଲେଶଦାୟକ । ବିଜ୍ଞାନୀମାନଙ୍କ ମତାନୁସାରେ, ୬୦ ଡେସିବେଲ୍ ପର୍ଯ୍ୟନ୍ତ ଶବ୍ଦ ସହନୀୟ, କିନ୍ତୁ ଏହାଠାରୁ ଅଧିକ ଶବ୍ଦ ମାନବ ସ୍ୱାସ୍ଥ୍ୟରେ ନାନାପ୍ରକାର କୁପ୍ରଭାବ ପକାଏ । ଧୀରେ ଧୀରେ ଏହା ନୀରବ ଘାତକ ପାଲଟିଥାଏ ।

ଶବ୍ଦ ପ୍ରଦୂଷଣର କାରଣ ଗୁଡ଼ିକ ମଧ୍ୟରେ ଯାନବାହନର ଶବ୍ଦ - ରାସ୍ତାରେ ଅତ୍ୟଧିକ ଯାତାୟାତ, ଗାଡ଼ିର ହର୍ଣ୍ଣ, ବାଇକ ସାଇଲେନ୍ସରର ଅତ୍ୟଧିକ ଶବ୍ଦ । ଶିଳ୍ପ ଓ କଳାକାରଖାନା ଚାଲୁଥିବା କ୍ଷେତ୍ରରେ ବିଭିନ୍ନ କାରଖାନା, ଯନ୍ତ୍ର-ପାତି, ନିର୍ମାଣ କାମରେ ବ୍ୟବହୃତ ମେସିନ୍ ଆଦି ରହିଛି । ଅନ୍ୟ ପକ୍ଷରେ ସାମାଜିକ ଉତ୍ସବ- ବିବାହ, ମେଳା, ଧାର୍ମିକ ଅନୁଷ୍ଠାନରେ ଉଚ୍ଚ ଶବ୍ଦରେ ଲାଉଡ୍ ସ୍ପିକର ବଜେଇବା ମଧ ଶବ୍ଦ ପ୍ରଦୂଷଣ । ବିମାନ, ଟ୍ରେନ୍, ଜାହାଜରେ ବିଶେଷକରି ସହର ଓ ବଡ଼ ବନ୍ଦର କ୍ଷେତ୍ରରେ ଶବ୍ଦ ପ୍ରଦୂଷଣ ଅଧିକ ରହିଥାଏ ।

**ଶ୍ରବଣ ଶକ୍ତିର ହାନି**- ଲମ୍ବା ସମୟ ପର୍ଯ୍ୟନ୍ତ ଉଚ୍ଚ ଶବ୍ଦରେ ରହିଲେ କାନର ସ୍ନାୟୁ କ୍ଷତିଗ୍ରସ୍ତ ହୋଇ ଧୀରେଧୀରେ କାଲା ହୋଇଯିବାର ସମ୍ଭାବନା ଥାଏ । ଅତ୍ୟଧିକ ଶବ୍ଦ ଦ୍ୱାରା ମାନସିକ ସମସ୍ୟା ମଧ୍ୟରେ ଅତ୍ୟଧିକ ଶବ୍ଦରେ ଚିଡ଼ଚିଡ଼ା, ଦୁଶ୍ଚିନ୍ତା, ଉଦବେଗ ଓ ନିଦ୍ରାହୀନତା ସୃଷ୍ଟି ହୁଏ ।

**ହୃଦରୋଗ ସମସ୍ୟା** – ଅଧିକ ଶବ୍ଦର ପରିବେଶରେ ରକ୍ତଚାପ ବଢ଼େ, ହୃଦଗତି ବେଶିଥାଏ, ଯାହା ଦୀର୍ଘ ମିଆଦରେ ହୃଦରୋଗକୁ ଆମନ୍ତ୍ରଣ କରେ ।

**ଶିକ୍ଷାରେ ପ୍ରଭାବ**- ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ସ୍ୱରର ଶବ୍ଦ ବାଧା ସୃଷ୍ଟି କରେ, କେନ୍ଦ୍ରୀକରଣ କମିଯାଏ। ଗର୍ଭବତୀ ମହିଳା ଓ ଶିଶୁଙ୍କ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଅତ୍ୟଧିକ ଶବ୍ଦର ପ୍ରଭାବରୁ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟରେ ବିପଦ ସୃଷ୍ଟି ହୋଇପାରେ ବୋଲି ବିଶେଷଜ୍ଞଙ୍କ ମତ ରହିଛି । ଏହି ଶବ୍ଦ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ନିରାକରଣଗୁଡ଼ିକ ରହିଛି । ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ କିଛି ପଦକ୍ଷେପ ନିଆଯାଇପାରେ । ଲାଉଡ଼ସ୍ପିକର ଓ ଏହାର ଭଲ୍ୟୁମ ମାତ୍ରା କେତେ ରହିବ ତାର ବ୍ୟବହାର ଉପରେ ସରକାରୀ ନିୟମକୁ କଡ଼ାଭାବରେ ପାଳନ କରିବା। ଗାଡ଼ିରେ ଅନାବଶ୍ୟକ ହର୍ଣ୍ଣ ଦେବାକୁ ନିଷେଧ କରିବା। କାରଖାନା ଓ ନିର୍ମାଣ କ୍ଷେତ୍ରରେ ଶବ୍ଦ-ନିରୋଧକ ଉପକରଣ ବ୍ୟବହାରକୁ ବାଧ୍ୟତାମୂଳକ କରିବା । ସହରରେ ସାଇଲେନ୍ସ ଜୋନ୍ ସ୍ଥାପନ କରିବା । ଏନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା କରିବା ।

ଶବ୍ଦ ପ୍ରଦୂଷଣ ଆଜିର ସମାଜରେ ଗୋଟିଏ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା । ଏହାକୁ ଅବହେଳା କଲେ ମାନବ ଜୀବନର ମାନସିକ ଓ ଶାରୀରିକ ସନ୍ତୁଳନ ଭାଙ୍ଗିଯିବ । ପରବର୍ତ୍ତୀ ସମୟରେ ଏହା ଏକ ନୀରବ ଘାତକ ପାଲଟିଯିବ । ସରକାର, ସମାଜ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏଥିରେ ଦାୟିତ୍ୱବାନ ହୋଇ କାମ କରିବା ଆବଶ୍ୟକ । ନୀରବ ଓ ଶାନ୍ତ ପରିବେଶ କେବଳ ସୁନ୍ଦର ଜୀବନର ପରିଚୟ ନୁହେଁ, ସୁସ୍ଥ ମାନବଜୀବନ ପାଇଁ ଏହା ଏକ ଅତ୍ୟାବଶ୍ୟକ ଉପାଦାନ ।

ଗତ ୧ ମାସ ପୂର୍ବେ ରାୟଗଡ଼ା ସହର ଅନ୍ତର୍ଗତ ରୟତ କଲୋନୀ ଅଞ୍ଚଳରେ ଗଣେଶ ପୂଜା ଭସାଣରେ ଡିଜେ ଶବ୍ଦ ନେଇଥିଲା ଯୁବକଙ୍କ ଜୀବନ । ଡିଜେ ସାଉଣ୍ଡର ତୀବ୍ରତା ଅଧିକ କାରଣରୁ ସରୋଜ କୁମାର ଖରା (୩୦)ବର୍ଷ ବୟସର ଯୁବକଙ୍କ ମୃତ୍ୟୁ ହୋଇଥିଲା । ଘଟଣା ପରେ ପରିବାର ଲୋକେ ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାୟଗଡା ସହର ସମେତ ରାଜ୍ୟର ଅନେକ ସହର ଓ ଗ୍ରାମାଞ୍ଚଳରେ ବେଧଡକ ଭାବରେ ଭସାଣିରେ ଡିଜେ ସହିତ ବାଣ ଫୁଟାଇ ବେହାଲ କରୁଛନ୍ତି ଯୁବ ପିଢ଼ି । ବିଭିନ୍ନ ପୂଜା ପାର୍ବଣ, ବିବାହ ନାମରେ ପେଶୀ ହେଉଛନ୍ତି ସହର ବାସିନ୍ଦା। ୨୦୨୫ରେ, ଗତ ଦୋଳ ପୂର୍ଣ୍ଣିମା ହୋଲି ଉତ୍ସବ ପାଳନ ବେଳେ ଭଦ୍ରକର କାଳିମେଘା ମେଳନକୁ ଠାକୁରଙ୍କ ବିମାନ ଯିବା ବେଳେ ଡିଜେ ବାଜିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା । ପୂଜା ପର୍ବ ଠିକ ଢ଼ଙ୍ଗରେ ପାଳନ କରୁଥିବା ବେଳେ ବିସର୍ଜନ ନାମରେ ଡିଜେ ଅତ୍ୟଧିକ ଶବ୍ଦରେ ବାଜା ଲଗେଇ ନୃତ୍ୟ ଗୀତ କରୁଛନ୍ତି ଯୁବପିଢ଼ି । କିନ୍ତୁ ଭୁଲି ଯାଉଛନ୍ତି ପରିବାରର ବୟୋଜ୍ୟେଷ୍ଠ, ହୃଦ୍‌ରୋଗୀ ଏବଂ ଶିଶୁଙ୍କ କଥା । ଏଠାରେ ସଚେତନତା କୌଣସି କାମକୁ ନୁହେଁ । ଉଚିତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଆଜିର ସହରରେ ଭିନ୍ନ ଭିନ୍ନ ପ୍ରକାରର ଡିଜେ ବୁଲୁଥିବା ଦେଖିବାକୁ ମିଳୁଛି । ସେଥିରୁ ବାହାରୁଛି ଅତି କ୍ଷମତାପୂର୍ଣ୍ଣ ଶବ୍ଦ । ଗୁରୁତ୍ୱପୂର୍ଣ୍ଣ କଥାହେଲା ଏଭଳି ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରାଂଶ ବ୍ୟବହାରକୁ ଏଡାଇବା ପାଇଁ ଆଇନରେ କଡା ନିର୍ଦ୍ଦେଶନାମା ମଧ ରହିଛି । ୧୯୮୮ରେ ପ୍ରସ୍ତୁତ ଆକ୍ଟ ଅନୁସାରେ ୬୦ଡେସିବଲ ଶବ୍ଦ ହିଁ ବାହାରି ପାରିବ ତା'ଠାରୁ ଅଧିକ ଶବ୍ଦ ଦଣ୍ଡନୀୟ । ଏହା ସହିତ ଆର୍ଥିକ ଦଣ୍ଡ ବିଧାନ ବ୍ୟବସ୍ଥା ମଧ୍ୟ ରହିଛି । ତଥାପି ପୋଲିସ ବିଭାଗର ତତ୍ପରତା ନାହିଁ । ଯାହାକୁ ନେଇ ଲୋକେ ଭୟଭୀତ ହୋଇ ଘରେ କବାଟ କିଳି ରହୁଥିବା ବେଳେ ସମୟେ ସମୟେ ଅକାଳରେ ଜୀବନ ହାନି ଘଟୁଛି । ଦଶହରା ଏବେ ଏବେ ସରିଛି ଓ ଦୀପାବଳି ପର୍ବ ଆଗକୁ ଥିବାରୁ ପ୍ରଶାସନ ଏ ଦିଗରେ ବିଶେଷ ଧ୍ୟାନ ଦେବାର ସମୟ ଆସିଛି ବୋଲି ମତ ପ୍ରକାଶ ପାଉଛି ।

**ସହ-ସମ୍ପାଦକ, ସମୟ**
**ମୋ- ୯୪୩୭୧୫୦୬୩୨**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କର୍ଫ୍ୟୁ...

ଇତି ମଧ୍ୟରେ ୨୪ଘଣ୍ଟା ଅତିକ୍ରମ କରିଯାଇଥିବା ବେଳେ ଆଜି ୧୦ଟା ବେଳକୁ ୩୬ଘଣ୍ଟାର ଅବଧି ପୂରଣ ହେବାକୁ ଯାଉଛି। ପୁନର୍ବାର କର୍ଫ୍ୟୁ ସମୟର ଅବଧିକୁ ୨୪ ଘଣ୍ଟା ବୃଦ୍ଧି କରାଯାଇଛି। ସେହିପରି ଇଣ୍ଟରନେଟ୍ ସେବାକୁ ମଧ୍ୟ ଆହୁରି ୨୪ଘଣ୍ଟା ପାଇଁ ଅଟକ କରିଦିଆଯାଇଛି। ପୋଲିସ୍ କମିଶନର ଦେବଦତ୍ତ ସିଂହ ଓ ଡିସିପି ଖିଲାରୀ ଋଷିକେଶ ଜ୍ଞାନଦେଓଙ୍କ ମିଳିତ ତତ୍ତ୍ୱାବଧାନରେ ୬୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ସହରକୁ ଜଗି ରହିଛନ୍ତି। ସମ୍ବେଦନଶୀଳ ଥାନାକୁ ପୋଲିସ୍ ପକ୍ଷରୁ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଆଜି ସନ୍ଧ୍ୟା ସୁଦ୍ଧା ପୋଲିସ୍ ୩ଟି ମାମଲା ରୁଜ୍ କରିବା ସହ କର୍ଫ୍ୟୁ ନିୟମକୁ ଉଲ୍ଲଘଂନ କରିଥିବା ପ୍ରାୟ ୮ ଜଣଙ୍କୁ ଗିରଫ କରିଛନ୍ତି। ତେବେ ମୋଟ୍ ୩ଟି ଥାନା ଅଞ୍ଚଳରୁ କର୍ଫ୍ୟୁ ଆଇନ୍‌କୁ ଉଲ୍ଲଘଂନ କରିଥିବା ମୋଟ ୩୩ଜଣ ବ୍ୟକ୍ତିଙ୍କୁ ପୋଲିସ୍ ଅଟକ ରଖିଛି। ତେବେ କର୍ଫ୍ୟୁର ଶେଷ ୧୨ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଦରଘାବଜାର ଅଞ୍ଚଳରେ ମୋଟ୍ ୫ କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଶାନ୍ତିଶୃଙ୍ଖଳାକାରୀମାନେ ଆଇନ୍‌କୁ ହାତକୁ ନ ନେବାକୁ ପୋଲିସ୍ କମିଶନର ଶ୍ରୀ ସିଂହ କଡ଼ା ଚେତାବନୀ ଦେଇଛନ୍ତି। କର୍ଫ୍ୟୁ ଲାଗୁ ହୋଇଥିବା ଯେ ବି କେହି ଉଲ୍ଲଘଂନ କରନ୍ତି ସିଏ ଯିଏ ହୋଇଥାଆନ୍ତୁ ନା କାହିଁକି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଶ୍ରୀ ସିଂହ ଚେତେଇ ଦେଇଛନ୍ତି।

ସୂଚନା ଅନୁଯାୟୀ ଆଜି ସହରର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରିଦିଆଯାଇଥିଲା। ସଂଘବଦ୍ଧ ଭାବେ ସହରକୁ ପ୍ରବେଶ ବା ପ୍ରସ୍ଥାନ କରିବାକୁ ଅନୁମତି ମିଳି ନଥିଲା। କେବଳ ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସେବାକୁ ବନ୍ଦ ରଖାଯାଇଥିଲା। ଆଜି ପୁଣି ଥରେ କମିଶନରେଟ ପୋଲିସ୍ ଓ ଅର୍ଦ୍ଧ ସାମରିକ ବଳ ପକ୍ଷରୁ ଦରଘାବଜାର ଥାନା ନିକଟରୁ ଏକ ଫ୍ଲାଗମାର୍ଚ୍ଚ ବାହାରି କଦମରସୁଲ, ଦରଘାବଜାର, ନିମସାହି, ଖୋଲାସାହି, କାଠଗଡାସାହି ପରିକ୍ରମା କରି ଦରଘାବଜାର ଥାନା ନିକଟରେ ଶେଷ ହୋଇଥିଲା। ଥାନାଧିକାରୀ ଆଇଆଇସି ମାନେ ୨ଟି ସ୍କ୍ୱାର୍ଡ ସହିତ ନିଜ ନିଜ ଅଂଚଳରେ ସ୍ୱତନ୍ତ୍ର ପେଟ୍ରୋଲିଂ କରୁଥିଲେ। ପ୍ରମୁଖ ଛକ, ଗଳି ଓ ମୁଖ୍ୟ ରାସ୍ତା ଗୁଡିକରେ ପୋଲିସ୍ ଛାଉଣି ଦେଖିବାକୁ ମିଳିଥିଲା। ସହରର ମଙ୍ଗଳାବାଗ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର ଭଳି ଅଂଚଳରେ ପୂର୍ବାହ୍ନରେ କେତେକ ଗଣ୍ଡଗୋଳକାରୀ ବାହାରେ ବୁଲିବାର ଦେଖିବାକୁ ମିଳିଥିଲା। ପୋଲିସ୍ ସେମାନଙ୍କୁ ଥାନାରେ ଅଟକ ରଖିଥିଲାବେଳେ ଅନେକ ଥାନାଗିଆଙ୍କୁ ମାଡମାରି ଛାଡି ଦେଇଥିବାର ଉଣାପଡ଼ିଛି। ଅପରପକ୍ଷରେ ଆଜିର କର୍ଫ୍ୟୁ ଯୋଗୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କର ଉପସ୍ଥାନ ପ୍ରାୟତଃ ନଥିଲା। ସେହିପରି ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ସଂପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ସାଧାରଣ ଜୀବନ ଜୀବିକା ପ୍ରଭାବିତ ହୋଇଥିଲା। ରାସ୍ତାଘାଟ ପ୍ରାୟତଃ ଖାଁ ଖାଁ ହୋଇ ପଡିଥିବା ବେଳେ ଖୁବ୍ କମ୍ ସଂଖ୍ୟକ ବସ୍ ବିଭିନ୍ନ ଜିଲ୍ଲାରୁ ବାଦାମବାଡିସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ ଭିତରକୁ ଯିବା ଆସିବା କରିବା ଦେଖିବାକୁ ମିଳିଥିଲା। ବସ୍ ମାଲିକମାନେ କର୍ଫ୍ୟୁ ଦୃଷ୍ଟିରୁ ଗଣ୍ଡଗୋଳର ଆଶଙ୍କା କରି ବସ୍ ଗୁଡିକର ଯାତାୟତ ବନ୍ଦ କରିଦେଇଥିଲେ। ଫଳରେ ସିଏନ୍‌ବିଟିରେ ଯାତ୍ରୀମାନେ ଯାତାୟତ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଇଣ୍ଟରନେଟ୍ ସେବା ଗୁଡିକୁ ବନ୍ଦ କରିଦେବା ଫଳରେ ବ୍ୟାଙ୍କ ସେକ୍ଟର ସଂପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଥିଲା। ଫଳରେ ଚେକ୍ ଦେଣନେଣ ଓ ପ୍ରାୟ ୧୦ରୁ ୧୨ହଜାର କୋଟି ଟଙ୍କାର କାରବାର ବାଧାପ୍ରାପ୍ତ ହୋଇଥିଲା। ଏତଦ୍‌ବ୍ୟତୀତ ସୋସିଆଲ୍ ମିଡିଆରେ କୌଣସି ଖବର ପ୍ରସାରଣ ପୂର୍ବରୁ ଏହାର ସତ୍ୟତା ଯାଞ୍ଚ କରିବାକୁ ଡିସିପିଙ୍କ ପକ୍ଷରୁ ଟ୍ୱିଟ୍ ମାଧ୍ୟମରେ ଅବଗତ କରାଯାଇଛି। ଯଦି ମିଥ୍ୟା କିମ୍ବା ଉତ୍ତେଜନାମୂଳକ ଖବର କିମ୍ବା ଫଟୋ ପୋଷ୍ଟ କରନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷକରି ସୋସିଆଲ୍ ମିଡିଆ ପୋଷ୍ଟ ଉପରେ କେହି ବିଶ୍ୱାସ ନକରିବା ପାଇଁ ଡିସିପିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରିବା ସହିତ ନାଗରିକ ମାନଙ୍କୁ ସଚେତନ ରହି ପରିସ୍ଥିତିର ମୁକାବିଲା ପାଇଁ ନିବେଦନ କରିଛନ୍ତି।

କଟକରେ ଏଭଳି ଅଶାନ୍ତିକୁ ଆଦୌ ପ୍ରୋତ୍ସାହନ ଦିଆଯିବ ନାହିଁ। ବିଶୃଙ୍ଖଳା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ୍ କମିଶନରଙ୍କ ନିକଟରେ ଶାନ୍ତି କମିଟି ନିବେଦନ କରିଛି। ଦେଲେ କଟକର ଭାଇଚାରା ଭାଙ୍ଗିବାକୁ ଏକ ବିଧ୍ୱଂସ ଷଡଯନ୍ତ୍ର କରାଯାଉଛି ବୋଲି କଟକ ମହାନଗର ଶାନ୍ତି କମିଟିର ଦେବେନ୍ଦ୍ର ନାଥ ସାହୁ କହିଛନ୍ତି। ସେ କହିଛନ୍ତି କଟକର ପୂର୍ବାବସ୍ଥା ନିଶ୍ଚିତ ଫେରିବ। ହେଲେ ଶାନ୍ତ ପଡିବା ପରେ ସହରର ମୁରବୀ ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକ କଦମରସୁଲ୍ ନିକଟରେ ବିଶୃଙ୍ଖଳା ସୃଷ୍ଟି କଲେ। ଆଗକୁ କଟକରେ ଆଉ ଦୁଇଟି ଭସାଣି ରହିଛି। ଶୋଭାଯାତ୍ରା ସେଇ ସମାନ ବାଟ ଦେଇଯିବ। କାଳୀ ଭସାଣି ଓ କାର୍ତ୍ତିକେଶ୍ୱର ଭସାଣିରେ ଘଟଣାର ଯେପରି ପୁନରାବୃତ୍ତି ନହେବ ସେ ଦିଗରେ ଗୁରୁତ୍ୱ ଦିଆଯିବ। ଏତଦ୍‌ବ୍ୟତୀତ ବିଶୃଙ୍ଖଳାକାରୀଙ୍କ ପରିଚୟପତ୍ର ଯାଞ୍ଚ କରାଯିବ। ସେମାନେ କଟକର ନା ଅନ୍ୟ କୌଣସି ଅଂଚଳର ତାହା ପୋଲିସ୍ ସହାୟତାରେ ଖୋଳତାଡ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି।

## ନୂଆପଡା...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୂର ହେଉ କି ପାଖ, ବଡ ହେଉ ବା ଛୋଟ, ରାଜ୍ୟର ସବୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ସବୁ ସମୟରେ, ସବୁ ମୁହୂର୍ତ୍ତରେ ଉପସ୍ଥିତ ଅଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂଆପଡା ସହିତ ମୋର ଭାବଗତ ସମ୍ପର୍କ ରହିଛି ଏବଂ ଏହା ବଢି ବଢି ଚାଲିଛି। ଆଗାମୀ ଦିନରେ ଏହି ସମ୍ପର୍କ ଆହୁରି ସୁଦୃଢ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂଆପଡା ଜିଲ୍ଲା ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଘୋଷଣା କରିଥିଲେ । ଏଥିମଧ୍ୟରୁ ୬୪ କୋଟି ୨ ଲକ୍ଷ ଟଙ୍କା ବିନିଯୋଗରେ ୧୦୯ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା । ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା ଏବଂ ୭୫ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ସହିତ ନୂଆପଡା ଜିଲ୍ଲାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨ କୋଟି ୯ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ । ଅନ୍ନଦାତା ମାନଙ୍କ ଜମିକୁ ଜଳ ଯୋଗାଇବା ପାଇଁ ସରକାର ନିଷ୍ଠାର ସହ ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପୂର୍ବରୁ ଖରିଆର୍ ରୋଡ୍‌କୁ ଏନ୍.ଏ.ସି ରୁ ମୁନିସପାଲିଟି କରିବା ପାଇଁ ଦାବି ହୋଇଆସୁଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ଏହାକୁ ମୁନିସପାଲିଟି ରୂପେ ଘୋଷଣା କରିଛନ୍ତି । ସେହିପରି କୋମନା ବ୍ଲକକୁ ଏନ୍.ଏ.ସି ମାନ୍ୟତା ପ୍ରଦାନ କରାଯାଇଛି ଏବଂ ସିନାପାଲି ଗ୍ରାମପଞ୍ଚାୟତ ଓ ଗୋଡାଲ ଗ୍ରାମପଞ୍ଚାୟତକୁ ମିଶାଇ ଏହାକୁ ସିନାପାଲି ଏନ୍.ଏ.ସି ରୂପେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହା ଭିତରେ ମୁଖ୍ୟମନ୍ତ୍ରୀ ତିନି ଥର ନୂଆପଡା ଆସିସାରିଲେଣି। ଏପ୍ରିଲ ମାସରେ ମାରାଗୁଡା ମହୋତ୍ସବକୁ ଆସି ମୁଖ୍ୟମନ୍ତ୍ରୀ ୩୨୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏହା ସହିତ ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମଧ୍ୟ ଯୋଗଦେଇଥିଲେ। ଆଜିକୁ ମିଶାଇ ନୂଆପଡା ପାଇଁ ମୁଖ୍ୟମନ୍ତ୍ରୀ ୧୪୨୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର କେନ୍ଦୁପତ୍ର ତୋଳାଳୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି । ଚଳିତ ବର୍ଷ ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ସେ ନିଜେ ଉପସ୍ଥିତ ହୋଇ କେନ୍ଦୁପତ୍ର ଉପରେ ଜିଏସ୍‌ଟି ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲେ । ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜିଏସ୍‌ଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ କମ୍ କରିଛନ୍ତି । ଏହାଦ୍ୱାରା ସାରାଦେଶର ତଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରି କହିଥିଲେ ଯେ ରାଜ୍ୟର ସବୁ ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ ଖୋଲାଯିବ । ବର୍ତ୍ତମାନ ରାଜ୍ୟର ୩୧୭ଟି ତହସିଲରୁ ୨୧୦ଟି ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ ରହିଛି । ଖୁବଶୀଘ୍ର ବାକି ୧୦୭ଟି ତହସିଲରେ ସବ୍ ରେଜିଷ୍ଟ୍ରେସନ୍ ଅଫିସ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ପ୍ରଥମ ପର୍ଯ୍ୟାୟରେ ନୂଆପଡାର ୩ଟି – ସିନାପାଲି, କୋମନା ଓ ବୋଡେନ୍ ଏବଂ ମାଲକାନଗିରିର ୪ଟି- ମାଥିଲି, କାଲିମେଲା, ଖଇରପୁଟ ଓ କୁଡୁମୁଲୁଗୁମା- ଏହିପରି ୭ଟି ତହସିଲରେ ସବ୍ ରେଜିଷ୍ଟ୍ରେସନ୍ ଅଫିସ ଖୋଲାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟରେ ଦୀର୍ଘଦିନ ଧରି ବିଭିନ୍ନ ପଛୁଆ ଅଞ୍ଚଳ ଆଞ୍ଚଳିକ ବୈଷମ୍ୟତାର ଅଭିଯୋଗ କରିଆସୁଛନ୍ତି । ବିଶେଷକରି ଦୂରାନ୍ତ ଅଞ୍ଚଳରେ ରହୁଥିବା ଜିଲ୍ଲା ଗୁଡିକ ଅପେକ୍ଷାକୃତ ଭାବେ ଅବହେଳିତ ହେଉଥିଲା । କିନ୍ତୁ, ଆମ ସରକାର ସବୁ ଅଞ୍ଚଳକୁ ସମାନ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଅଧିକ ଅନୁଦାନ ସହିତ ସୁଦୃଢ କରାଯାଇଛି ଏବଂ ତା ସହିତ ଉତ୍ତର ଓ ଦକ୍ଷିଣ ଓଡିଶାର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ବିକାଶ ପରିଷଦ ଗଠନ କରିବାକୁ ପଦକ୍ଷେପ ନିଆଯାଇଛି । ରାଜ୍ୟର ଶିଳ୍ପ ବିକାଶରେ ମଧ୍ୟ ସବୁ ଅଞ୍ଚଳକୁ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ଉଦ୍ୟମ ଅବ୍ୟାହତ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ, ପୂର୍ବରୁ ପ୍ରିମାଟ୍ରିକ ସ୍କଲାରସିପର୍ ଛାତ୍ର ମାନଙ୍କୁ ୧୦,୫୦୦ ଟଙ୍କା ମିଳୁଥିବା ବେଳେ ଏବେ ୧୬,୦୦୦ ଟଙ୍କା ପ୍ରଦାନ କରାଯିବ । ସେହିପରି ଅନ୍ୱେଷା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପୂର୍ବରୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ଏଥିରେ ୧୭ ହଜାର ଟଙ୍କା ମିଳିବ । ସେହିପରି ପୋଷ୍ଟ ମାଟ୍ରିକ ସ୍କଲାରସିପ୍‌ରେ ପୂର୍ବରୁ ଛାତ୍ର ମାନଙ୍କୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୧୬ ହଜାର ଟଙ୍କା ମିଳିବ ଏବଂ ଛାତ୍ରୀ ମାନଙ୍କୁ ୧୭ ହଜାର ଟଙ୍କା ମିଳିବ ।

ମୋଦୀଜୀଙ୍କ ନେତୃତ୍ୱରେ ଦେଶରେ ଏବେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ବିକାଶ ତ୍ୱରାନ୍ୱିତ ହୋଇଛି। ଓଡିଶାରେ ନୂଆ ସରକାର ଆସିବା ପରଠାରୁ କେନ୍ଦ୍ର ସରକାର ଓଡିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରେ ନୂଆପଡା ପାଇଁ ମଧ୍ୟ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ନୂଆପଡା ଜିଲ୍ଲାର ବିପୁଳ ସଫଳତାକୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁଭଦ୍ରା ଯୋଜନାରେ ନୂଆପଡାର ୧ ଲକ୍ଷ ୫୫ ହଜାର ମହିଳା ଉପକୃତ ହୋଇଛନ୍ତି, ଅନ୍ତୋଦ୍ୱୟ ଗୃହ ଯୋଜନାରେ ନୂଆପଡାର ୨୫୪୮ ପରିବାରକୁ ଘର ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ । ଏହା ସହିତ ନୂଆପଡା ୱସଭଶକ୍ଷର-ଟଗ୍ବର ଚକ୍ଷବଗ୍ଗ୍ରସମ ମୁକ୍ତ ଜିଲ୍ଲାଭାବେ ଘୋଷିତ ହେବା ସହ କନ୍ୟାଶିଶୁକୁ ପ୍ରାଧାନ୍ୟ ଦେଇ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି ଏବଂ ନବଜାତ ଶିଶୁକନ୍ୟା ଓ ସେମାନଙ୍କ ପିତା ମାତାଙ୍କୁ ମଧ୍ୟ ସମ୍ମାନିତ କରାଯାଉଛି । ନୂଆପଡା ଜିଲ୍ଲା ମନରେଗା ଯୋଜନାରେ ଦୈନିକ ୬୦ ହଜାରରୁ ଅଧିକ ଶ୍ରମିକ ନିଯୋଜିତ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜନଶୁଣାଣି କାର୍ଯ୍ୟକ୍ରମକୁ ସଂପ୍ରସାରଣ କରାଯାଇ ଏହାକୁ ପଞ୍ଚାୟତ ସ୍ତରରେ ମଧ୍ୟ ଆୟୋଜିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଜିଲ୍ଲାର ସଫଳତା ପାଇଁ ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ମୋହନ ମାଝୀଙ୍କ ସରକାର ହେଉଛି ଲୋକଙ୍କ ସରକାର । ରାଜ୍ୟର ସମସ୍ତ ବର୍ଗର ବିକାଶ କିପରି ହେବ ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ନୂଆପଡା ଜିଲ୍ଲାକୁ ଏକ ନୂଆ ଦିଗନ୍ତରେ ନେବା ହେଉଛି ଆମ ସଂକଳ୍ପ । ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ରାଜ୍ୟରେ ଆମ ସରକାର ଆସିବା ପରେ ନୂଆପଡା ଜିଲ୍ଲାର ୧୦ଟି ହାଇସ୍କୁଲକୁ ଆମେ ଅପଗ୍ରେଡ୍ କରି ହାୟର ସେକେଣ୍ଡାରୀ ସ୍କୁଲରେ ପରିଣତ କରିଛୁ । ସହର ଏବଂ ଗ୍ରାମପଞ୍ଚାୟତର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଆମ ସରକାର ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏ ସରକାରରେ ପ୍ରତିଟି କ୍ଷେତ୍ରରେ ବିକାଶ ହେବ ଆଜି ସମସ୍ତଙ୍କ ମଧ୍ୟରେ ଏପରି ଆଶାର ସଂଚାର ହୋଇଛି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ, ନୂଆପଡା ଜିଲ୍ଲା କିପରି ଆଦର୍ଶ ଜିଲ୍ଲା ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ଯୋଜନା କରୁଛନ୍ତି । ନୂଆପଡା ଫଲିଥିନ ମୁକ୍ତ ଜିଲ୍ଲା ହୋଇଛି ଏହା ଆମ ପାଇଁ ଗର୍ବର ବିଷୟ। କେବିକେ ଅଞ୍ଚଳରେ କିପରି ରୋଜଗାର ବୃଦ୍ଧିହେବ ସେଥିପାଇଁ ଆମ ସରକାର ଯୋଜନା କରୁଛନ୍ତି ।

କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର ପ୍ରମୁଖ ତାଙ୍କର ଉଦ୍‌ବୋଧନ ରଖିଥିଲେ। ନୂଆପଡା ଜିଲ୍ଲାପାଳ ମଧୁସୁଦନ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଖରିଆର୍ ରୋଡ୍ ଏନ୍.ଏ.ସି. ଚେୟାରମ୍ୟାନ ଡ. ସୋନିଆ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## ନଭେମ୍ବର...

ଏନେଇ ସୂଚନା ଦେଇଛନ୍ତି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଲନ କହିଛନ୍ତି, ନୂଆପଡ଼ା ଉପନିର୍ବାଚନରେ ମୋଟ ୧ ଲକ୍ଷ ୨୨ ହଜାର ୧୦୩ ପୁରୁଷ ଏବଂ ୧ ଲକ୍ଷ ୨୬ ହଜାର ୧୩୨ ମହିଳା ମତଦାନ କରିବେ । ସେହିପରି ୪ ହଜାର ଭିନ୍ନକ୍ଷମ ଏବଂ ୨୦୦୭ ବୟସ୍କ ଭୋଟରଙ୍କ ତାଲିକା ପ୍ରକାଶ ପାଇଛି । ମତଦାତାମାନେ ମୋବାଇଲ ରଖି ଭୋଟ ଦେବେ । ଏଜେଣ୍ଟମାନେ ବି ବୁଥ ଭିତରକୁ ମୋବାଇଲ ନେଇପାରିବେ ନାହିଁ । ରିଅଲ ଟାଇମ୍ ସିଷ୍ଟମରେ ୱେବ୍ କ୍ୟାଷ୍ଟିଂ କରାଯିବ । ଭୋଟରଙ୍କ ପାଇଁ ୧୯୫୦ ହେଲ୍ପ ଲାଇନ ନମ୍ବର କାର୍ଯ୍ୟକାରୀ ହେବ ।

ସେ କହିଛନ୍ତି, ଉପନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ପ୍ରତି ପୋଲିଂ ଷ୍ଟେସନରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯିବ । ବୟସ୍କଙ୍କ ପାଇଁ ଘରେ ଭୋଟ ଦେବା ପାଇଁ ବ୍ୟବସ୍ଥା କରାଯିବ । ସେମାନଙ୍କୁ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେବାର ବିକଳ୍ପ ବ୍ୟବସ୍ଥା କାଯିବ । ସମସ୍ତ ପ୍ରାର୍ଥୀ ଏବଂ ତାଙ୍କର ରାଜନୈତିକ ଦଳ ପାର୍ଥୀଙ୍କ ଅପରାଧିକ ମାମଲା ସମ୍ବନ୍ଧରେ ଖବରକାଗଜ ଏବଂ ଟେଲିଭିଜନ ଚ୍ୟାନେଲ ମାଧ୍ୟମରେ ୩ଥର ସୂଚନା ପ୍ରକାଶ କରିବାକୁ ପଡ଼ିବ । ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ ଟି ମତଦାନ କେନ୍ଦ୍ର ରହିବ । ପ୍ରତି କେନ୍ଦ୍ରରେ ସର୍ବାଧିକ ୧୨ ସହ ଭୋଟର ଭୋଟ ଦେଇପାରିବେ ।

ଏହି ଉପନିର୍ବାଚନରେ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଇଭିଏମ ଏବଂ ଭିଭିପାଟ୍‌ର ବ୍ୟବସ୍ଥା କରାଯାଇଛି । ଆବଶ୍ୟକୀୟ ସଂଖ୍ୟକ ଇଭିଏମ ଅର୍ଥାତ ମତଦାନ କେନ୍ଦ୍ର ସଂଖ୍ୟାର ୨୦୦% ଯଥା ୭୨୦ ବାଲଟ୍‌ୟୁନିଟ୍, ୭୨୦ କଣ୍ଟ୍ରୋଲ୍‌ୟୁନିଟ୍ ଏବଂ ୭୨୦ ଭିଭିପାଟ୍ ପୂର୍ବରୁ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ପାଖରେ ଉପନିର୍ବାଚନରେ ବ୍ୟବହାର ପାଇଁ ଉପଲବ୍ଧ ଅଛି ।

ଯେଉଁମାନେ ୭୧-ନୂଆପଡ଼ା ନିର୍ବାଚନମଣ୍ଡଳୀ ଇଆରଓଙ୍କ ନିକଟରେ ଭୋଟର ତାଲିକାରେ ସେମାନଙ୍କର ନାମ ଅନ୍ତର୍ଭୁକ୍ତ କରିବା ଓ ସଂଶୋଧନ ପାଇଁ ଆବେଦନ କରିଛନ୍ତି, ଆବେଦନଗୁଡ଼ିକ ଅସନ୍ତାକାଲି(ମଙ୍ଗଳବାର) ଅର୍ଥାତ ୭ତାରିଖରେ ଦାବି ଏବଂ ଆପତ୍ତିର ସମାଧାନର ଶେଷ ତାରିଖ ସୁଦ୍ଧା ଫଇସଲା କରିବାକୁ ପରାମର୍ଶ ଦିଆଯାଇଛି । ଆସନ୍ତା ୯ ତାରିଖରେ ପ୍ରକାଶିତ ଏବଂ ନାମାଙ୍କନ ଦାଖଲ ତାରିଖ ପର୍ଯ୍ୟନ୍ତ ଅଦ୍ୟତନ ହୋଇଥିବା ଚୂଡ଼ାନ୍ତ ଭୋଟର ତାଲିକା ନିର୍ବାଚନ ପାଇଁ ବ୍ୟବହାର କରାଯିବ ।

ରାଜ୍ୟର ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ଆଜି(ସୋମବାର) ଠାରୁ ଆଦର୍ଶ ଆଚରଣ ବିଧି ଲାଗୁହେବା ନେଇ ମୁଖ୍ୟ ନିର୍ବାଚନ କମିଶନରଙ୍କ ଘୋଷଣା ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଉପରୋକ୍ତ ସମସ୍ତ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡଃ ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁଶ୍ରୀ ସଙ୍ଗୀତାଙ୍କ ମୃତ୍ୟୁକୁ ମାସେ ବିତିଲା : ପୋଲିସ ହାତ ଖାଲି

ବାହାନଗା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବଜାର ନିକଟରେଥିବା ଲକ୍ଷ୍ମୀନାରାୟଣ ମନ୍ଦିରରେ ଝୁଲନ୍ତା ଅବସ୍ଥାରେ ଏକ ଯୁବତୀଙ୍କ ମୃତ ଦେହ ମିଳିଥିଲା । ଯୁବତୀଜଣକ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ତାଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ । ଏହାରି ଭିତରେ ଘଟଣାକୁ ମାସେ ବିତିଯାଇ ଥିଲେ ମଧ୍ୟ ସୋର ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇ ପାରିନି । ଏପରିକି ଗତ ୧୬/୦୯/୨୫ ତାରିଖରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କୁ ଘଟଣା ବାବଦରେ ମୃତ ଯୁବତୀଙ୍କ ମାଆ ଚାରୁଚନ୍ଦ୍ରା ମଲ୍ଲିକ ସୋର ଥାନାରେ ତାଙ୍କ ଝିଅ ସୁଶ୍ରୀସଂଗୀତା ମହାରାଜଙ୍କୁ ହତ୍ୟା କରିଥିବାର ଅଭିଯୋଗ କରିଥିଲେ । କିଛିଦିନ ହେବ ସୋର ପୋଲିସ ତଦନ୍ତ ଜାରୀରଖିଥିବା ବେଳେ ଏବେ ଧୀରେଧୀରେ ତଦନ୍ତରେ ଶିଥିଳତା ପଡୁଥିବାରୁ ଆଶା ଆଶଙ୍କା ଭିତରେ ପରିବାର ଲୋକଙ୍କୁ ଗତିକରିବାକୁ ପଡୁଛି । କିଛି ମୁଷ୍ଟିମେୟ ଲୋକଙ୍କ ଚାପରେ ସୋର ପୋଲିସ କୁଆଡେ ଚାପି ହୋଇ ଯାଇ ତଦନ୍ତରେ ଶିଥିଳତା ପକାଉଛି ବୋଲି କୁହାଯାଉଛି । ପୋଲିସ ଘଟଣାକୁ ଖାମଖିଆଲି ଭାବେ ନେଇ କୌଣସି ସିଡ଼ିଆର ବା କଲ ଡିଟେଲସକୁ ତଦନ୍ତ ପରିସରଭୁକ୍ତ ନକରି ଅଭିଯୁକ୍ତଙ୍କ ମୋବାଇଲ ସୁଇଜ ଅଫ ବୋଲି କରି ତଦନ୍ତକାରୀ ଅଫିସର ମୃତାହତଙ୍କ ପରିବାର ଲୋକଙ୍କୁ ଭୁଆଁ ବୁଲାଉଛି । ଘଟଣା ବାବଦରେ ସୋର ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁଙ୍କୁ ପଚାରିବାରୁ ଏହା ହତ୍ୟା ନୁହେଁ ଆତ୍ମହତ୍ୟା ବୋଲି ପ୍ରାରମ୍ଭିକ ପର୍ଯ୍ୟାୟ ତଦନ୍ତରୁ ଜଣା ପଡ଼ିଛି ବୋଲି କହିଛନ୍ତି । ତେବେ ତଦନ୍ତ ଚାଲିଛି, ସମୟ ଲାଗିବ କହି ନିଜର ମତ ପ୍ରକାଶ କରିଥିଲେ ।

# ନାରୀ ନିର୍ଯ୍ୟାତନା ଓ ନିରାକରଣ ଶୀର୍ଷକ ଆଲୋଚନାଚକ୍ର

ଭୋଗରାଇ, (ସବ୍ୟୁ): ବାଲେଶ୍ୱରଜିଲା ଭୋଗରାଇ ବ୍ଲକ ନାଗରିକ ମଞ୍ଚ ଓ ଆଜାଦ ଯୁବ ପରିଷଦ ପକ୍ଷରୁ ଚନ୍ଦନେଶ୍ୱର ପବ୍ଲିକ ଲାଇବ୍ରେରୀ ହଲରେ ରବିବାର ଅପରାହ୍ନ ୪ ଟାରେ ନାରୀ ନିର୍ଯ୍ୟାତନା ଓ ନିରାକରଣ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ପୌରହିତ୍ୟ କରିଥିଲେ ଶିକ୍ଷାବିତ ଉତ୍ସବ କୁମାର କର । ମୁଖ୍ୟ ଆଲୋଚକ ସାରା ଭାରତ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟା ପ୍ରଭା ମଞ୍ଜୁଳା ବ୍ରହ୍ମ ଯୋଗ ଦେଇ ପ୍ରଚଳିତ ସମାଜ ବ୍ୟବସ୍ଥାରେ ନାରୀ ପ୍ରତିଟି କ୍ଷେତ୍ରରେ ଭୟ ଓ ଆଶଙ୍କା ମଧ୍ୟରେ ଗତି କରୁଥିବାରୁ ନାରୀମାନେ ସଚେତନ ହୋଇ ଶକ୍ତିଶାଳୀ, ଐକ୍ୟବଦ୍ଧ ଦୀର୍ଘ ସ୍ଥାୟୀ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀପତି ସାଁ, ବିଶିଷ୍ଟ ଆଇନଜୀବୀ ସୁନୀଲ କୁମାର ଜେନା, ଶିକ୍ଷକ ବିଷ୍ଣୁପଦ ଦାସ, ମହିଳା ସାଂସ୍କୃତିକ ସଂଘର ସଂଗଠକ ପିଙ୍କି ମଲ୍ଲିକ, ସରୋଜିନୀ ମହାନ୍ତି, ଆଜାଦ ଯୁବ ପରିଷଦର ସଭାପତି ସରୋଜ ଖାଁ, ସମ୍ପାଦକ ସୁକୁମାର ସାହୁ, ଉପସଭାପତି ସଂଜୟ କୁମାର ପଣ୍ଡା, ନାଗରିକ ମଞ୍ଚର ନିରାକାର ପାଣ୍ଡ, ସପନ କୁମାର ପାତ୍ର, ସସ୍ମିତା ମହାନ୍ତି, କ୍ରିଷ୍ଣରାଣୀ ସାହୁ, ହରେକୃଷ୍ଣ ଦାସ, ବରେନ୍ଦ୍ର ଗିରି, ଧୀରେନ୍ଦ୍ର କୁମାର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ ଝଏହି ଆଲୋଚନା ଚକ୍ରରେ ବୁଦ୍ଧିଜୀବୀ, ମହିଳା, ଛାତ୍ରୀ, ଯୁବତୀ ଯୁବକ ମାନେ ଯୋଗ ଦେଇଥିଲେ ।

# ଓଡିଶା ପୋଲିସର ବୈଷୟିକ ଜ୍ଞାନକୌଶଳ ଅଧ୍ୟୟନ କଲେ ମହାରାଷ୍ଟ୍ର ପୋଲିସ

ଭୁବନେଶ୍ୱର: ମହାରାଷ୍ଟ୍ର ପୋଲିସର ଏକ ସ୍ୱତନ୍ତ୍ର ଟିମ ଓଡ଼ିଶା ପୋଲିସ ମୁଖ୍ୟାଳୟ, କଟକକୁ ଗସ୍ତ କରି ଓଡ଼ିଶା ପୋଲିସ ଦ୍ୱାରା ବିକଶିତ ଏବଂ ସଫଳ ଭାବରେ ରୂପାୟିତ ହୋଇଥିବା ଉନ୍ନତ ବୈଷୟିକ ଜ୍ଞାନ କୌଶଳର ପ୍ରୟାସ ସମ୍ପର୍କରେ ଅଧ୍ୟୟନ କରିଛନ୍ତି। ବିଭିନ୍ନ ଡିଜିଟାଲ୍ ମଡ୍ୟୁଲ୍‌ର ସୁପରିଚାଳନା, ଏବଂ ଉପକାରିତା, ପୋଲିସ ପ୍ରଶାସନରେ ଏହାର ଭୁମିକା, କାର୍ଯ୍ୟକୁଶଳତା, ପାରଦର୍ଶିତା ଓ ତଥ୍ୟ-ଆଧାରିତ ସମ୍ପର୍କରେ ମହାରାଷ୍ଟ୍ର ପୋଲିସ ଟିମ ଜ୍ଞାନ ଆରୋହଣ କରିଛନ୍ତି । ଆର୍ମସ୍ ଏବଂ ଆମୁନିସନ୍ ଇନଭେଣ୍ଟରି ମଡ୍ୟୁଲ୍ : ଏହି ମଡ୍ୟୁଲ୍ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ତତ ସମ୍ପର୍କିତ ସାମଗ୍ରୀର ପରିଚାଳନା, ନିରୀକ୍ଷଣ ଓ ଦାୟିତ୍ୱକୁ ସୁପରିଚାଳନା କରିଥାଏ । ଏହି ମଡ୍ୟୁଲ ଦ୍ୱାରା ନିରୀକ୍ଷଣ ଓ ଦକ୍ଷ ଇନଭେଣ୍ଟରି ପରିଚାଳନା କାର୍ଯ୍ୟ ସଠିକ ଭାବେ ସମ୍ପାଦିତ ହୋଇଥାଏ। ଆଭ୍ୟନ୍ତରୀଣ ପୋଲିସ ଅଡିଟ୍ ସିଷ୍ଟମ୍: ଏକ ଆଧୁନିକ ଡିଜିଟାଲ୍ ସିଷ୍ଟମ୍ ଯାହା ସମ୍ପୂର୍ଣ୍ଣ ଅଡିଟ୍ ବ୍ୟବସ୍ଥାକୁ ଡିଜିଟାଇଜ୍ ଓ ସୁବ୍ୟବସ୍ଥିତ କରୁଛି । ଏହା ବିଭିନ୍ନ ସଂସ୍ଥା ପାଇଁ ବାର୍ଷିକ ଅଡିଟ୍ ପ୍ଲାନ୍ ସୃଷ୍ଟି କରିବାର ସୁବିଧା ପ୍ରଦାନ କରିଥାଏ । ଅଡିଟ୍ ସମାପ୍ତି ପରେ ଏହା ଡିଜିଟାଲ୍ ରିପୋର୍ଟ ତିଆରି କରି ସମ୍ବନ୍ଧିତ ୟୁନିଟ୍‌ଗୁଡ଼ିକୁ ପଠାଇବା ସହ ରିପୋର୍ଟକୁ ବିଭକ୍ତ କରିବା ସହ ସମୀକ୍ଷା ପାଇଁ ମୁଖ୍ୟାଳୟ ଅଡିଟ୍ ଟିମ୍‌କୁ ପଠାଯାଇଥାଏ । ମୋଟର ଯାନ ଫ୍ଲିଟ୍ ଓ ସରକାରୀ ସମ୍ପତ୍ତି ଷ୍ଟୋର :- ଓଡ଼ିଶା ପୋଲିସ ମୋଟର ଯାନ ଫ୍ଲିଟ୍ ଓ ସରକାରୀ ସମ୍ପତ୍ତି ଷ୍ଟୋର ପାଇଁ ସ୍ୱତନ୍ତ୍ର ଇନଭେଣ୍ଟରି ମେନେଜମେଣ୍ଟ ମଡ୍ୟୁଲ୍ ଶୁଭାରମ୍ଭ କରିଛି, ଯାହାର ସଠିକ ବ୍ୟବହାର ଓ ସୁପରିଚାଳନା ଦ୍ୱାରା ସମନ୍ୱୟ ସୁନିଶ୍ଚିତ ହୋଇଥାଏ। ଡିଜିପି ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଯତିନ୍ଦ୍ର କୋୟଲ୍, ଡେପୁଟି କମାଣ୍ଡାଣ୍ଟ ଶ୍ରୀ ଆନନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ମହାରାଷ୍ଟ୍ର ପୋଲିସ ଦଳକୁ ଏହି ପ୍ରଣାଳୀଗୁଡ଼ିକର ଡିଜାଇନ୍, ବିକାଶ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ବିସ୍ତୃତ ଭାବେ ଅବଗତ କରିଥିଲେ।

ଓଡ଼ିଶା ପୋଲିସର ପ୍ରଯୁକ୍ତି ବିଦ୍ୟାର ବ୍ୟବହାରିକତାକୁ ମହାରାଷ୍ଟ୍ର ପୋଲିସ ଦଳ ସ୍ୱାଗତ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ। ତଥ୍ୟର ଡିଜିଟାଇଜେସନ ଦ୍ୱାରା ଓଡ଼ିଶା ପୋଲିସ ପାରଦର୍ଶିତା, ଦାୟିତ୍ୱବୋଧତା ଓ କାର୍ଯ୍ୟକୁଶଳତାକୁ ତ୍ୱରାନ୍ୱିତ କରୁଛି ।

ପଞ୍ଚସଖା ଶିକ୍ଷା ସେତୁ ସଂଗଠନ
ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଦ୍ୟମ

**Panchasakha Shikhya Setu Sangathan**
A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007

n- **Tender No. 1561 / Psss/25 Date : 06.10.25**

Sealed tender is invited from the intending company/ firm/agency for Photo Documentation of Schools for Panchasakha Shikhya Setu Sangathan's (Erstwhile Mo School Abhiyan) Coffee Table Book, A-1 Block, 6th floor, Toshali Bhawan, Satya Nagar Bhubaneswar, Odisha - 751007. The last date of submission of Tender is 20/10/2025 before 12:00 Noon. For more details, please visit the website pss.odisha.gov.in

By order of
Commissioner -Cum-Secretary to Govt S & MF Dept. & Vice Chairperson, PSSS
OIPR : 27178/11/0024/2526

**AFFIDAVIT**

I Gopal Garg,S/O-Madan Lal Garg Resident At-D.A.V School Lane,Bisra Road, Rourkela,Dist-Sundargarh, Odisha,Pin code 769001 Declare by this Affidavit No-30759, Date-06/10/2025, that now onwards I shall be known as **Gopal Kumar Garg** for all Future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated. 06.10.2025.

1. J Sahiti Address Qtr No.238/c, Retang Colony, Ps-Jatni, Jatni, Dist-Khordha, Odisha-752050 declare that I have changed my name from J. Jagadamba to J Sahiti. Henceforth, I shall be known as J Sahiti for all purposes.

**AFFIDAVIT**
(above 18 years of age)

By virtue of an affidavit sworn before Notari Public Bhadrak dated 06.10.2025, I Giridhari Pallai Address at- Mustafapur, PO-Dobal, PS-Dhamnagar, Dist- Bhadrak, Odisha, Pin-756117, declare that I have changed my name from Madan Pallai to Giridhari Pallai. Henceforth I shall be known as Giridhari Pallai for all purposes.

Sd/- Giridhari Pallai
(New name)

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT: SAMBALPUR (ODISHA),
PHONE: 0663-2950721 (0), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-PUR-91, Vol-IV/6627 Date : 04.10.2025

**TENDER CALL NOTICE NO. HHEP-57/2025**

CAD-1933 : Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized Dealers / Authorized Channel Partners only for supply, supervision of installation, testing and commissioning of the following materials as mentioned below)

| Description of work / Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply, Supervision of installation, testing & Commissioning of 59Nos of VRLA Batteries (02V, 375AH) in factory charged condition as per IS 15549 along with stand and required connector and standard accessories on buy back of 59 Nos of old batteries (02V, 375AH) for 05KVA UPS of Unit No-1 & 2 of Burla Power House | Rs. 4720/- (Rs. 4000 + GST @ 18% | 7950/- |

- Period of sale/download of tender document : 09.10.2025 (10.00AM) to 22.10.2025 upto05.30PM
- Last date & Time of receipt of tender document: 23.10.2025 upto03.30PM
- Date & Time of opening of Techno Commercial bid : 23.10.2025 at 04.00PM
- Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpcltd.com

OIPR : 04007/11/0075/2526 Sd/- C&PHead, HHEP, Burla

**QUOTATION CALL NOTICE FOR ENGAGEMENT OF TRAWLER FOR SEA PATROLLING DURING 2025-26 SEASON FOR PROTECTION & CONSERVATION OF OLIVE RIDLEY SEA TURTLES.**

MM-218

**DTCN-02/2025-26 of Puri (WL) Division : Puri**

Sealed quotations in plain paper/letterheads are invited from the intending owners having more than one SON A-type trawler with 400 BHP with a valid license along with insurance cover for "Engagement on the hire basis for Sea Turtle Protection duty during 2025-26 seasons." The period of engagement shall normally be from November 2025 to March 2026. The owners are to quote the monthly hire charges inclusive of all taxes, if any. but not the cost of fuel, which will be borne by this division. The detailed terms and conditions for the engagement of the trawler can be obtained from the Office of the undersigned during office hours from 03rd October, 2025 onwards. The quotation for hiring of the trawler (400 BHP) is to be submitted separately.

Sealed quotations are invited **from 08/10/2025 at 10:00 AM to 22/10/2025, up to 3:00 PM**. The quotations will be **opened on 23/10/2025 at 1:00 PM** in the conference hall of the undersigned. The undersigned reserves the right to accept or reject any quotation without assigning any reason thereof.

OIPR : 08140/11/0016/2526
Sd/- Divisional Forest Officer
Puri (WL) Division, Puri

e-mail : rwd_gajapati@yahoo.co.in

**GOVERNMENT OF ODISHA, OFFICE OF THE SUPERINTENDING ENGINEER RURAL WORKS DIVISION GAJAPATI PARLAKHEMUNDI**

O-846

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender-03/GJP/2025-26**

1. Name of the Work : Building Works
2. Total No. Work : 10 (Ten) No. of Building Works
3. Estimated Cost : Rs. 39.47 lakhs to 38.54 lakhs
4. Class of Contractor : 'C' & 'B' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 08.10.2025 at 10.00 A.M. to 15.10.2025 up to 5.00 PM.
7. Date and Time of Opening of Tender : 16.10.2025 at 11.00 A.M.
8. Place of Opening : As per Annexure

Further details can be seen from the Website **www.tenderorissa.gov.in**

Sd/- EXECUTIVE ENGINEER
R.W. DIVN. GAJAPATI
OIPR : 25158/11/0024/2526

**Government of Odisha : Office of the Superintending Engineer Rural Works Division-I, Nabarangpur.**
e-mail-eerwngp@rediffmail.com

Letter No : 5258 Date : 24.09.25
O-859

**e-Procurement Notice**

Name of the work : CD Works
Total No of works : 03 (Three) No's.
Approx. Estimated Cost : Rs. 22.88 lakhs to Rs. 63.56 lakhs
Class of Contractor : "B", "C" Class Contractor
Period of completion : 04 (Four) Calender Months

| Procurement Officer | Bid Identification No. | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | 7 |
| Rural Works Division-I, Nabarangpur | EERWNGP - Online 05/2025-26 | 03 (Three) No's. | 08.10.2025 at 10.00 AM | 18.10.2025 up to 03.00 PM | 20.10.2025 at 11.00 AM | To be Intimated Separately |

For Details can be seen from the Government website **www.tendersorissa.gov.in**

Sd/- Executive Engineer
Rural Works Division-I, Nabarangpur
OIPR : 25092/11/0021/2526

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୬୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୩୧୩୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ମୁମ୍ବାଇରେ ପ୍ରଥମ ଷ୍ଟେନଲେସ୍ ଷ୍ଟିଲ୍ ଫେବ୍ରିକେସନ୍ ଏକକ ଉନ୍ମୋଚନ କଲା ଜିନ୍ଦଲ ଷ୍ଟେନଲେସ୍

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ମୁମ୍ବାଇର ପାଟଲଗଙ୍ଗା ଅଂଚଳରେ ୱାଶିଭାଲିରେ ତାହାର ପ୍ରଥମ ଷ୍ଟେନଲେସ୍ ଷ୍ଟିଲ୍ ଫେବ୍ରିକେସନ୍ ଏକକ ଉନ୍ମୋଚନ କରିଛି, ଯାହା ଏକୀକୃତ ଭିତିଭୂମି ଶ୍ରେଷ୍ଠତ୍ୱରେ ନୂଆ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ୪ ଲକ୍ଷ ବର୍ଗଫୁଟ ବିଶିଷ୍ଟ ଏହି ସୁବିଧା ବ୍ରିଜ୍ କ୍ଷେତ୍ରର ଆବଶ୍ୟକତା ପୂରଣ କରିବ ଏବଂ ବିଭିନ୍ନ ପ୍ରକାରର ଗାର୍ଡର ସମେତ ଗୁରୁତ୍ୱପୂର୍ଣ୍ଣ ଉପାଦାନ ନିର୍ମାଣ ଉପରେ ଧ୍ୟାନ ଦେବ। ଏହି ଏକକଟି ତରୁଣ ଖୁଲବେ, ସିଇଓ ଓ ସିଏଫଓ, ଜିନ୍ଦଲ୍ ଷ୍ଟେନଲେସ୍ ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ଏବଂ ତାଙ୍କ ସହିତ ଜିନ୍ଦଲ ଷ୍ଟେନଲେସ୍‌ର ବିକ୍ରୟ ମୁଖ୍ୟ ରାଜୀବ ଗର୍ଗ ଉପସ୍ଥିତ ଥିଲେ। ୧୨୫ କୋଟି ଟଙ୍କାରୁ ଅଧିକ ପ୍ରାରମ୍ଭିକ ନିବେଶ ସହିତ ନିର୍ମିତ ଏହି ସୁବିଧା କମ୍ପାନୀ ପାଇଁ ଏକ କୌଶଳଗତ ଅଗ୍ରଗତି ଚିହ୍ନିତ କରୁଛି, ଯାହା ଷ୍ଟେନଲେସ୍ ଷ୍ଟିଲ୍ ସାମଗ୍ରୀ ଯୋଗାଣକାରୀରୁ ଆରମ୍ଭ କରି ଭାରତର ଦ୍ରୁତ ବିକାଶମାନ ଭିତିଭୂମି କ୍ଷେତ୍ର ପାଇଁ ସମ୍ପୂର୍ଣ୍ଣ ଫେବ୍ରିକେସନ୍ ସମାଧାନ ପ୍ରଦାନ କରିବାକୁ ଏହାର ଅବସ୍ଥାନକୁ ମଜବୁତ କରୁଛି। ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ଏହି ଏକକ ବାର୍ଷିକ ୧୮,୦୦୦ ଟନ୍ ଫେବ୍ରିକେସନ୍ କ୍ଷମତା ହାସଲ କରିବ ବୋଲି ଆଶା କରାଯାଉଛି, ଯାହା ଚଳିତ ଆର୍ଥିକ ବର୍ଷରେ ଆନୁମାନିକ ୪,୦୦୦ ଟନ୍‌ରୁ ଅଧିକ, ଯାହା ଏହି ବିକାଶ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରି ଜିନ୍ଦଲ ଷ୍ଟେନଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ଏହି ଫେବ୍ରିକେସନ୍ ଏକକ ଆମ ଗ୍ରାହକମାନଙ୍କୁ ଏକୀକୃତ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।



ଦୀର୍ଘମିଆଦି ଓ ଉଚ୍ଚ-ଗୁଣସମ୍ପନ୍ନ ବ୍ରିଜ୍ ଭିତିଭୂମିର ବୃଦ୍ଧିଶୀଳ ଚାହିଦାକୁ ପୂରଣ କରିବ। କ୍ଷମତା ବୃଦ୍ଧି ବ୍ୟତୀତ, ଏହି ଏକକ ସିଧାସଳଖ ୨୫୦ରୁ ଅଧିକ ଚାକିରି ସୃଷ୍ଟି କରିବ ଏବଂ ୧୫୦ରୁ ଅଧିକ ପରିବାରକୁ ପରୋକ୍ଷ ଭାବେ ଉପକୃତ କରିବ, ସହିତ ଏହା ଦକ୍ଷତା ବିକାଶର ଏକ ଶ୍ରେଷ୍ଠତ୍ୱ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହା ଭାରତର ଶ୍ରମଶକ୍ତିକୁ ଆଗାମୀ ଭିତିଭୂମି ପାଇଁ ସଜ୍ଜିତ କରିବ। ବ୍ରିଜ୍ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଜକ, ଯାହା ଲୋକ, ବ୍ୟବସାୟ ଓ ଦେଶର ଅର୍ଥନୈତିକ କାର୍ଯ୍ୟକଳାପକୁ ସଂଯୋଗ କରେ। ଏହି ଫେବ୍ରିକେସନ୍ ଏକକ ସହିତ, ଆମେ ନିଶ୍ଚିତ କରୁଛୁ ଯେ ଏହି ଗୁରୁତ୍ୱପୂର୍ଣ୍ଣ ଗଠନଗୁଡ଼ିକ ଗୁଣବତା, ନିର୍ଭରଯୋଗ୍ୟତା ଏବଂ ଦୀର୍ଘକାଳୀନ ମାନଦଣ୍ଡରେ ନିର୍ମିତ ହେଉଛି, ଯାହା ଭାରତର ବ୍ୟାପକ ଇନଫ୍ରାଷ୍ଟ୍ରକଚର ବୃଦ୍ଧିକୁ ସମର୍ଥନ କରେ।

# ଡ଼ ନାରାୟଣ ମହାପାତ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର (ସବ୍ୟୁ): ଡ଼ ନାରାୟଣ ମହାପାତ୍ରଙ୍କୁ ନାଇଜେରିଆ ର ୬୫ ତମ ସ୍ୱାଧୀନତା ଦିବସ ଅବସରରେ ଏମ୍ବାଇରେ ଅଫ୍ ପିସ ଉଗାଣ୍ଡା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମାଜ ସେବାରେ ନିଜକୁ ନିୟୋଜିତ କରି ଥିବା ଡ଼ ମହାପାତ୍ର ଅ ବହେଳିତ ବରିଷ୍ଠ ନାଗରିକ ଓ ଅବହେଳିତ ଛୋଟ ପିଲାମାନଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଦୀର୍ଘ ଦିନରୁ କରି ଆସୁଛନ୍ତି। ସେମାନ ଙ୍କ ସାଙ୍ଗେ କିଛି ସମୟ ରହି ସେମାନଙ୍କୁ ଖୁସି ଦେବା ତାଙ୍କର ମୂଳ ଲକ୍ଷ୍ୟ। ରକ୍ତଦାନ କାର୍ଯ୍ୟକ୍ରମ ଓ ଅବହେଳିତ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସମୟ ଦାନ କରି ସେ ଉଲ୍ଲେଖ ନିୟ କାର୍ଯ୍ୟ କରିଛନ୍ତି। ଶ୍ରୀ ମହାପାତ୍ର ପୂର୍ବରୁ ମଧ ରାଜ୍ୟ, ଦେଶ ଓ ଦେଶ ବାହାରୁ ମାନବ ମଙ୍ଗଳ କାର୍ଯ୍ୟ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

## ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ କେଳେଙ୍କାରୀ

# ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ

ଭୁବନେଶ୍ୱର, (ସବ୍ୟୁ): ପୁଲିସ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତା ବିରୋଧରେକୁ ବିଜୁ ଯୁବ ଛାତ୍ର ଜନତା ଦଳ ନେତୃତ୍ୱରେ ଭୁବନେଶ୍ୱର ଠାରେ ହୋଇଛି ଜୋରଦାର ପ୍ରତିବାଦ । ପୁଲିସ ଏସ୍ଆଇ ନିଯୁକ୍ତିରେ ବ୍ୟାପକ ଅନିୟମିତତା ନେଇ ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆରମ୍ଭରୁ ଘଟଣାର ସିବିଆଇ ତଦନ୍ତ ଦାବି କରି ଆସୁଛି ବିଜେଡି । ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆନଗଲେ ଆଗକୁ ଜୋରଦାର ଆନ୍ଦେଳନ କରିବାକୁ ଚେତାବନୀ ଦେଇଛି ବିଜୁ ଯୁବ ଛାତ୍ର ଜନତା ଦଳ ।

ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଗତ ପନ୍ଦର ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି । ପୋଲିସ ଏସଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା । ଏହାକୁ ଅକ୍ଟୋବର ୭ ଓ ୮ରେ




କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉଥରେ ବାତିଲ କରାଯାଇଛି । ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ ଶ୍ରୀକାକୁଲମ ପୋଲିସ ଦ୍ୱାରା ଗିରଫ କରାଯାଇଛି । ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି । ଗିରଫ ପରୀକ୍ଷାର୍ଥୀ ମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି । ପ୍ରାୟ ୨୦୦ କୋଟି ଟଙ୍କାର ଏହି ଜାଲିଆତି ହୋଇଥିବା କୁହାଯାଉଛି । କିନ୍ତୁ, ଏଠାରେ ପ୍ରଶ୍ନ ଉଠୁଛି ଯେ, ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀ ମାନେ ଯଦି ଗିରଫ ହେଲେ, ତାହେଲେ ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ ଗିରଫ ହେଉ ନାହାନ୍ତି କାହିଁକି?

କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭିଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜୁ ଯୁବ ଛାତ୍ର ଜନତା ଦଳ ପ୍ରଶ୍ନ କରିଛି । ଏବେ ଘଟଣାର ତଦନ୍ତ ପୋଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ । ଚାକିରି ଚୋର, ଗାଦି ଛାଡ଼ ସରକାର ବିରୋଧରେ ହେଇଥିବା ଏହି ଆନ୍ଦୋଳନରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦୁଇ ସଭାପତି ଚିନ୍ମୟ ସାହୁ ଓ ଇପ୍ସିତା ସାହୁଙ୍କ ସହିତ ଦଳର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼େଇ, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ମନ୍ମଥ ରାଉତରାୟ ଓ ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭକ୍ତ ଦାସିଆ ପୀଠରେ ମା ବିମଳାଙ୍କ ମହାଲକ୍ଷ୍ମୀ ପୂଜା

ପିପିଲି , (ସବ୍ୟୁ): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନାପୀଠ ପିପିଲି ନିକଟସ୍ଥ ବାଲିଗାଁଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପାଶ୍ୱମନ୍ଦିରରେ ମା ମହାଲକ୍ଷ୍ମୀଙ୍କ ଏକ ଦିବସିୟ ଯଜ୍ଞ ଉସିବ ମହାସମାରୋହରେ ଭକ୍ତ ଦାସିଆ ସ୍ମୃତି କମିଟି ଆନୁକୂଲ୍ୟରେମହାସମାରୋହରେ ପାଳିତ ହୋଇଯାଇଛି । ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ତଥା ସମସ୍ତ ପାଶ୍ୱର୍ ମନ୍ଦିରରେ ଦୈନନ୍ଦିନ ଦେବନୀତିସହିତ ମହାଲକ୍ଷ୍ମୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତିର ଆୟୋଜନ ସହିତ ମା ମହାଲକ୍ଷ୍ମୀଙ୍କ ନୂତନ ବସ୍ତ୍ର ପରିଧାନ, ବିଭିନ୍ନସ୍ୱଜାତୀୟ ପୁଷ୍ପ ସଜ୍ଜା, ଅଖଣ୍ଡ ନାମ ସଂକୀର୍ତ୍ତନ ମଧ୍ୟରେ ଯଜ୍ଞ କାର୍ଯ୍ୟରେ ମୁଖ୍ୟକର୍ତ୍ତା ଭାବେ ସ୍ୱରୂପ କୁମାର ସାହୁ ଓ ତାଙ୍କଧର୍ମପନି ଶ୍ରୀମତୀ ତୃପ୍ତିମୟୀ ସାହୁ କାର୍ଯ୍ୟନିର୍ବାହ କରିଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟପୂଜକ ଶ୍ରୀଲିଙ୍ଗରାଜ ପଣ୍ଡାଓ ସହାୟକ ପୂଜକ ଶ୍ରୀ ପ୍ରସନ୍ନ କୁମାର ପଣ୍ଡା ଯଜ୍ଞକାର୍ଯ୍ୟ ନିର୍ବାହ କରିଥିଲେ । ପୁଷ୍ପାଞ୍ଜଳୀରେ ଅନେକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଅଖଣ୍ଡ ନାମ ସଂକୀର୍ତ୍ତନ ଭକ୍ତ ଦାସିଆଙ୍କ ସମାଧି ପୀଠରେପରିବେଷଣ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ମନ୍ଦିର, ରାଧାମୋହନ ମଠ, ଐତିହ୍ୟ ପୁଷ୍କରଣୀ ଗୋଠ ଗଡ଼ିଆ, ତୁଳସୀଉଦ୍ୟାନ ନିକଟରେ ବହୁ ସଂଖ୍ୟାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଆସନ୍ତାକାଲିଠାରୁ ନଭେମ୍ବର ମାସ କାର୍ତ୍ତିକପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୬ଟାରୁ ଠାରୁ ସନ୍ଧ୍ୟା୬ଟାପର୍ଯ୍ୟନ୍ତ ଭକ୍ତ ଦାସିଆ ସମାଧି ପୀଠ ସ୍ଥଳରେ ଅଖଣ୍ଡନାମ ସଂକୀର୍ତ୍ତନ କରାଯିବ ।



ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ତାମିଲନାଡୁ ଇଲେକ୍ସନ୍ ଇନ୍‌ଚାର୍ଜ ବୈଜୟନ୍ତ ପଣ୍ଡା ତାମିଲନାଡୁରେ ଦଳିୟ କର୍ମକର୍ତ୍ତାମାନଙ୍କ ସହିତ ଦଳର ସଂଗଠନକୁ ସୁଦୃଢ଼ କରିବା ଉପରେ ଆଲୋଚନା କରୁଛନ୍ତି ।

## ଏୟାରଟେଲ ବିଜିନେସ ପକ୍ଷରୁ

# ଆଇଆରଏସଓସିର ଏକ ବହୁ ବର୍ଷୀୟ ଚୁକ୍ତିନାମା ହାସଲ

ଭୁବନେଶ୍ୱର, (ସବ୍ୟୁ): ଏୟାରଟେଲ ବିଜନେସ ପକ୍ଷରୁ ଭାରତୀୟ ରେଳପଥର ଡିଜିଟାଲ ମେରୁଦଣ୍ଡକୁ ସୁରକ୍ଷିତ ରଖିବା ପାଇଁ ସମ୍ପୂର୍ଣ୍ଣ, ଶିଳ୍ପ ନେତୃତ୍ୱପୂର୍ଣ୍ଣ ସୁରକ୍ଷା ସେବା ଯୋଗାଇବା ପାଇଁ ଭାରତୀୟ ରେଳପଥ ସୁରକ୍ଷା ପରିଚାଳନା କେନ୍ଦ୍ର (ଆଇଆରଏସଓସି) ଠାରୁ ଏକ ବହୁ ବର୍ଷୀୟ ଚୁକ୍ତିନାମା ହାସଲ କରିଛି। ଦେଶର ରେଳ ସେବାଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମ୍ପଦ ଅଟେ ଯାହା ପ୍ରତିଦିନ ୧୩,୦୦୦ରୁ ଅଧିକ ଟ୍ରେନ୍ ଚଳାଚଳ କରିବ ସହିତ୨୦ ନିୟୁତରୁ ଅଧିକ ଯାତ୍ରୀଙ୍କୁ ସେବା ପ୍ରଦାନ କରୁଛି ଏବଂ ପ୍ରତିଦିନ ଲକ୍ଷ ଲକ୍ଷ ଡିଜିଟାଲ କାରବାର ସକ୍ଷମ କରିବା ଏବଂ ବାର୍ଷିକ ୧.୫ ବିଲିୟନରୁ ଅଧିକ ଟନ୍ ମାଲ ପରିବହନ କରୁଛି। ଗ୍ରାହକମାନଙ୍କ ସମ୍ବେଦନଶୀଳ ପରିଚୟ, ଦେୟ ବିବରଣୀ ଏବଂ ଟିକଟିଂ, ଟ୍ରେନ୍ ଟ୍ରାକିଂ, ମାଲ ପରିବହନ ଏବଂ ସଙ୍କେତ ପ୍ରଣାଳୀ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ ଡାଟାବେସ୍ ସହିତ ଏହି ବିପୁଳ ପ୍ରବାହିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସୁରକ୍ଷିତ ରଖିବା ବର୍ତ୍ତମାନର ବଢୁଥିବା ସାଇବର ବିପଦର ଯୁଗରେ ଅତ୍ୟନ୍ତ ଜରୁରୀ।

ଉନ୍ନତ ଏବଂ କେନ୍ଦ୍ରୀଭୂତ ସୁରକ୍ଷା ନିୟନ୍ତ୍ରଣ ସହିତ ଏୟାରଟେଲ ବିଜନେସ ରେଳବାଇର ବିସ୍ତୃତ ଡାଟାବେସକୁ ସୁରକ୍ଷିତ କରିବା ପାଇଁ ବହୁ-ସ୍ତରୀୟ ସୁରକ୍ଷା ଗଠନ କରିବ। ଏକ ସ୍ଥିତିସ୍ଥାପକ ଏବଂ ନିୟମାନୁଯାୟୀ ସୁରକ୍ଷିତ ବ୍ୟାକଏଣ୍ଡ ନିଶ୍ଚିତ କରିବ। ଏୟାରଟେଲ ବିଜନେସ ଦେଶର ରେଳ ସେବାଗୁଡ଼ିକର ଏଣ୍ଡ ଟୁ ଏଣ୍ଡ ଡିଜିଟାଲ କାର୍ଯ୍ୟକାରିତାକୁ ମଧ ସୁରକ୍ଷିତ ରଖିବ ଯେଉଁଥିରେ ୨୬ଟି ସ୍ଥାନରେ ବିସ୍ତାରିତ ୧,୬୦,୦୦୦ କର୍ମଚାରୀ ରହିଛନ୍ତି। ଏହି ପ୍ରଯୁକ୍ତି ଷ୍ଟାକ ବଜାରର ନେତୃତ୍ୱଶୀଳ ପ୍ରଯୁକ୍ତି ସହିତ ଉନ୍ନତ 'ମେକ ଇନ ଇଣ୍ଡିଆ' ସାଇବର ସୁରକ୍ଷା ଉତ୍ପାଦକୁ ସାମିଲ କରିବ ଏବଂ ଗୁରୁତ୍ୱପୂର୍ଣ୍ଣ ମୂଳଢାଞ୍ଚା ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଏକ ସାର୍ବଭୌମ, ସମ୍ପୂର୍ଣ୍ଣ ନିୟମାନୁଯାୟୀ ଏବଂ ଏଆଇ-ସମନ୍ୱିତ ସୁରକ୍ଷା ପରିବେଶ ପ୍ରଦାନ କରିବ।

## ଏନ୍ଏସ୍ଇ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ବ୍ଲକ

# ବୋନମାରୋ ଟ୍ରାନ୍ସପ୍ଲାଣ୍ଟ ସେଣ୍ଟର ପାଇଁ ଭୂମିପୂଜା




ଭୁବନେଶ୍ୱର, (ସବ୍ୟୁ) : ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ଏହାର ସିଏସଆର ଅଭିଯାନର ଅଂଶ ଭାବେ ନଭି ମୁମ୍ବାଇରେ ଏକ ଉଲ୍ଲେଖନୀୟ ଜି+୧୧-ଷ୍ଟୋରେ କ୍ୟାନ୍‌ସର ହସ୍ପିଟାଲ ପ୍ରକଳ୍ପ ସହିତ ମଲ୍ଟିସ୍ପେଶାଲିଟି ବ୍ଲକ ଓ ୬୦-ବେଡ୍ ବୋନ ମାରୋ ଟ୍ରାନ୍ସପ୍ଲାଂଟ (ବିଏମଟି) ସେଂଟର ପାଇଁ ଟାଟା ମେମୋରିଆଲ ସେଣ୍ଟର (ଟିଏମସି) ସହ ହାତ ମିଳାଇଛି । ଏହି ସେଣ୍ଟର ଦକ୍ଷିଣ ଏସିଆର ଅନ୍ୟତମ ସର୍ବବୃହତ ଓ ଦେଶର ସର୍ବବୃହତ ସେଣ୍ଟର ହେବ । ଏହା ବାର୍ଷିକ ହାରାହାରି ୧.୩ ଲକ୍ଷ ଓପିଡି ରୋଗୀଙ୍କୁ ସେବା ଯୋଗାଇବ ବୋଲି ଆକଳନ କରାଯାଉଛି ଏବଂ ଏଠାରେ ପ୍ରତି ବର୍ଷ ୬୦୦ରୁ ଅଧିକ ଜୀବନ ରକ୍ଷାକାରୀ ବିଏମଟି ପଦ୍ଧତି ପରିଚାଳନା କରିବା ପାଇଁ କ୍ଷମତା ରହିବ । ଏହି ପ୍ରକଳ୍ପକୁ ୨.୪ ଲକ୍ଷ ବର୍ଗଫୁଟ ଅଂଚଳରେ ୩୮୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ । ଏହା ଜୁଲାଇ ୨୦୨୭ ସୁଦ୍ଧା ପରିଚାଳନା ଆରମ୍ଭ କରିବାର ସମ୍ଭାବନା ରହିଛି । ଲାର୍ସେନ ଆଣ୍ଡ ଟର୍ବୋ (ଏଲ୍ଆଣ୍ଡଟି) ଇପିସି ମୋଡରେ ଏହି ପ୍ରକଳ୍ପର ନିର୍ମାଣ କରିବ । ଏହି ସେଂଟର ପାଇଁ ଏନଏସଇ ଓ ଟିଏମସିର ପ୍ରତିନିଧି ଓ ହିତାଧିକାରୀଙ୍କ ଉପସ୍ଥିତିରେ ଭୂମି ପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏନଏସଇ ପକ୍ଷରୁ ଟାଟା ମେମୋରିଆଲ ସେଣ୍ଟର ଦ୍ୱାରା ସ୍ଥାପିତ ନଭି ମୁମ୍ବାଇର ଆଡ୍‌ଭାନ୍ସଡ ସେଂଟର ଫର ଟ୍ରିଟମେଂଟ, ରିସର୍ଚ୍ଚ ଆଣ୍ଡ ଏଜୁକେଶନ ଇନ କ୍ୟାନସର (ଏସିଟିଆରଇସି) ସହ ସହଭାଗିତା କରାଯାଇଛି । ନଭି ମୁମ୍ବାଇରେ ଏସିଟିଆରଇସି କ୍ୟାମ୍ପସରେ ଏକ ଜି+୧୧ ଷ୍ଟୋରେ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ବ୍ଲକ ଆଣ୍ଡ ବୋନ ମାରୋ ଟ୍ରାନ୍ସପ୍ଲାଂଟ ସେଂଟର୍ ବିକଶିତ କରିବା ପାଇଁ ଏହି ସହଭାଗିତା ହୋଇଛି । ମାର୍ଚ୍ଚ ୨୦୨୩ରେ ଏନଏସଇ ବୋର୍ଡ ଏହି ପ୍ରକଳ୍ପକୁ ଅନୁମୋଦନ ଦେଇଥିଲା ଏବଂ ଟିଏମସି ସହ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ।

## ବେଦାନ୍ତ ଆଲୁମିନିୟମ କାର୍ଯ୍ୟସ୍ଥଳ ତଥା

# ସାମ୍ପ୍ରଦାୟିକ ପଦକ୍ଷେପ ମାଧ୍ୟମରେ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ଝାରସୁଗୁଡ଼ା ଏବଂ ଲାଞ୍ଜିଗଡ଼ କାର୍ଯ୍ୟସ୍ଥଳରେ ପ୍ରଭାବଶାଳୀ ପଦକ୍ଷେପ ତଥା ବିଶ୍ୱବ୍ୟାପୀ "ବିଟ୍ ମିସ୍ କରନ୍ତୁ ନାହିଁ" ବିଷୟବସ୍ତୁ ସହିତ ବିଶ୍ୱ ହୃଦୟ ଦିବସ ୨୦୨୫ ପାଳନ କରିଛି। କାର୍ଯ୍ୟକ୍ରମଗୁଡ଼ିକ ବିଶ୍ୱବ୍ୟାପୀ ଅକାଳ ମୃତ୍ୟୁର ଏକ ପ୍ରମୁଖ କାରଣ ହୃଦରୋଗ (ସିଭିଡି) ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରତିରୋଧକ ପରାମର୍ଶ ଏବଂ ଜୀବନ ରକ୍ଷାକାରୀ ଜରୁରୀକାଳୀନ ପ୍ରତିକ୍ରିୟା କିଟ୍ ବଂଟନ ମାଧ୍ୟମରେ ପ୍ରସ୍ତୁତିକୁ ସୁଦୃଢ଼ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। କମ୍ପାନିର ଆଲୁମିନା ରିଫାଇନାରୀ ଲାଞ୍ଜିଗଡ଼ରେ, ବୃତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ହୃଦରୋଗ ବ୍ୟାଧି ଉପରେ ଏକ ବିସ୍ତୃତ ସଚେତନତା ଅଧିବେଶନ ଆୟୋଜନ କରିଥିଲା, ଯେଉଁଥିରେ ହୃଦରୋଗର ପ୍ରାରମ୍ଭିକ ଲକ୍ଷଣ, ସମ୍ବନ୍ଧିତ ବିପଦ ଏବଂ ପ୍ରତିରୋଧକ ରଣନୀତି ଅନ୍ତର୍ଭୁକ୍ତ କରାଯାଇଥିଲା। ସନ୍ଦେହଜନକ ହୃଦରୋଗ ପାଇଁ ଏକ ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ପ୍ରତିକ୍ରିୟା କିଟ୍, ଲୋଡିଂ ଡୋଜ୍ କିଟ୍ ର ଶୁଭାରମ୍ଭ ଥିଲା ମୁଖ୍ୟ ଆକର୍ଷଣ। ଅଧିବେଶନ ସମୟରେ ୧୦୦ ରୁ ଅଧିକ କିଟ୍ ବଂଟନ କରାଯାଇଥିଲା, ଝାରସୁଗୁଡାରେ, ପାଂଚଟି ଗ୍ରାମରେ ସଚେତନତା ଅଧିବେଶନ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା - ବଞ୍ଜାରୀ, ଚିଥିଆପଡ଼ା, ଡାଲକି, ଶିବରାମପୁର ଏବଂ ସୁନାରିମୁଣ୍ଡା। ଚିକିତ୍ସା ବିଶେଷଜ୍ଞଙ୍କ ନେତୃତ୍ୱରେ,




ଆଗାମୀ ମାସଗୁଡ଼ିକରେ ସଚେତନତା ଅଭିଯାନ ସହିତ ଅତିରିକ୍ତ ୯୦୦ କିଟ୍ ପ୍ରସାରଣ କରିବାର ଯୋଜନା ରହିଛି ଯାହା କାର୍ଯ୍ୟଶକ୍ତିରେ ପ୍ରସ୍ତୁତିକୁ ବିସ୍ତାର କରିବ। ଅଧିବେଶନରେ କର୍ମଚାରୀ ଏବଂ ବରିଷ୍ଠ ନେତୃତ୍ୱ ଦଳର ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।

ବେଦାନ୍ତ ଆଲୁମିନିୟମର ମେଗା ଆଲୁମିନିୟମ ସ୍ମେଲଟର ଏହି ଅଭିଯାନରେ ସିଭିଡି ନିବାରଣ, ନିୟମିତ ଯାଂଚର ଗୁରୁତ୍ୱ ଏବଂ ଜୀବନଶୈଳୀ ପରିବର୍ତ୍ତନ ଉପରେ ପାରସ୍ପରିକ ଆଲୋଚନା କରାଯାଇଥିଲା, ତା'ପରେ ସ୍ଥାନରେ ସ୍କ୍ରିନିଂ କରାଯାଇଥିଲା। ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀ ମଧ ବଂଟନ କରାଯାଇଥିଲା, ଯାହା ଦ୍ୱାରା ୩୦୦ ରୁ ଅଧିକ ଗ୍ରାମବାସୀ ଉପକୃତ ହୋଇଥିଲେ। ଏହା ଉପରେ ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ଏକ ସମୃଦ୍ଧ କର୍ମଶକ୍ତି ଏବଂ ସୁସ୍ଥ ପଡ଼ୋଶୀକୁ ସ୍ଥାୟୀ ଅଭିବୃଦ୍ଧିର ମୂଳଦୁଆ ଭାବରେ ଦେଖୁ। ପ୍ରତିରୋଧକ ସ୍କ୍ରିନିଂ ଏବଂ ସଚେତନତା ଅଭିଯାନ ଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ଜରୁରୀକାଳୀନ ପ୍ରସ୍ତୁତି ପର୍ଯ୍ୟନ୍ତ ବର୍ଷସାରା ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ, ଆମେ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛୁ। ଆମର ବିଶ୍ୱ ହୃଦୟ ଦିବସ ପାଳନ ହେଉଛି ଏପରି ଏକ ଉଦାହରଣ ଯେ ଆମେ କିପରି ଯତ୍ନକୁ କାର୍ଯ୍ୟ ସହିତ ମିଶ୍ରଣ କରୁ, ଏହା ନିଶ୍ଚିତ କରେ ଯେ ଆମର କର୍ମଶକ୍ତି ଏବଂ ଆମ ଚାରିପାଖର ସମ୍ପ୍ରଦାୟ ଉଭୟ ସୂଚିତ, ସୁରକ୍ଷିତ ଏବଂ ସୁସ୍ଥ ଜୀବନଯାପନ ପାଇଁ ସଶକ୍ତ।

ବିଶ୍ୱ ହୃଦୟ ଦିବସ ପଦକ୍ଷେପଗୁଡ଼ିକ ବେଦାନ୍ତ ଆଲୁମିନିୟମର ବୃହତ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ ଉପରେ ନିର୍ମାଣ କରେ, ଯାହା ଭାରତର କିଛି ଅବହେଳିତ ସମ୍ପ୍ରଦାୟକୁ ସୁଲଭ, ଗୁଣାତ୍ମକ ସେବା ପ୍ରଦାନ କରେ। କମ୍ପାନୀ କଳାହାଣ୍ଡିରେ ହସ୍ପିଟାଲ, ଝାରସୁଗୁଡା ଏବଂ ଲାଇକେରାରେ ଉନ୍ନତ ଡାଇଗ୍ନୋଷ୍ଟିକ୍ ସେଂଟର ଏବଂ ନୟା ରାୟପୁରରେ ୧୭୦ ଶଯ୍ୟା ବିଶିଷ୍ଟ କର୍କଟ ହସ୍ପିଟାଲ, ବାଲ୍କୋ ମେଡିକାଲ୍ ସେଂଟର ପରିଚାଳନା କରେ। ଏହା ସହିତ, ମୋବାଇଲ୍ ହେଲ୍ଥ ୟୁନିଟ୍‌ଗୁଡ଼ିକର ସିଧାସଳଖ ଲୋକଙ୍କ ଦ୍ୱାରଦେଶରେ ପରାମର୍ଶ, ରୋଗ ନିର୍ଣ୍ଣୟ ଏବଂ ଔଷଧ ପହଂଚାଇଥାଏ, ଯେତେବେଳେ କମ୍ୟୁନିଟି ଆଉଟରିଚ୍ କାର୍ଯ୍ୟକ୍ରମଗୁଡ଼ିକ ମେଗା ହେଲ୍ଥ କ୍ୟାମ୍ପ ଏବଂ ମୋତିଆବିନ୍ଦୁ ଅସ୍ତ୍ରୋପଚାରଠାରୁ ଆରମ୍ଭ କରି ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ, ଏଚଆଇଭି/ଏଡ୍ସ, ଟିବି, କର୍କଟ ଏବଂ ଦୀର୍ଘକାଳୀନ ରୋଗ ଉପରେ ସଚେତନତା ଅଭିଯାନ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ। ଏକତ୍ର, ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କର୍ମଶକ୍ତି ସହିତ ସୁସ୍ଥ ସମ୍ପ୍ରଦାୟ ଗଠନ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ଫୁଲନଖରା-ନିଆଳି ୬୦ ନମ୍ବର ରାଜ ରାଜପଥ ଅବସ୍ଥା ଶୋଚନୀୟ

କଣ୍ଟାପଡ଼ା, (ସବ୍ୟୁ):ଫୁଲନଖରା-ନିଆଳି ୬୦ ନମ୍ବର ରାଜ ରାଜ୍ୟପଥ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଶୋଚନୀୟ ଅବସ୍ଥାରେ ରହିଛି । ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇ ସେଥିରେ ବର୍ଷା ପାଣି ଜମି ରହିବାଦ୍ୱାରା ଦୈନିକ ଦୁର୍ଘଟଣା ଘଟୁଛି । କଟକ ପୂ ବିଭାଗ ଅଧିନରେ ଥିବା ଏହି ୩୨ କିଲୋମିଟର ଦୈର୍ଘ ରାସ୍ତାରେ ପ୍ରତିଦିନ ଶହ ଶହ ସଂଖାରେ ଯାତ୍ରୀବାହୀ ବସ ଓ ଅନାନ ଯାନ ଚଳାଚଳ କରିଥାଏ । ମାତ୍ର ରାସ୍ତା ଭାଙ୍ଗିରୁଜି ଖାଲଖମାରେ ପରିଣତ ହେବା ସହିତ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏତଦ ବତୀତ ବୁଲା ଗୋରୁଙ୍କ ଅବାଧ ବିଚରଣ ମଧ ଉଦବେଗର କାରଣ ପାଲଟିଛି । ରାତି ସମୟରେ ବୁଲା ଗୋରୁ ଓ ଷ,, ରାସ୍ତାରେ ଶୋଇ ରହିବାରୁ ବାଇକ ଆରୋହୀ ଜାଣିନପାରି ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଗତ ୨୨ତାରିଖରେ ଓଲଟପୁର ଥାନା ଅନ୍ତ"ର୍ଗତ ପିଙ୍ଗାପଡ଼ା ଅଞ୍ଚଳର ଦୁଇ ଜଣ ବାଇକ ଆରୋହୀ ଆମ୍ରପଲ୍ଲୀ ଛକରେ ଶୋଇଥିବା ଷ,, ସହ ଧକ୍କା ହୋଇ ଗୁରୁତର ଆହତ ହୋଇଥିଲେ ।

# ଆସିବେ ମୁଖ୍ୟମନ୍ତ୍ରୀ : ମହୋତ୍ସବ ପଡିଆରେ ତଦାରଖ କଲେ କଟକ ଜିଲ୍ଲାପାଳ

ବାଙ୍କୀ ,(ସବ୍ୟୁ): କୁମାର୍ ପୂର୍ଣ୍ଣିମା ତିଥିରେ ମଙ୍ଗଳ ବାର ସନ୍ଧ୍ୟାରେ ଆରମ୍ଭ ହେବ ବାଙ୍କୀ ରଗଣ ପର୍ବ ବାଙ୍କୀ ମହୋତ୍ସବ ୨୦୨୫ । ଚଳିତ ବର୍ଷ ବାଙ୍କୀ ମହୋତ୍ସବ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ର ଶତ ବାର୍ଷିକ ଉତ୍ସବ ରେ ଯୋଗ ଦେଇ ପରେ ବାଙ୍କୀ ର ଅଧିଷ୍ଠାତ୍ରୀ ଦେବୀ ମା ଚର୍ଚ୍ଚିକାଙ୍କୁ ଦର୍ଶନ କରିବା ପରେ ମହୋତ୍ସବ ମଣ୍ଡପରେ ସାଧାରଣ ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ଗ୍ରସ୍ତକୁ ନେଇ କଟକ ଜିଲ୍ଲାପାଳ ଦତ୍ତା ତ୍ରୟ ଭାଉ ସାହେବ ସିନ୍ଦେ ବାଙ୍କୀରେ ପହଞ୍ଚି ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରା,ତହସିଲଦାର ଅଶେଷ କୁମାର୍ ନାୟକ ଓ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି । ସେଠାରୁ ମାଆ ଚର୍ଚ୍ଚିକାଙ୍କ ମନ୍ଦିର ପରିସର ନିକଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । କିଭଳି ଭାବେ ସୁରୁଖୁରୁରେ ମୁଖ୍ୟମନ୍ତ୍ରୀ ମାଆ ଚର୍ଚ୍ଚିକାଙ୍କୁ ଦର୍ଶନ କରିବେ ସେ ନେଇ ପ୍ରଶାସନିକ ସ୍ତର ରେ ପ୍ରତି ମୁହୂର୍ତ୍ତରେ ତଦାରଖ ଚାଲିଛି ।



# ନଭେମ୍ବରରେ ୨ ଟି ପର୍ଯ୍ୟାୟରେ ବିହାର ବିଧାନସଭା ଭୋଟ୍

ନୂଆଦିଲ୍ଲୀ : ବିହାର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହୋଇଛି । ଦୁଇଟି ପର୍ଯ୍ୟାୟରେ ବିହାରର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ନଭେମ୍ବର ୬ ହେବାକୁ ଥିବା ବେଳେ ନଭେମ୍ବର ୧୧ ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ । ୧୪ ତାରିଖରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର ସୁଖବିର ସିଂ ସାନ୍ଧୁ ଓ ବିବେକ ଯୋଶୀ ଆଜି ଏହି ସୂଚନା ଗଣମାଧ୍ୟମକୁ ଦେଇଛନ୍ତି । ସେମାନେ କହିଛନ୍ତି ଯେ ବିହାରରେ ସୁରକ୍ଷା ବ୍ୟବସ୍ଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଓ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପାଟଣା ଠାରେ ସପ୍ତାହ ବ୍ୟାପି ସମିକ୍ଷା କରାଯାଇଛି । ବିହାରରେ ସମୁଦାୟ ୨୪୩ ଟି ଆସନ ରହିଛି । ପ୍ରଥମ ପର୍ଯ୍ୟାୟରେ ୧୨୧ ଟି ଆସନ ଓ ଦ୍ୱିତୀୟ ପର୍ଯ୍ୟାୟ ୧୨୨ ଆସନ ଲାଗି ଭୋଟ ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟ ପାଇଁ ଅକ୍ଟୋବର ୧୭ ସୁଦ୍ଧା




ନାମାଙ୍କନ ଦାଖଲ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଅକ୍ଟୋବର ୨୦ ସୁଦ୍ଧା ନାମାଙ୍କନ ଦାଖଲ ଶେଷ ହେବ । ପ୍ରଥମ ଥର ପାଇଁ ବିହାରର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ଲାଗି ଜଣେ ଲେଖାଏଁ ମୋଟ ୨୪୩ ଜଣ ସାଧାରଣ ପର୍ଯ୍ୟବେକ୍ଷକ ନିର୍ବାଚନ ପ୍ରକ୍ରିୟା ତଦାରଖ କରିବେ । ବିହାରର ୮.୫୩ ଲକ୍ଷ ମତଦାନ କର୍ମଚାରୀ ରହିବେ । ଯେଉଁଥିରେ ମତଦାନ ପାଇଁ ୧୭୮୦୦ କ୍ଷୁଦ୍ର ପର୍ଯ୍ୟବେକ୍ଷକ ଓ ଗଣନା ପାଇଁ ୪୮୦୦ କ୍ଷୁଦ୍ର ପର୍ଯ୍ୟବେକ୍ଷକଙ୍କୁ ସାମିଲ କରାଯାଇଛି । ୨୯ ରୁ ଅଧିକ ଗଣନା ଅଧିକାରୀ ଓ ୨.୫ ଲକ୍ଷ ପୋଲିସ ଅଧିକାରୀ ମୁତୟନ ହେବେ । ଆଜିଠାରୁ ଆଚରଣ ବିଧି ଲାଗୁ କରାଯାଇଛି । ବିଧାନସଭା କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନିର୍ବାଚନ ଅନୁଷ୍ଠିତ ହେବ । ରାଜନୈତିକ ଦଳଗୁଡିକୁ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସେମାନଙ୍କ ନିର୍ବାଚନ ଏଜେଣ୍ଟ ନିଯୁକ୍ତ କରିବାକୁ ଏବଂ ଫର୍ମ ୧୭ ସି ସମେତ ଭୋଟ ପ୍ରକ୍ରିୟା ସମରେ ସେମାନେ ଉପସ୍ଥିତ ରହିବାକୁ କୁହାଯାଇଛି । ଭୋଟରଙ୍କ ସୁବିଧାକୁ ଦୃଷ୍ଟି ଦିଆଯାଇ ପ୍ରତି ବୁଥ୍‌ରେ ସର୍ବାଧିକ ଭୋଟର ସଂଖ୍ୟା ୧୨୦୦ କୁ ହ୍ରାସ କରାଯାଇଛି । ଭୋଟରଙ୍କୁ ମୋବାଇଲ ଫୋନ ନେବା ଲାଗି ଅନୁମତି ଦିଆଯିବ । ଇଭିଏମ୍‌ରେ ପାର୍ଥୀଙ୍କ ନାମ ବଡ ଅକ୍ଷରରେ ସେମାନଙ୍କ ଫଟୋ ଗ୍ରାଫ ପ୍ରଦର୍ଶନ ହେବ । ବିହାରରେ ନିର୍ବାଚନ ଲାଗି ପ୍ରଥମ ଥର ଲାଗି ସ୍ପେସାଲ ଇଣ୍ଟେସିଭ ଡିଭିଜନ କରାଯାଇଛି । ୧୫ ଦିନ ମଧ୍ୟରେ ନୂଆ ଭୋଟର କାର୍ଡ ଉପୁ ପ୍ରଦାନ କରାଯିବ । ବିହାରରେ ଭୋଟରଙ୍କ ସଂଖ୍ୟା ଏସ୍ଆଇଆର ପରେ ୭.୯ କୋଟି ରହିଛି । ସୂଚନା ଯୋଗ୍ୟ ବିହାରରେ ମୁଖ୍ୟତଃ ବିଜେପି ନେତୃତ୍ୱାଧିନ ଏନ୍‌ଡିଏ ଓ ମହାଗଠବନ୍ଧନ ମଧ୍ୟରେ ଲଢେଇ ହେବ । ମହାଗଠବନ୍ଧନରେ ଆରଜେଡି, କଂଗ୍ରେସ ସମେତ ବାମପନ୍ଥୀମାନେ ରହିଛନ୍ତି । ୨୦୨୦ ନିର୍ବାଚନରେ ବିଜେପି ନେତୃତ୍ୱାଧିନ ମେଣ୍ଟ ୧୨୫ ଆସନରେ ଜିତିଥିଲା । ବିଜେପି ୭୪ ଆସନରେ ଜିତିଥିବା ବେଳେ ଜେଡୟୁ ୪୩ ଓ ଅନ୍ୟମାନେ ୮ ଆସନରେ ବିଜୟୀ ହୋଇଥିଲେ । ସେହିଭଳି ମହାଗଠବନ୍ଧନକୁ ମିଳିଥିବା ୧୧୦ ଆସନ ମଧ୍ୟରୁ ଆରଜେଡି ୭୫, କଂଗ୍ରେସ ୧୯ ଓ ଅନ୍ୟମାନେ ୧୬ ଆସନରେ ଜିତିଥିଲେ ।

# ଇସ୍ତଫା ଦେଲେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ

ପ୍ୟାରିସ୍ : ଫ୍ରାନ୍ସରେ ରାଜନୈତିକ ସଙ୍କଟ କମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ । ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସମସ୍ୟା କମିବା ପରି ବି ଲାଗୁନାହିଁ । କାହିଁକି ନା, ନିଯୁକ୍ତ ହେବାର ମାତ୍ର ମାସକ ମଧ୍ୟରେ ପ୍ରଧାନମନ୍ତ୍ରୀ ସେବାଷ୍ଟିଏନ ଲେକୋର୍ନୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ନବନିଯୁକ୍ତ ପ୍ରଧାନମନ୍ତ୍ରୀ ସେବାଷ୍ଟିଏନ ଲେକୋର୍ନୁଙ୍କ ଇସ୍ତଫା ।



ମାକ୍ରନଙ୍କ ପାଇଁ ଏକ ନୂଆ ଚିନ୍ତା ପାଲଟିଛି । ନୂତନ କ୍ୟାବିନେଟ ଘୋଷଣା ହେବାର କିଛି ଘଣ୍ଟା ପରେ ଏହି ଇସ୍ତଫା ୟୁରୋପୀୟ ଦେଶକୁ ଆହୁରି ରାଜନୈତିକ ଅଚଳାବସ୍ଥାରେ ପକାଇ ଦେଇଛି । ଏହା ଉଲ୍ଲେଖନୀୟ ଯେ, ମାକ୍ରନ ଗତ ମାସରେ ହିଁ ଲେକୋର୍ନୁଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ମନୋନୀତ କରିଥିଲେ । ତେବେ ରବିବାର ବିଳମ୍ବିତ ରାତିରେ ପ୍ରାୟତଃ କୌଣସି ପରିବର୍ତ୍ତନ ବିନା ମାକ୍ରନଙ୍କ ନୂତନ କ୍ୟାବିନେଟ ତାଲିକା ଘୋଷଣା ସମାଲୋଚନାକୁ ଖୋରାକ ଯୋଗାଇଛି । ଏହି ଘୋଷଣାର ମାତ୍ର କିଛି ଘଣ୍ଟା ପରେ ହିଁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଖବର ପ୍ରକାଶ ପାଇଛି । ଯାହାକି ସଭିଙ୍କୁ ଚକିତ କରିଛି । ସେବାଷ୍ଟିନ୍ ଲେକୋର୍ନୁ ସପ୍ତମ ପ୍ରଧାନମନ୍ତ୍ରୀ ହୋଇଥିଲେ । ରାଷ୍ଟ୍ରପତି ମାକ୍ରୋନ୍ ରବିବାର ରାତିରେ ଏକ ନୂତନ ସରକାର ଘୋଷଣା କରିଥିଲେ । କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନିଜେ ଇସ୍ତଫା ଦେଇଛନ୍ତି ।

# ହୋଟେଲ ରୁମରେ ଡାକ୍ତରୀ ଛାତ୍ରୀଙ୍କୁ ନିଶା ଦେଇ ଦୁଷ୍କର୍ମ!

ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀରୁ ଆସିଛି ସାଂଘାତିକ ଅଭିଯୋଗ । ଜଣେ ୧୮ ବର୍ଷୀୟ ଏମବିବିଏସ୍ ଛାତ୍ରୀ ତାଙ୍କ ୨୦ ବର୍ଷୀୟ ବନ୍ଧୁଙ୍କ ବିରୋଧରେ ଆଣିଛନ୍ତି ଦୁଷ୍କର୍ମ ଅଭିଯୋଗ । ବନ୍ଧୁତା ସ୍ଥାପନ କରିବାକୁ ୨୦ ବର୍ଷୀୟ ଯୁବକ ଜଣଙ୍କ ତାଙ୍କୁ ହୋଟେଲକୁ ନେଇଥିଲେ । ଏହାପରେ ଆଦର୍ଶ ନଗର ସ୍ଥିତ ହୋଟେଲରେ ଦୁଷ୍କର୍ମ କରିଥିବା ଛାତ୍ରୀ ଜଣଙ୍କ କହିଛନ୍ତି ।

ପୂରା ଘଟଣା ସେପେଟମ୍ବର ୯ରେ ଘଟିଥିଲାଛ ଘଟଣା ପରେ ଛାତ୍ରୀ ଜଣଙ୍କ ଅଭିଯୋଗ କରିବାକୁ ଚାହୁଁଥିଲେ । କିନ୍ତୁ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଘଟଣା ବେଳରେ ରେକର୍ଡ କରିଥିବା ଭିଡିଓକୁ ଭାଇରାଲ କରିବାର ଧମକ ଦେଇଥିଲେ । ତେଣୁ ସେ ଏଯାଏ ଚୁପ ରହିଥିବା ମଧ୍ୟ ପୁଲିସ୍‌କୁ ଜଣାଇଛନ୍ତି ।ପୀଡ଼ିତା ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଅଭିଯୁକ୍ତ ଜଣଙ୍କ ତାଙ୍କ କଲେଜର ଡାକ୍ତରୀ ଛାତ୍ର । ଘଟଣା ଦିନ ସେ ତାଙ୍କୁ ବନ୍ଧୁତା ସ୍ଥାପନ କରିବା ଆଳରେ ହୋଟେଲ ଆପଲକୁ ନେଇ ଯାଇଥିଲେ । ଉଭୟ ଗୋଟିଏ କଲେଜରେ ପୁଥିବାରୁ ଛାତ୍ରୀ ଜଣଙ୍କ ଅଭିଯୁକ୍ତଙ୍କ କଥାରେ ହୋଟେଲ ଯିବାକୁ ରାଜି ହୋଇ ଯାଇଥିଲେ ।

କିନ୍ତୁ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ଜଣଙ୍କ ତାଙ୍କ ଅସଲ ରୂପ ଦେଖାଇଥିଲେ । ସେ ପିଡ଼ୀତାଙ୍କୁ ଗୋଟିଏ ରୁମକୁ ନେଇ ଥଣ୍ଡା ପାନୀୟ ଦେଇଥିଲେ । ବାସ୍ତବରେ ଏଥିରେ ନିଶା ବଟିକା ମିଶା ଯାଇଥିଲା । ଏହାକୁ ପିଇବା ପରେ ଛାତ୍ରୀ ଜଣଙ୍କ ନିଜର ହୋସ ହରାଇ ବସିଥିଲେ । ଏହାପରେ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଦୁଷ୍କର୍ମ କରିଥିଲେ । ଖାଲି ସେତିକି ନୁହେଁ, ଘଟଣାର ବେଳର ଭିଡିଓ ଓ ଅଶ୍ଳୀଳ ଫଟୋକୁ ଭାଇରାଲ କରିବାର ଧମକ ଦେଇ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଭୟଭୀତ କରି ଚାଲିଥିବା ପୀଡ଼ିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

# ସିଜେଆଇଙ୍କୁ ଜୋତା ଫିଙ୍ଗିବା ଉଦ୍ୟମ : ଓକିଲ ସସ୍‌ପେଣ୍ଡ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ମଧ୍ୟରେ ପ୍ରଧାନବିଚାରପତି ବିଆର ଗଭାଇନଙ୍କ ଉପରେ ଜୋତା ଫୋପାଡିବାକୁ ଉଦ୍ୟମ କରିଥିବା ଆଇନଜୀବିଙ୍କୁ ବାର କାଉନ୍‌ସିଲ୍ ନିଲମ୍ବିତ କରିଛି । ୭୧ ବର୍ଷୀୟ ଆଇନଜୀବି ରାକେଶ କିଶୋର ଏହି ଉଦ୍ୟମ କରିଥିଲେ । ଭାରତୀୟ ବାର କାଉନସିଲ ତୁରନ୍ତ ତାଙ୍କୁ ନିଲମ୍ବିତ କରିବା ସହ ତାଙ୍କ ଲାଇସେନ୍ସକୁ ରଦ୍ଦ କରିଛନ୍ତି । ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ଜେନେରାଲ ମଧ୍ୟ ଦିଲ୍ଲୀ ପୋଲିସକୁ ସମ୍ପୃକ୍ତ ଆଇନଜୀବି ତାଙ୍କ ଜୋତା ଓ କାଗଜପତ୍ର ହସ୍ତାନ୍ତର କରିବାକୁ କହିଥିଲେ । ରେଜିଷ୍ଟ୍ରର ଜେନେରାଲଙ୍କ ଠାରୁ ଅନୁମତି ପାଇବା ପରେ ଦିଲ୍ଲୀ ପୋଲିସ ସୁରକ୍ଷା ୟୁନିଟ୍ ଓ ନୂଆଦିଲ୍ଲୀ ଜିଲ୍ଲା ପୋଲିସ ଅଧିକାରୀମାନେ ତାଙ୍କୁ ପଚରାଉଚରା କରିଥିଲେ । ପ୍ରଧାନବଚାରପତିଙ୍କୁ ଏକ ଶୁଣାଣି ସମୟରେ ଆଇନଜୀବି ରାଜେଶ କିଶୋର




ସନାତନ ଧର୍ମର ଅପମାନକୁ ଭାରତ ସହିବ ନାହିଁ ବୋଲି ଏଭଳି କହି ଏହି ପଦକ୍ଷେପ ନେଇଥିଲେ । ରାଜେଶ କିଶୋରଙ୍କ ନିକଟରୁ ଏକ ଧଳା କାଗଜ ନୋଟ୍ ଉଦ୍ଧାର କରାଯାଇଛି । ସେଥିରେ ଉଲ୍ଲେଖ କରାଯାଇଛି ଯେ ମୋର ବାର୍ତ୍ତା ପ୍ରତ୍ୟେକ ସନାତନଙ୍କ ପାଇଁ । କୋର୍ଟ ରୁମରେ ଏପରି କାର୍ଯ୍ୟ ପରେ ପ୍ରଧାନବିଚାରପତିଙ୍କ ସମେତ ଜଷ୍ଟିସ୍ ବିନୋଦ ଚନ୍ଦ୍ରମ୍ ସ୍ଥିର ହୋଇ ବସିଥିଲେ ଓ ପୁଣି ଶୁଣାଣି ଜାରି କରିଥିଲେ । ଏପରି କାର୍ଯ୍ୟ ତାଙ୍କୁ ବିଚ୍ୟୁତ କରିପାରିବ ନାହିଁ ବୋଲି କହିଥିଲେ । କୋର୍ଟ ନମ୍ବର ୧ ରେ କାର୍ଯ୍ୟ ଚାଲୁଥିବା ସମୟରେ ଏପରି ଘଟଣା ଘଟିଥିଲା ।

# ଲିଙ୍ଗାୟତଙ୍କୁ ନେଇ ସିଦ୍ଧରମୈୟାଙ୍କ ମନ୍ତବ୍ୟରୁ ବିବାଦ

ବେଙ୍ଗାଲୁରୁ : ଲିଙ୍ଗାୟତଙ୍କ ଉପରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ମନ୍ତବ୍ୟ ପରେ ରାଜ୍ୟରେ ଲିଙ୍ଗାୟତବାଦ ପ୍ରସଙ୍ଗ ପୁଣି ଥରେ ଉଷ୍ମ ହୋଇଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏକ ପ୍ରମୁଖ ବିବୃତିରେ ଲିଙ୍ଗାୟତବାଦକୁ ହିନ୍ଦୁ ଧର୍ମଠାରୁ ପୃଥକ ଏକ ସ୍ୱାଧୀନ ଧର୍ମ ଭାବରେ ବର୍ଣ୍ଣନା କରିଛନ୍ତି ।

ତାଙ୍କର ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ରାଜ୍ୟରେ ଏକ ସାମାଜିକ-ଶିକ୍ଷା ସର୍ଭେ ଚାଲିଛି ଏବଂ ଲିଙ୍ଗାୟତ ସମ୍ପ୍ରଦାୟ ସେମାନଙ୍କର ପରିଚୟକୁ ଏକ ପୃଥକ ଧର୍ମ ଭାବରେ ପଞ୍ଜିକୃତ କରିବା ଉଚି କି ହିନ୍ଦୁ ଧର୍ମ ମଧ୍ୟରେ ଏକ ଜାତି ଭାବରେ ପଞ୍ଜିକୃତ କରିବା ଉଚି ସେ ବିଷୟରେ ଦ୍ୱନ୍ଦରେ ଅଛନ୍ତି । ଏହି ବିବୃତି କର୍ଣ୍ଣାଟକ ରାଜନୀତିରେ ଏକ ନୂତନ ବିତର୍କ ସୃଷ୍ଟି କରିଛି ।

ଲିଙ୍ଗାୟତ ଆସୋସିଏସନ ଦ୍ୱାରା ଆୟୋଜିତ ବାସବ ସାଂସ୍କୃତିକ



ଅଭିଯାନ ୨୦୨୫ର ସମାପନୀ ସମାରୋହ ସମୟରେ ଏହି ବିବାଦ ଉପୁଜିଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି ଯେ, ଜାତି ପ୍ରଥା ସମାଜରେ ରହିଛି । ସମାଜ ସଂସ୍କାରକ ବାସଭନ୍ନ ଏହାକୁ ମୂଳୋତ୍ପାଟନ କରିବା ପାଇଁ ଏକ ପୃଥକ ଧର୍ମ ପ୍ରତିଷ୍ଠା କରିଥିଲେ । କଂଗ୍ରେସ ଦଳ ଲିଙ୍ଗାୟତମାନଙ୍କୁ ଏକ ପୃଥକ ଧର୍ମ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଥିବା ବେଳେ, ବିରୋଧୀ ବିଜେପି ହିନ୍ଦୁତ୍ୱକୁ ସୁଦୃଢ଼ କରିବା ପାଇଁ ହିନ୍ଦୁ ଧର୍ମ ମଧ୍ୟରେ ନିଜକୁ ଏକ ଜାତି ଭାବରେ ଚିହ୍ନଟ କରିବାକୁ ସମ୍ପ୍ରଦାୟକୁ ଅନୁରୋଧ କରୁଛି ।

ସିଦ୍ଧରମୈୟା ତାଙ୍କ ଭାଷଣରେ ଜାତି ବ୍ୟବସ୍ଥାକୁ କଡ଼ା ସମାଲାଚନା କରିଛନ୍ତି । ସେ କହିଛନ୍ତି, ଚାତୁଃବର୍ଣ୍ଣ ବ୍ୟବସ୍ଥା ଅନୁସାରେ ମୁଁ ଜଣେ ଶୁଦ୍ର । କେବଳ ମୁଁ ଜଣେ ଶୁଦ୍ର ହୋଇଥିବାରୁ ମୋତେ ଶିକ୍ଷା ଏବଂ ସମାନତା ଭଳି ସୁଯୋଗରୁ ବଞ୍ଚିତ କରାଯାଇପାରିବ ନାହିଁ । ସେ ସ୍ପଷ୍ଟ କରିଛନ୍ତି ଯେ, କେହି ତାଙ୍କ ଜାତି ଆଧାରରେ ମହାନ କିମ୍ବା ପ୍ରସିଦ୍ଧ ହୋଇପାରନ୍ତି ନାହିଁ । ଜ୍ଞାନ କୌଣସି ଗୋଟିଏ ବ୍ୟକ୍ତିଙ୍କ ସମ୍ପତ୍ତି ନୁହେଁ ଏବଂ ଏହାକୁ କାହାକୁ ମନା କରାଯାଇପାରିବ ନାହିଁ । ସମାଜ ସଂସ୍କାରକ ରାମ ମନୋହର ଲୋହିଆଙ୍କୁ ମନେ ପକାଇ ସିଦ୍ଧରମୈୟା କହିଛନ୍ତି, ଏକ ମାନବିକ ସମାଜ ଗଠନର ଲକ୍ଷ୍ୟ ହାସଲ କରିବା ପାଇଁ ଆମ ସମସ୍ତଙ୍କୁ ଏକତ୍ରିତ ହେବାକୁ ପଡିବ ।

# ରାଜସ୍ଥାନ ସରକାରୀ ହସ୍ପିଟାଲରେ ନିଆଁ : ୭ ରୋଗୀଙ୍କ ମୃତ୍ୟୁ

ଜୟପୁର : ରାଜସ୍ଥାନର ଜୟପୁରରେ ଥିବା ସଓ୍ୱାଇ ମାନ ସିଂହ ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ । ହସ୍ପିଟାଲର ଟ୍ରମା ସେଣ୍ଟରର ଆଇସିୟୁରେ ନିଆଁ ଲାଗି ୭ ଜଣଙ୍କ ମୃତ୍ୟୁ ହୋଇଛି । ଆଇସିୟୁରେ ନିଆଁ ଲାଗିବା କ୍ଷଣି ରୋଗୀଙ୍କୁ ସହାୟତା କରିବା ବଦଳରେ ହସ୍ପିଟାଲର କର୍ମଚାରୀମାନେ ସେଠାରୁ ଚାଲି ଯାଇଥିବା ଅଭିଯୋଗ ହୋଇଛି । ହସ୍ପିଟାଲ ବିଲଡିଂର ଦ୍ୱିତୀୟ ମହଲାରେ ଶର୍ଟ ସର୍କିଟରୁ ଏତେ ବଡ଼ ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

ଅଗ୍ନିକାଣ୍ଡ ପୂରା ଫ୍ଲୋରରେ ଧୂଆଁ ଭର୍ତ୍ତି ହୋଇଯାଇଥିଲା । ଏଥିରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆତଙ୍କିତ ହୋଇପଡ଼ିଥିଲେ । ଅଣନିଃଶ୍ୱାସୀ ହୋଇ ୭ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି । ଅନେକ କାଗଜପତ୍ର, ଆଇସିୟୁ ସରଞ୍ଜାମ, ରକ୍ତ ନମୁନା ଟ୍ୟୁବ୍ସ ଓ ଅନ୍ୟାନ୍ୟ ଜିନିଷପତ୍ର ନିଆଁରେ ପୋଡ଼ି ହୋଇ ପାଉଁଶ ହୋଇଯାଇଛି ।

ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଥିଲେ । ନିଆଁକୁ ଆୟତ୍ତ କରିବା ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥିଲା ।

ଟ୍ରମା ସେଣ୍ଟର ଇନ ଚାର୍ଜ ଅନୁରାଗ ଧାକଡ କହିଛନ୍ତି ଯେ ଦ୍ୱିତୀୟ ମହଲାରେ ମୋଟ ଦୁଇଟି ଆଇସିୟୁ ରହିଛି । ଗୋଟିଏ ଟ୍ରମା ଆଇସିୟୁ ଓ ଆଉ ଗୋଟିଏ ହେଉଛି ସେମି ଆଇସିୟୁ । ଟ୍ରମା ଆଇସିୟୁରେ ୧୧ ଜଣ ଓ ସେମି ଆଇସିୟୁରେ ୧୩ ଜଣ ରୋଗୀ ରହିଥିଲେ । ଟ୍ରମା ଆଇସିୟୁରେ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା । ଏହାପରେ ଏହା ଦ୍ରୁତଗତିରେ ବ୍ୟାପିବା ସହ ବିଷାକ୍ତ ଗ୍ୟାସ ପୂରା ଫ୍ଲୋରକୁ କବଜା କରି ନେଇଥିଲା ।

ଟ୍ରମା ସେଣ୍ଟରରେ ଥିବା ଅଧିକାଂଶ



ରୋଗୀ ଏହାର ସଂସ୍ପର୍ଶରେ ଆସି ଗୁରୁତର ହୋଇଯାଇଥିଲେ । ଏମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଥିଲା । ଶତ ଚେଷ୍ଟା ସେ%ୋ ସେମାନଙ୍କ ଜୀବନ ବଞ୍ଚା ଯାଇପାରିନି । ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ ଓ ୨ ଜଣ ମହିଳା ରହିଛନ୍ତି । ଏବେ ଆଉ ୫ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ସେ ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ସୋମବାର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମେଡିକାଲ ଶିକ୍ଷା ବିଭାଗର କମିଶନର ଇକବାଲ ଖାନଙ୍କ ନେତୃତ୍ୱାଧୀନ କମିଟି ପୂରା ଘଟଣାର ତଦନ୍ତ କରିବ ।

ଅଗ୍ନିକାଣ୍ଡର କାରଣ, ନିଆଁ ଲାଗିବା ପରେ ହସ୍ପିଟାଲ ମ୍ୟାନେଜମେଣ୍ଟ କ'ଣ ସବୁ ପଦକ୍ଷେପ ନେଇଥିଲେ, ଟ୍ରମା ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଅଗ୍ନିକାଣ୍ଡ ପରେ ରୋଗୀଙ୍କ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟକୁ କେମିତି ତ୍ୱରାନ୍ୱିତ, ସେସବୁର ତଦନ୍ତ କମିଟି ପକ୍ଷରୁ କରାଯିବ । ଅଗ୍ନିକାଣ୍ଡ ପରେ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ନିଜର ଦିଲ୍ଲୀ ଗସ୍ତକୁ ବାତିଲ କରିଛନ୍ତି । ରୋଗୀଙ୍କ ପରିବାର ଲୋକ କହିଛନ୍ତି ଯେ ଆମେ ଧୂଆଁକୁ ଦେଖିବା ମାତ୍ରେ ହସ୍ପିଟାଲ କର୍ମଚାରୀଙ୍କୁ ସୂଚିତ କରିଥିଲୁ । କିନ୍ତୁ ସେମାନେ ଏହାକୁ ଧ୍ୟାନ ଦେଇ ନଥିଲେ । ନିଆଁ ଲାଗିବା ପରେ ସେମାନେ ପ୍ରଥମେ ବିଲଡିଂରୁ ଚାଲି ଯାଇଥିଲେ । ଏବେ ଆମ ରୋଗୀଙ୍କ ଅବସ୍ଥା ସମ୍ପର୍କରେ ଆମକୁ କେହି କିଛି କହୁ ନାହାନ୍ତି ।

ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ଆଇସିୟୁରେ ନିଆଁ ଲାଗିଥିଲା । କିନ୍ତୁ ଏହାକୁ ଲିଭାଇବା ପାଇଁ କୌଣସି ପ୍ରକାରର ଇକ୍ୟୁପମେଣ୍ଟ ସେଠାରେ ନଥିଲା । ମୋ ମା' ସେଥିରେ ପ୍ରାଣ ହରାଇଛନ୍ତି । ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦୌ ନାହିଁ ।

# ନୋବେଲ ପୁରସ୍କାର ବିଜେତାଙ୍କୁ ମିଳେ ଏସବୁ ସୁବିଧା

ନୂଆଦିଲ୍ଲୀ: ବାସ୍ତବରେ ନୋବେଲ ପୁରସ୍କାରକୁ ବିଶ୍ୱର ସବୁଠାରୁ ମର୍ଯ୍ୟାଦାଜନକ ସମ୍ମାନ ଭାବରେ ବିବେଚନା କରାଯାଏ । ଏହା ପାଉଥିବା ବ୍ୟକ୍ତି କେବଳ ସେମାନଙ୍କ କ୍ଷେତ୍ରରେ ନୁହେଁ ବରଂ ବିଶ୍ୱବ୍ୟାପୀ ଏକ ପରିଚୟ ପାଇଥାନ୍ତି । ଏହି ପୁରସ୍କାର ଡାଇନାମାଇଟ୍ ଉଦ୍‌ଭାବନକାରୀ ସ୍ୱିଡିସ୍ ବୈଜ୍ଞାନିକ ଆଲଫ୍ରେଡ୍ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ଆରମ୍ଭ କରାଯାଇଥିଲା । ସେ ସର୍ତ୍ତ ରଖିଥିଲେ ଯେ ମାନବତା ପାଇଁ ଅସାଧାରଣ ଅବଦାନ ଦେଇଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ପାଇଁ ତାଙ୍କର ସମ୍ପତ୍ତି ପ୍ରତିବର୍ଷ ବ୍ୟବହାର କରାଯିବ । ନୋବେଲ ଫାଉଣ୍ଡେସନ୍ ଅନୁଯାୟୀ, ପ୍ରତ୍ୟେକ ବିଜେତା ୧୧ ନିୟୁତ ସ୍ୱିଡିସ୍ କ୍ରୋନର କିମ୍ବା ଭାରତୀୟ ମୁଦ୍ରାରେ ପ୍ରାୟ ୮.୫ କୋଟି ଟଙ୍କା ପାଆନ୍ତି । ଯଦି ଏକ ନିର୍ଦ୍ଦିଷ୍ଟ ବର୍ଗରେ ଜଣେରୁ ଅଧିକ ବ୍ୟକ୍ତି ଜିତିଥାନ୍ତି, ତେବେ ପୁରସ୍କାର ସମାନ ଭାବରେ ବଣ୍ଟନ କରାଯାଏ । ଏହା ସହିତ, ବିଜେତାମାନେ ଶୁଦ୍ଧ ସୁନାରେ ତିଆରି ଏକ ନୋବେଲ ପଦକ ପାଆନ୍ତି । ଏହି ପଦକରେ ଆଲଫ୍ରେଡ ନୋବେଲଙ୍କ ଏକ ଖୋଦିତ ପ୍ରତିକୃତି ରହିଛି ଏବଂ ପ୍ରତ୍ୟେକ ବର୍ଗ ପାଇଁ ଡିଜାଇନ୍ ଟିକିଏ ଭିନ୍ନ । ଏକ ଡିପ୍ଲୋମା (ସାର୍ଟିଫିକେଟ୍) ମଧ୍ୟ ପ୍ରଦାନ କରାଯାଏ, ଯେଉଁଥିରେ ବିଜେତାଙ୍କ ନାମ ଏବଂ ସଫଳତା ଲେଖାଯାଇଥାଏ ।

# ତେଜସ୍ୱୀଙ୍କୁ ଓ୍ୱେସିଙ୍କ ଖୋଲା ଚ୍ୟାଲେଞ୍ଜ

ନୂଆଦିଲ୍ଲୀ: ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା ହୋଇଛି ନିର୍ବାଚନ କମିଶନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୬ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୧୧ ତାରିଖରେ ହେବ । ୧୪ ତାରିଖରେ ଭୋଟଗଣନା କରାଯିବଛ ତେବେ ବିହାରରେ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି ।

ଅସଦୁଦ୍ଦିନ ଓ୍ୱେସିଙ୍କ ଦଳ (ଏଆଇଏମଆଇଏମ) କହିଛି ଯେ ମହାଗଠବନ୍ଧନ ସହିତ ମେଣ୍ଟ କରି ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଲଢ଼ିବାକୁ ଚାହୁଁଥିଲୁ, କିନ୍ତୁ ଆରଜେଡିଠାରୁ ସବୁଜ ସଙ୍କେତ ପାଇନାହୁଁ । ଏହି ପରିପ୍ରେକ୍ଷୀରେ, ଅସଦୁଦ୍ଦିନ ଓ୍ୱେସି





ଆଜି ଦରଭଙ୍ଗାରେ ଆୟୋଜିତ ଏକ ରାଲିରେ ତେଜସ୍ୱୀ ଯାଦବ ଏବଂ ଆରଜେଡି ଉପରେ କଠୋର ଆକ୍ରମଣ କରିଥିଲେ ।

ସାଂସଦ ଅସଦୁଦ୍ଦିନ ଓ୍ୱେସି କହିଛନ୍ତି, ତେଜସ୍‌ଓ୍ୱୀ ଯାଦବ କହିଥିଲେ ଯେ ତାଙ୍କ ବାପା ଚିଠି ପାଇଥିବେ, ସେ ଚିଠି ପାଇଁନାହାନ୍ତି ତେଣୁ ଆମେ ତାଙ୍କୁ ମଧ୍ୟ ଚିଠି ଲେଖିବାକୁ କହିଥିଲୁ । ଅଖତାରୁଲ ଇମାନ ଚିଠି ଲେଖିଥିଲେ ଏବଂ ଡ୍ରମ୍ ବଜାଇ ତାଙ୍କ ଘରକୁ ଯାଇ ଏହାକୁ ପହଞ୍ଚାଇ କହିଲେ, 'କାନ ଖୋଲି ଶୁଣ, ଆମେ ଦେଉଛୁ ।

ଅସଦୁଦ୍ଦିନ ଓ୍ୱେସି ଆହୁରି କହିଛନ୍ତି, ଅଖତାରୁଲ ଇମାନ (ଏଆଇଏମଆଇଏମର ବିହାର ରାଜ୍ୟ ସଭାପତି) ଚିଠିରେ ଯାହା ଲେଖିଥିଲେ ଯେ ଆମକୁ ଛଅଟି ଆସନ ଦିଅ । ସେ ଏହା ମଧ୍ୟ ଲେଖିଥିଲେ ଯେ ଯଦି ଆପଣ (ତେଜସ୍‌ଓ୍ୱୀ ଯାଦବ) ମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ଆମେ ମନ୍ତ୍ରୀ ପଦ ଚାହୁଁନାହୁଁ । ଆପଣ ନିଜେ ନିଷ୍ପତ୍ତି ନିଅନ୍ତୁ ଯେ ମୁଁ ଏଥିରୁ କ'ଣ ଲାଭ ପାଇବି... ଏଥିରୁ କ'ଣ ଲାଭ ପାଇବି । ଆରଜେଡି ଉପରେ ଆକ୍ରମଣ କରି ଏଆଇଏମଆଇଏମର ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି, ଆମ ଏବଂ ସେମାନଙ୍କ ମଧ୍ୟରେ କେବଳ ଗୋଟିଏ ପାର୍ଥକ୍ୟ ଅଛି, ଆମେ କହୁଛୁ ଯେ ଆମେ ଏହା ଚାହୁଁଛୁ କିନ୍ତୁ ଏହା ପରେ ମଧ୍ୟ ସେମାନେ କଥା ହେବାକୁ ପ୍ରସ୍ତୁତ ନୁହଁନ୍ତି ତେଣୁ ବିହାରର ଲୋକମାନେ ଜାଣିସାରିଛନ୍ତି ଯେ କିଏ ପୁଣି ମୋଦୀ-ନୀତୀଶ ସରକାର ଗଠନକୁ ରୋକିବାକୁ ଚାହୁଁଛି ଏବଂ କିଏ ଆଣିବାକୁ ଚାହୁଁଛି । ତେଜସ୍ୱୀ ଶୁଣନ୍ତୁ... ଆରଜେଡି ନେତାଗଣ ଶୁଣନ୍ତୁ, ଆମେ ଆପଣଙ୍କୁ କହୁଛୁ ଯେ ଆପଣଙ୍କର ମୂର୍ଖତା ଆପଣଙ୍କୁ କ୍ଷତି କରିବ । ଆପଣଙ୍କର ଗର୍ବ ଆପଣଙ୍କୁ ଦୁର୍ବଳ କରିବ । ଆପଣ ଭାବନ୍ତି ଯେ ଆପଣ ସବୁକିଛି କରିପାରିବେ... ଆପଣ କରିପାରିବେ ନାହିଁ । ଯଦି ଆପଣ ବିହାରରେ ବିଜେପିକୁ ରୋକିବାକୁ ଚାହାଁନ୍ତି, ଯଦି ଆପଣ ବିହାରରେ ବିଜେପି ଏବଂ ନୀତିଶ କୁମାରଙ୍କ ସରକାରକୁ ପୁଣି ଥରେ ଗଠନ କରିବାରୁ ରୋକିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଓ୍ୱେସି ଏବଂ ଅଖତାରୁଲ ଇମାନଙ୍କ ହାତ ଧରିବାକୁ ପଡିବ ।

# ୱାଙ୍ଗଚୁକ ଗିରଫ ଘଟଣା : କେନ୍ଦ୍ରକୁ ପ୍ରଶ୍ନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ଗିରଫଦାରୀ ପରେ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଧାରା ୩୨ ଅନୁସାରେ ଆବେଦନ କରି ସ୍ୱାମୀଙ୍କ ଖଲାସ ଦାବି କରିଛନ୍ତି । ଏବେ ୱାଙ୍ଗଚୁକ ରାଜସ୍ଥାନର ଯୋଧପୁର ଜେଲରେ ରହିଛନ୍ତି । ଗୀତାଞ୍ଜଳି ସ୍ୱାମୀଙ୍କ ଗିରଫଦାରୀକୁ ଧାରା ୨୨ ଅଧୀନରେ ବେଆଇନ ବୋଲି କହିଛନ୍ତି ।

ଲଦାଖ ହିଂସାକାଣ୍ଡ ଘଟଣାରେ ଗିରଫ ବିଶିଷ୍ଟ ପରିବେଶବିତ ସୋନମ ୱାଙ୍ଗଚୁକଙ୍କ ମାମଲାରେ କେନ୍ଦ୍ରକୁ ନୋଟିସ କରିଛନ୍ତି ସୁପ୍ରିମକୋର୍ଟ । ୱାଙ୍ଗଚୁକଙ୍କୁ ଜାତୀୟ ସୁରକ୍ଷା ଆଇନ ବା ଏନଏସ୍ଏ ବଳରେ ଲଦାଖ ପୁଲିସ୍ ଗିରଫ କରିଥିଲାଛ ଏହା ବିରୋଧରେ ୱାଙ୍ଗଚୁକଙ୍କ ପନୀ ଗୀତାଞ୍ଜଳି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେଛ ଓ୍ୱାଙ୍ଗଚୁକଙ୍କୁ ଏନଏସ୍ଏ ବଳରେ ଗିରଫ କରାଯାଇଥିବା ବେଳେ ଏହା ପଛର କାରଣ ସମ୍ପର୍କରେ କାହିଁକି ପତ୍ନୀ ଗୀତାଞ୍ଜଳିଙ୍କୁ ନୋଟିସ ଦିଆଯାଇ ନଥିଲା ବୋଲି କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି ସର୍ବୋଚ୍ଚ ଅଦାଲତ ।

ଗୀତାଞ୍ଜଳି କରିଥିବା ଆବେଦନର ଶୁଣାଣି ଅକ୍ଟୋବର ୧୪ରେ ହେବ ବୋଲି ଜଷ୍ଟିସ ଅରବିନ୍ଦ କୁମାର ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଦିନ ଧାର୍ଯ୍ୟ କରିଛି । ଆଜି ଅଳ୍ପ ସମୟର ଶୁଣାଣି ବେଳେ ଖଣ୍ଡପୀଠ ପକ୍ଷରୁ କେନ୍ଦ୍ର, ଜମ୍ମୁ-କଶ୍ମୀର ଓ ରାଜସ୍ଥାନ ସରକାରଙ୍କୁ ନୋଟିସ କରିଛନ୍ତି । ସେପେଟମ୍ବର ୨୬ରୁ ୱାଙ୍ଗଚୁକଙ୍କୁ ଗିରଫ କରାଯାଇଥିବେ ବେଳେ ପନୀ ଗୀତାଞ୍ଜଳି ତାଙ୍କୁ ଦେଖା କରିବାକୁ ଅନୁମତି ପାଇ ନାହାନ୍ତି । ଏହା ବିରୋଧରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଗିରଫଦାରୀର ଦୁଇ ଦିନ ପୂର୍ବରୁ ଲଦାଖରେ ରାଜ୍ୟ ମାନ୍ୟତା ଦାବିରେ ଭୟଙ୍କର ହିଂସାକାଣ୍ଡ ଦେଖିବାକୁ ମିଳିଥିଲା । ଏଥିରେ ୪ ଜଣ ମୃତ୍ୟୁ ଓ ୯୦ ଜଣ ଆହତ ହୋଇଥିଲେ । ରାଜ୍ୟ ମାନ୍ୟତା ଦାବିର ଚର୍ଚ୍ଚିତ ଚେହେରା ୱାଙ୍ଗଚୁକ ହୋଇଥିବାରୁ ସେ ହିଂସାକୁ ଉସକାଇଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗକୁ ଆଧାର କରି ପୁଲିସ୍ ତାଙ୍କୁ ଏନଏସ୍ଏ ବଳରେ ଗିରଫ କରିଛି ।

ଗିରଫଦାରୀ ପରେ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଧାରା ୩୨ ଅନୁସାରେ ଆବେଦନ କରି ସ୍ୱାମୀଙ୍କ ଖଲାସ ଦାବି କରିଛନ୍ତି । ଏବେ ୱାଙ୍ଗଚୁକ ରାଜସ୍ଥାନର ଯୋଧପୁର ଜେଲରେ ରହିଛନ୍ତି । ଗୀତାଞ୍ଜଳି ସ୍ୱାମୀଙ୍କ ଗିରଫଦାରୀକୁ ଧାରା ୨୨ ଅଧୀନରେ ବେଆଇନ ବୋଲି କହିଛନ୍ତି । ତାଙ୍କ କହିବା କଥା ଯେ ତାଙ୍କୁ କିମ୍ବା ତାଙ୍କ ସ୍ୱାମୀଙ୍କୁ ଗିରଫଦାରୀର କାରଣ ସମ୍ପର୍କରେ ଏଯାଏ ଅବଗତ କରାଯାଇ ନାହିଁ ।

ଶୁଣାଣି ବେଳେ ଗୀତାଞ୍ଜଳିଙ୍କ ଓକିଲ କପିଲ ଶିବଲ କହିଛନ୍ତି ଯେ ଗିରଫଦାରୀର କାରଣ ସମ୍ପର୍କିତ ନୋଟିସ ବିନା ସେମାନେ ଏହାକୁ ଚ୍ୟାଲେଞ୍ଜ କରିପାରିବେ ନାହିଁ । ତେବେ ଭାରତର ସିଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ଗିରଫଦାରୀ କାରଣ ସମ୍ପର୍କିତ ନୋଟିସ ୱାଙ୍ଗଚୁକଙ୍କୁ ଦିଆଯାଇ ସାରିଛି ଓ ତାଙ୍କୁ ହେପାଜତକୁ ନିଆଯିବା ପରେ ତାଙ୍କ ଭାଇ ଏକଦା ତାଙ୍କୁ ଭେଟିଥିଲେ ।

### ପଡିଆରେ ଅଶୋଭନୀୟ ଆଚରଣ

# ଦଣ୍ଡିତ ହେଲେ ପାକିସ୍ତାନ ଖେଳାଳି

ନୂଆଦିଲ୍ଲୀ : ଆଇସିସି ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ପାକିସ୍ତାନୀ କ୍ରିକେଟର ସିଦ୍ରା ଅମିନଙ୍କୁ ଦଣ୍ଡିତ କରିଛି। ଗତ ରବିବାର, ଭାରତ ବନାମ ପାକିସ୍ତାନ ମହିଳା ବିଶ୍ୱକପ୍ ମ୍ୟାଚ୍ ସମୟରେ, ଭାରତ ୮୮ ରନରେ ବିଜୟୀ ହୋଇଥିଲା। ସିଦ୍ରା ଅମିନ ମ୍ୟାଚ୍‌ରେ ୮୧ ରନ କରିଥିଲେ, କିନ୍ତୁ ଆଉଟ୍ ହେବା ପରେ ସେ ତାଙ୍କ ବ୍ୟାଟକୁ ପଡିଆରେ ପିଟି ଦେଇଥିଲେ ଏହି ଆଚରଣ ପାଇଁ ଆଇସିସି ତାଙ୍କୁ ଦଣ୍ଡିତ କରିଛି।



ସିଦ୍ରା ଅମିନଙ୍କୁ ଆଇସିସି ଆଚରଣ ସଂହିତାର ଧାରା ୨.୨ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା, ଯେଉଁଥିରେ କୁହାଯାଇଛି ଯେ ଜଣେ ଖେଳାଳି ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ସମୟରେ କ୍ରିକେଟ ଉପକରଣ କିମ୍ବା ପୋଷାକ କିମ୍ବା ଭୂମିରେ ଥିବା କୌଣସି ସମ୍ପତ୍ତିକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ। ଏହି ଘଟଣା ପାକିସ୍ତାନୀ ଇନିଂସର ୪୦ତମ ଓଭରରେ ଘଟିଥିଲା, ଯେତେବେଳେ ହରମନପ୍ରୀତ କୌରଙ୍କ ହାତରେ କ୍ୟାଚଆଉଟ ହେବା ପରେ ଅମିନ ରାଗିଯାଇଥିଲେ।

ଏହି ଆଚରଣ ପାଇଁ ସିଦ୍ରା ଅମିନଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ ମଧ୍ୟ ଦିଆଯାଇଛି, ଏହା ୨୪ ମାସ ମଧ୍ୟରେ ତାଙ୍କର ପ୍ରଥମ ଅପରାଧ। ଲେବଲ୍ ୧ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ୍ ଫିର ୫୦ ପ୍ରତିଶତ ଜରିମାନା କିମ୍ବା ଗୋଟିଏ କିମ୍ବା ଦୁଇଟି ଡିମେରିଟ୍ ପଏଣ୍ଟ ପ୍ରଦାନ କରାଯାଇପାରିବ। ଉଭୟ ଫିଲ୍ଡ ଅମ୍ପାୟାର, ତୃତୀୟ ଏବଂ ଚତୁର୍ଥ ଅମ୍ପାୟାର ମଧ୍ୟ ଅମିନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ସିଦ୍ରା ଅମିନ୍ ପାକିସ୍ତାନର ସର୍ବାଧିକ ରନ୍ ସ୍କୋରର୍ ଥିଲେ। ସେ ୧୦୬ ବଲରୁ ୮୧ ରନର ଅର୍ଦ୍ଧଶତକ ହାସଲ କରିଥିଲେ।

ପାକିସ୍ତାନର ପରବର୍ତ୍ତୀ ବିଶ୍ୱକପ୍ ମ୍ୟାଚ୍ ଅକ୍ଟୋବର ୮ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବ । ପାକିସ୍ତାନ ଏହାର ଦୁଇଟି ମ୍ୟାଚରେ ହାରିବା ପରେ ପଏଣ୍ଟ ଟେବୁଲରେ ଷଷ୍ଠ ସ୍ଥାନରେ ଅଛି। ଏହି ସମୟରେ, ଭାରତୀୟ ଦଳ ଦୁଇଟି ମ୍ୟାଚରୁ ଦୁଇଟି ବିଜୟ ସହିତ ପ୍ରଥମ ସ୍ଥାନରେ ରହିଛି।

### ମହିଳା ବିଶ୍ୱ କପ୍ କ୍ରିକେଟ୍

# ପାକକୁ ୮୮ ରନରେ ହରାଇ ଭାରତ ବିଜୟୀ

କଲମ୍ବୋ : କ୍ରିକେଟ୍ ପଡ଼ିଆରେ ଭାରତର ଅପରେସନ୍ ସିନ୍ଦୂର ଜାରି ରହିଛି। ଆଉ ଏକ ରବିବାର ଏବଂ ପାକିସ୍ତାନ ଆଉ ଥରେ ଧୂଳି ଚାଟିଛି। ପୁରୁଷ ଦଳ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ୍ ବିଜୟ ସହ ଏସିଆ କପ୍ ଜିତିବାର ମାତ୍ର ଗୋଟିଏ ସପ୍ତାହ ପରେ ଭାରତୀୟ ମହିଳା ଦଳ ମଧ୍ୟ ପାକିସ୍ତାନକୁ ପଡ଼ିଆ ଭିତରେ ଚି କରିଛି। ଚଳିତ ଏକଦିବସୀୟ ବିଶ୍ୱକପ୍ର ଷଷ୍ଠ ମ୍ୟାଚରେ ଏହି ଦଳକୁ ଏକତରଫା ଭାବେ ୮୮ ରନରେ ହରାଇ ଦେଇ ନିଜ ଅପରାଜୟ ଧାରାକୁ ଆହୁରି ଲମ୍ବିତ କରିଛି। ପାକିସ୍ତାନ ବିପକ୍ଷରେ ଟିମ୍ ଇଣ୍ଡିଆ ଏବେ ୧୨ଟି ଦିନିକିଆ ଖେଳି ସବୁତକ ଜିତିବାର ଅନନ୍ୟ ତଥା ଐତିହାସିକ ସଫଳତା ହାସଲ କରିଛି।

ଏହି ବହୁ ପ୍ରତୀକ୍ଷିତ ଲଢେଇରେ ହରମନପ୍ରିତ କୌରଙ୍କ ଲେଡି ବାହିନୀ ପାକିସ୍ତାନ ବିପକ୍ଷରେ ୨୪୮ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହା ପରେ ଭାରତୀୟ ବୋଲର ନିଜ ଦମ୍ ଦେଖାଇ ପାକିସ୍ତାନକୁ ମାତ୍ର ୧୫୯ ରନ୍‌ରେ ଅଲଆଉଟ୍ କରି ଦେଇଥିଲେ। ଭାରତୀୟ ବୋଲର ଏମିତି ମାପଚୁପ ଓ ଶାଣିତ ବୋଲିଂ କରିଥିଲେ ଯେ ପାକିସ୍ତାନ ପାଳି ୭ ଓଭର ପୂର୍ବରୁ ହିଁ ସମାପ୍ତ ହୋଇଯାଇଥିଲା। ଅସହାୟ ପାକିସ୍ତାନର କେବଳ ତିନି ଜଣ ବ୍ୟାଟର୍ ଏକ ଅଙ୍କ ଆଗକୁ ବି ପାରିଥିଲେ। ଭାଗ୍ୟ ବଳରେ ଏକାଧିକ ଜୀବନଦାନ ପାଇ ୮୧ ରନର ପାଳି ଖେଳିଥିବା ସିଦ୍ରା ଅମିନ ଆଉଟ୍ ହେବା ପରେ ପାକିସ୍ତାନ ପାଳି ତାସ୍ ଘର ଭଳି ଭୁଶୁଡ଼ି ଯାଇଥିଲା। କ୍ରାନ୍ତି ଗେଡ଼ (୩/୨୦) ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଥିଲେ। ଏହି ପରାଜୟ ପରେ ପାକିସ୍ତାନ କ୍ରିକେଟ୍ ପ୍ରଶଂସକମାନେ ପୁଣି ଥରେ ନିଜ ଜାତୀୟ ଦଳର ଖେଳାଳିଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ନିଜ ଦଳକୁ ଭୀଷଣ ଟ୍ରୋଲ୍ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ପ୍ରଶଂସକ ବେଶ୍ ଉଲ୍ଲସିତ ଥିଲା ବେଳେ ସାରା ଦେଶରେ ଖୁସିର ଲହରି ଖେଳି ଯାଇଛି।



କୋହଲା ପାଗ, ଫ୍ଲଡ୍ ଲାଇଟ୍ ତଥା ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ଭାରତୀୟ ଶୀର୍ଷକ୍ରମ ବ୍ୟାଟର୍ସମାନେ ପ୍ରତିଟି ରନ୍ ପାଇଁ ସଂଘର୍ଷ କରିଥିଲେ। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତର ୮ଜଣ ବ୍ୟାଟର୍ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର୍ରେ ରୂପାନ୍ତର କରିପାରି ନଥିଲେ। ତାରକା ବ୍ୟାଟର୍ ସ୍ମୃତି ମନ୍ଧାନା ଓ ପ୍ରତୀକା ରାୱଲ ପ୍ରଥମ ୱିକେଟରେ ୪୮ ରନ୍ ଯୋଡ଼ିଥିଲେ। ମନ୍ଧାନା କିନ୍ତୁ ପୁଣି ଥରେ ବିଫଳ ହୋଇ ୨୩ ରନରେ ଅଟକି ଯାଇଥିଲେ। ପ୍ରତୀକା ୩୧, ଅଧିନାୟିକା ହରମନପ୍ରୀତ କୌର ୧୯ ଓ ଜେମିମା ରଡ୍ରିଗ୍ସ ୩୨ ରନ୍ ଆଗକୁ ବି ପାରି ନଥିଲେ। ହର୍ଲିନ ଦେଓଲ ୪୬ ରନର ଉପଯୋଗୀ ପାଳି ଖେଳିଥିଲେ। ଶେଷରେ ରିଚା ଘୋଷଙ୍କ (୩୫, ୨୦ ବଲ୍, ୩ ଛକା, ୨ ଛକା) ବିସ୍ଫୋରକ ପାଳି ବଳରେ ଭାରତ ୨୪୭ ରନ୍ କରିଥିଲା। ଶେଷ ବଲରେ ଶେଷ ୱିକେଟ୍ ହରାଇ ପ୍ରଥମ ଥର ପାଇଁ ପାକିସ୍ତାନ ବିପକ୍ଷରେ ଅଲ୍‌ଆଉଟ୍ ହେବାର ଆଲୋଡ଼ା ରେକର୍ଡ କରିଥିଲା।

ସଂକ୍ଷିପ୍ତ ସ୍କୋର୍ : ଭାରତ ୫୦ ଓଭରରେ ୨୪୭ (ହର୍ଲିନ ଦେଓଲ ୪୬, ରିଚା ଘୋଷ ୩୫, ଜେମିମା ରଡ୍ରିଗ୍ସ ୩୨, ଦୀପ୍ତି ଶର୍ମା ୨୫, ଡାଏଗା ବେଗ୍ ୪/୬୯, ଫତିମା ସାନା ୨/୩୮, ସାଦିଆ ଇକ୍ବାଲ୍ ୨/୪୭)। ପାକିସ୍ତାନ ୪୩ ଓଭରରେ ୧୫୯ (ସିଦ୍ରା ଅମିନ ୮୨, ନତାଲିଆ ପର୍ଭେଜ ୩୩, କ୍ରାନ୍ତି ଗେଡ଼ ୩/୨୦, ଦୀପ୍ତି ଶର୍ମା ୩/୪୫, ସ୍ନେହ ରାଣା ୨/୩୮)।


# ତୃତୀୟ ପତ୍ନୀଙ୍କୁ ଛାଡପତ୍ର ଦେବେ ସୋଏବ ମାଲିକ


ନୂଆଦିଲ୍ଲୀ: ପୂର୍ବତନ ପାକିସ୍ତାନୀ କ୍ରିକେଟର ସୋଏବ ମାଲିକ ପୁଣିଥରେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ଅଛନ୍ତି। ରିପୋର୍ଟ ଅନୁସାରେ ସେ ତାଙ୍କ ତୃତୀୟ ପନୀ ସାନା ଜାଭେଦଙ୍କୁ ଛାଡପତ୍ର ଦେଉଛନ୍ତି। ସୋଏବ ଏବଂ ସାନା ଗତ ବର୍ଷର ପ୍ରଥମ ମାସରେ ବିବାହ କରିଥିଲେ ଏବଂ ସୋସିଆଲ ମିଡିଆରେ ବିବାହ ଫଟୋ ସେୟାର କରିଥିଲେ। ଏବେ କୁହାଯାଉଛି ଯେ ଏହି ଦମ୍ପତି ଅଲଗା ହୋଇ ଛାଡପତ୍ର ନେଉଛନ୍ତି। ସୋଏବ ପୂର୍ବରୁ ତାଙ୍କର ଦ୍ୱିତୀୟ ପନୀ ତଥା ପୂର୍ବତନ ଭାରତୀୟ ଟେନିସ୍ ଷ୍ଟାର ସାନିଆ ମିର୍ଜାଙ୍କୁ ଛାଡପତ୍ର ଦେଇସାରିଛନ୍ତି। ଜାନୁଆରୀ ୨୦୨୪ରେ, ସୋଏବ ଓ ସାନା କରାଚୀରେ ଏକ ବ୍ୟକ୍ତିଗତ ଉତ୍ସବରେ ବିବାହ କରିଥିଲେ। ସୋଏବଙ୍କ ବିବାହ ସେତେବେଳେ ବହୁଳ ଭାବରେ ଆଲୋଚନା ହୋଇଥିଲା। ବିବାହ ପୂର୍ବରୁ, ସୋଏବ ଏବଂ ସାନା ଡେଟ କରୁଥିଲେ। ନିକଟରେ ଏକ କାର୍ଯ୍ୟକ୍ରମରେ ସେମାନଙ୍କୁ ଅଲଗା ଅଲଗା ଆସିଥିବାର ଦେଖାଯିବାରୁ ସେମାନଙ୍କ ଛାଡପତ୍ରର ଗୁଜବ ଜୋର ଧରିଥିଲା। ସେମାନେ ପୁରା କାର୍ଯ୍ୟକ୍ରମରେ ପାଖକୁ ଆସିନଥିଲେ କିମ୍ବା ପରସ୍ପର ସହିତ କଥାବାର୍ତ୍ତା ମଧ୍ୟ କରିନଥିଲେ। ଶୋଏବ ମଲିକ ୨୦୦୨ ମସିହାରେ ଆୟେଶା ସିଦ୍ଦିକିଙ୍କୁ ପ୍ରଥମ ବିବାହ କରିଥିଲେ ଏବଂ ୨୦୧୦ ମସିହାରେ ସେମାନଙ୍କର ବିବାହ ଶେଷ ହୋଇଥିଲା। ପ୍ରଥମ ଛାଡପତ୍ର ପରେ, ସୋଏବ ୨୦୧୦ ମସିହାରେ ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ, ଯାହାକୁ ଭାରତରେ ବହୁତ ବିରୋଧ କରାଯାଇଥିଲା। ସୋଏବ ଏବଂ ସାନିଆଙ୍କ ସମ୍ପର୍କ ୧୩ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା ଏବଂ ୨୦୨୩ ମସିହାରେ ସେମାନଙ୍କର ଛାଡପତ୍ର ହୋଇଥିଲା। ସାନିଆଙ୍କଠାରୁ ଛାଡପତ୍ର ପରେ ୨୦୨୪ ମସିହାରେ, ସାନା ଜାଭେଦ ସୋଏବଙ୍କ ଜୀବନରେ ପ୍ରବେଶ କରିଥିଲେ ଏବଂ ସେମାନେ ଜାନୁଆରୀ ୨୦୨୪ ମସିହାରେ ବିବାହ କରିଥିଲେ।





## ରାଜ୍ୟସ୍ତରୀୟ ଅସୀ ଚାଳନାରେ ଭାଗ ନେବେ ସମ୍ବଲପୁରର ୫୦ଖେଳାଳୀ


ସମ୍ବଲପୁର, (ସବ୍ୟୁ): କଟକ ଜବାହାରଲାଲ ନେହେରୁ ଷ୍ଟାଡିୟମ ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଅସୀ ଚାଳନା ପ୍ରତିଯୋଗିତାରେ ସମ୍ବଲପୁରର ୫୦ଜଣ ଖେଳାଳୀ ଭାଗ ନେବେ । ଏହାପୂର୍ବରୁ ସ୍ଥାନୀୟ କୋଶଳ ମଣ୍ଡପ ଧନୁପାଲି ଠାରେ ଚୟନ ଶିବିର ହୋଇଥିଲା । ଯୋଗ୍ୟ ଖେଳାଳୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି । ଜିଲ୍ଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ତି କୃତି ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଖେଳାଳୀଙ୍କୁ କୋଚ ରଶ୍ମିତା ପୁରୋହିତ ଓ ସୂର୍ଯ୍ୟକାନ୍ତ ବେହେରା ତାଲିମ ପ୍ରଦାନ କରିଛନ୍ତି।



# ବାଲୁକା କଳାରେ ଟିଟି

ଭୁବନେଶ୍ୱର: ଭୁବନେଶ୍ୱରରେ ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୨୮ତମ ଏସିଆନ୍ ଟେବୁଲ ଟେନିସର ଦଳଗତ ପ୍ରତିଯୋଗିତା। ଏହି ୫ଦିନିଆ ପ୍ରତିଯୋଗିତାରେ ୨୨ଟି ଦେଶରୁ ପ୍ରାୟ ୫୦୦ ପାଖାପାଖି ଖେଳାଳି ଏବଂ ମ୍ୟାଚ୍ ଅଧିକାରୀ ଭାଗ ନେବାର ସମ୍ଭାବନା ରହିଛି। ଭାରତରେ ୧୬ ବର୍ଷ ପରେ ଏହି ପ୍ରତିଯୋଗିତା ଆୟୋଜନ ହେଉଥିବା ବେଳେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଆନ୍ତଃମହାଦେଶୀୟ ଦୁଇ ବାର୍ଷିକୀ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଚୀନ, ଜାପାନ, ଦକ୍ଷିଣ କୋରିଆ ଆଦି ବିଶ୍ୱର ଶ୍ରେଷ୍ଠ ଦଳ ଏବଂ ତାରକା ଟିଟି ଖେଳାଳିମାନେ ନିଜ ନିଜର ପରାକ୍ରମ ଦେଖାଇବେ। ଏହି ପ୍ରତିଯୋଗିତାର ପ୍ରଚାର ଏବଂ ଓଡ଼ିଶାରେ ଟେବୁଲ ଟେନିସର ପ୍ରସାର ବୃଦ୍ଧି କରିବା ନିମନ୍ତେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘ ଏବଂ ଓଡ଼ିଶା ସରକାରଙ୍କ ତରଫରୁ ଏକାଧିକ ପଦକ୍ଷେପ ନିଆଯାଇଛି ।



ଏହି କ୍ରମରେ ରବିବାର ପୁରୀର ଲାଇଟ୍ ହାଉସଠାରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଉଦ୍ୟମରେ ଟେବୁଲ ଟେନିସକୁ ନେଇ ଏକ ବାଲୁକା କଳାକୃତିର ପ୍ରଦର୍ଶନ ହୋଇଥିଲା। ୧୮ ଫୁଟ ଲମ୍ବା ଏବଂ ୭ ଫୁଟ ଉଚ୍ଚ ଏହି କଳାକୃତି ପ୍ରସ୍ତୁତ କରିବା ପାଇଁ ଘଣ୍ଟାଧିକ ସମୟ ଲାଗିଥିଲା। ଏଥିରେ ଏସିଆର ଶ୍ରେଷ୍ଠ ଟିଟି ଖେଳାଳ ଭୁବନେଶ୍ୱର ଆସୁଛନ୍ତି ଏବଂ ଏହି କଳାକୃତି ସହିତ ଓଲି ମାସ୍କଟ୍ ଠିଆ ହୋଇ ଏହି ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ପ୍ରସ୍ତୁତ ବୋଲି ବାର୍ତ୍ତା ଦେଇଥିଲା। ଏହି କଳାକୃତି ଦେଖିବା ଏବଂ ଏହା ସହ ଫଟୋ ଉଠାଇବା ପାଇଁ ଅନେକ ଲୋକ ଆଗ୍ରହ ଦେଖାଇଥିଲେ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି